ପୃଷ୍ଠା-୮+୮

# ଧରିତ୍ରୀ
DHARITRI

୪୭ଶ ଭାଗ ୩୫୨ ସଂଖ୍ୟା | ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୮/୨୦୨୧ (୮+୮=୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Thursday, November 18/2021 | ★★★★

www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ମାଓବାଦୀଙ୍କ କବଳରୁ ମୁକୁଳିଥିବା ଅଜୟଙ୍କ ସହ ଅର୍ପିତା।

# ସ୍ତ୍ରୀର ପଣ ଜିତିଲା

## ମାଓବାଦୀଙ୍କ କବଳରୁ ମୁକୁଳିଲେ କନିଷ୍ଠଯନ୍ତ୍ରୀ

ମାଲକାନଗିରି,୧୭।୧୧ (ଡି.ଏନ୍.ଏ.)

ଶେଷରେ ଜଣେ ସ୍ତ୍ରୀର ପଣ ଜିତିଛି। ମାଓବାଦୀମାନେ ଅପହରଣ କରି ନେଇଥିବା ଉକ୍ତ ମହିଳାଙ୍କ ସ୍ୱାମୀ କନିଷ୍ଠଯନ୍ତ୍ରୀ ଅଜୟ ରୋଶନ ଲାକ୍ରାଙ୍କୁ ଛାଡିଛନ୍ତି। ଅଜୟଙ୍କ ମୁକ୍ତି ପାଇଁ ପ୍ରଶାସନ ଆଗେଇ ନ ଆସିବାରୁ ତାଙ୍କ ସ୍ତ୍ରୀ ଅର୍ପିତା ଏ ଦିଗରେ ଅଣ୍ଟା ଭିଡିଥିଲେ। ୩ବର୍ଷର ପୁଅକୁ କୋଳରେ ଧରି ଅଜୟଙ୍କୁ ଖୋଜିବାକୁ ଜଙ୍ଗଲ ଭିତରକୁ ଯାଇଥିଲେ। ଅର୍ପିତାଙ୍କ ଆକୁଳ ନିବେଦନ ଆଗରେ ମାଓବାଦୀମାନେ ତରଳିଯାଇଥିଲେ। ମାନବିକତାର ପରିଚୟ ଦେଇ ସେମାନେ କନିଷ୍ଠଯନ୍ତ୍ରୀ ଅଜୟଙ୍କୁ ମୁକ୍ତ କରିଛନ୍ତି। ଉଭୟେ ସ୍ତ୍ରୀ ସ୍ୱାମୀ ଛୋଟ ପୁଅ ସହ ଖୁସିରେ ଘରକୁ ଫେରିଛନ୍ତି।

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାର ମନଖଲି ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା କାର୍ଯ୍ୟର ତଦାରଖ ଲାଗି କନିଷ୍ଠ ଯନ୍ତ୍ରୀ ଅଜୟ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ ଲକ୍ଷ୍ମଣ ପିତାଗିରିଙ୍କୁ ସାଙ୍ଗରେ ଧରି ଗତ ଗୁରୁବାର ଯାଇଥିଲେ। ସେହି ଅଞ୍ଚଳରୁ ମାଓବାଦୀମାନେ ଏହି ଦୁଇ କର୍ମଚାରୀଙ୍କୁ ଅପହରଣ କରି ନେଇଥିଲେ। ପରବର୍ତ୍ତୀ ସମୟରେ ଏକ ପ୍ରଜାକୋର୍ଟ କରି ଲକ୍ଷ୍ମଣଙ୍କୁ ମାଓବାଦୀମାନେ ଛାଡ଼ି ଦେଇଥିବା ବେଳେ ଅଜୟଙ୍କୁ ଛାଡ଼ି ନ ଥିଲେ। ପ୍ରଶାସନଠାରୁ ନିରାଶ ହେବା ପରେ ଅର୍ପିତା ସ୍ୱାମୀଙ୍କ ମୁକ୍ତି ପାଇଁ ପଣ କରିଥିଲେ। ସେ ଜଙ୍ଗଲରେ ବୁଲି ବୁଲି ମାଓବାଦୀଙ୍କ ନିକଟରେ ନିଜ ସିନ୍ଦୂର ଭିକ୍ଷା କରିଥିଲେ। ତାଙ୍କ ସାହାସିକ ଉଦ୍ୟମ ସଫଳ ହୋଇଛି।

# ୩ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ସୁରେନ୍ଦ୍ର

ଭୁବନେଶ୍ୱର(ବ୍ୟୁରୋ)/ଢେଙ୍କାନାଳ ଅଫିସ୍, ୧୭।୧୧

ମୋବାଇଲରୁ ମୋବାଇଲ୍‌କୁ ଘୂରି ବୁଲୁଥିଲା କଅଁଳ ଶିଶୁଙ୍କ ନଗ୍ନ ଭିଡିଓ। ଏଭଳି ଅଶ୍ଳୀଳତାରେ ଭରା ଫଟୋ ଏବଂ ଭିଡିଓ ସାଜିଥିଲା ରୋଜଗାରର ମାଧ୍ୟମ। ଏହାକୁ ବିଭିନ୍ନ ସୋସିଆଲ୍ ମିଡିଆ ସାଇଟ୍ ସମେତ ହ୍ୱାଟ୍‌ସଆପ୍ ଏବଂ ଟେଲିଗ୍ରାମ ଗ୍ରୁପ୍‌ରେ ଶେୟାର କରି ଅଜସ୍ର ବୈଦେଶିକ ମୁଦ୍ରା ଅର୍ଜନ କରିବାକୁ ଲକ୍ଷ୍ୟ ରଖିଥିଲେ ଅଭିଯୁକ୍ତ। ସାରା ଦେଶରେ ଏଭଳି ଏକ ର୍‌ୟାକେଟ୍ ଚାଲିଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସ୍ପଷ୍ଟ ସୂଚନା ମିଳିବା ପରେ ଆରମ୍ଭ ହୋଇଛି ଖୋଳତାଡ଼। ଚାଇଲ୍ଡ ପର୍ନୋଗ୍ରାଫିର ଓଡ଼ିଶା ଲିଙ୍କ୍ ରହିଥିବା ଜଣାପଡ଼ିବା ପରେ ସିବିଆଇ ପଞ୍ଝାରେ ପଡ଼ିଛନ୍ତି ଢେଙ୍କାନାଳ ସହର ଜୁବିଲି ଟାଉନ ଯଦୁପତିନଗର କଲୋନୀ ସାହିର ଯୁବକ ସୁରେନ୍ଦ୍ର ନାୟକ (୨୨)। ମଙ୍ଗଳବାର ଦିଲ୍ଲୀ, କୋଲକାତା ଏବଂ ଭୁବନେଶ୍ୱରରୁ ଆସିଥିବା ସିବିଆଇର ୫ଜଣିଆ ଟିମ୍ ଅତର୍କିତ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଅଶ୍ଳୀଳ ଭିଡିଓ କାରବାର ସମ୍ପର୍କିତ ଅନେକ ତଥ୍ୟ ପାଇଥିଲେ। ଏହାପରେ ଗିରଫ ସୁରେନ୍ଦ୍ରଙ୍କୁ ଗିରଫ କରାଯାଇ ବୁଧବାର ଭୁବନେଶ୍ୱରସ୍ଥିତ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କୁ ୭ଦିନିଆ ଟ୍ରାନ୍‌ଜିଟ୍ ରିମାଣ୍ଡରେ ନେବାକୁ ସିବିଆଇ ଆବେଦନ କରିଥିଲା। ହେଲେ ୩ଦିନ ଟ୍ରାନ୍‌ଜିଟ୍ ରିମାଣ୍ଡ ଅନୁମତି କୋର୍ଟ ଦେଇଛନ୍ତି। ପରେ ସୁରେନ୍ଦ୍ରଙ୍କୁ ସିବିଆଇ ଟିମ୍ ଦିଲ୍ଲୀ ନେଇଯାଇଛନ୍ତି।

**ଚାଇଲ୍ଡ ପର୍ନ ଲିଙ୍କ୍ ମାମଲା**



ସୁରେନ୍ଦ୍ର ନାୟକ

ଚାଇଲ୍ଡ ପର୍ନକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ପ୍ରସାରଣ କରୁଥିଲେ ସୁରେନ୍ଦ୍ର। ଢେଙ୍କାନାଳ ସହରରୁ ଚାରିଆଡ଼କୁ ବ୍ୟାପିଥିଲା ଏହାର ଚେର। ଦେଶୀ ଏମ୍ଏମ୍ଏସ୍ ୱେବସାଇଟ୍ ମାଧ୍ୟମରେ ଅଶ୍ଳୀଳ ଭିଡିଓ ଡାଉନ୍‌ଲୋଡ୍ କରି ସୋସିଆଲ ମଡିଆର ବିଭିନ୍ନ ଗ୍ରୁପ୍‌ରେ ଶେୟାର ☞ପୃଷ୍ଠା-୪

# ବିନୟାନନ୍ଦ ଝା ଗୃହ ବିଭାଗ ଓଏସ୍‌ଡି

■ ଏଲ. ଦିବ୍ୟା ଭି ହେଲେ ଢେଙ୍କାନାଳ ଏସ୍‌ପି

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ରାଜ୍ୟ ସରକାର ଆଇପିଏସ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୮୮ ବ୍ୟାଚ ଆଇପିଏସ ଅଫିସର ତଥା ଓଏଚଆରସି ଏଡିଜିପି ବିନୟାନନ୍ଦ ଝାଙ୍କୁ ଗୃହ ବିଭାଗ ଅଫିସର ଅନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମହିଳାଙ୍କ ପାଇଁ ନିବେଶ**







## ୫ ଆତଙ୍କବାଦୀ ନିହତ

ଦକ୍ଷିଣ କଶ୍ମୀର କୁଲଗାମ ଜିଲାର ପୋମ୍ବେ ଏବଂ ଗୋପାଳପୋରାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ବୁଧବାର ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ସେଠାରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ସେହି ସମୟରେ ଆତଙ୍କବାଦୀମାନେ ଗୁଳିଚାଳନା କରିଥିଲେ। ଫଳରେ ସୁରକ୍ଷାକର୍ମୀ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ନିହତଙ୍କ ମଧ୍ୟରେ ଟିଆର୍‌ଏଫ୍ ଆତଙ୍କବାଦୀ ସଙ୍ଗଠନର ଜଣେ କମାଣ୍ଡର ରହିଥିବା ପୋଲିସ ସୂଚନା ଦେଇଛି।

# ‘ଟିଭି ବିତର୍କ ଅଧିକ ପ୍ରଦୂଷଣ କରୁଛି’

## ସ୍ଥାଣୁ ପ୍ରଶାସନକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୧୭।୧୧

ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ହେଉଥିବା ବିତର୍କ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପ୍ରଦୂଷଣ କରୁଥିବା ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ଅଦାଲତରେ ଦିଆଯାଉଥିବା ବିବୃତି ବାହାରେ ଅନେକ କଥା କୁହାଯାଉଥିବାରୁ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରତ୍ୟେକଙ୍କର ନିଜସ୍ୱ ଏଜେଣ୍ଡା ରହୁଛି ଏବଂ ବିଷୟବସ୍ତୁ ବାହାରେ ବହୁତ କଥା କୁହାଯାଇ ବିବାଦ ସୃଷ୍ଟି କରାଯାଉଛି। ପରେ ପରସ୍ପରକୁ ଦୋଷାରୋପ କରାଯାଉଛି ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଦିଲ୍ଲୀ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବାୟୁପ୍ରଦୂଷଣକୁ ନେଇ ପିଟିଶନର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଳତ ଉପରୋକ୍ତ ମତ ଦେଇଛନ୍ତି।

ଅଦାଲତରେ ଦିଲ୍ଲୀ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି ଉପସ୍ଥିତ ରହି ପ୍ରଦୂଷଣ ପାଇଁ ନଡ଼ା ପୋଡ଼ି ଘଟଣାକୁ ଦାୟୀ କରିଥିଲେ। ଏହାର ସମାଧାନ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ସଲିସିଟର ଜେନେରାଲ ତୁଷାର ମେହେଟା ଟିଭି ବିତର୍କ କଥା ଉଠାଇଥିଲେ। ବାୟୁ ପ୍ରଦୂଷଣରେ ନଡ଼ାପୋଡ଼ି ଭୂମିକାକୁ ନେଇ ସେ ଅଦାଲତଙ୍କୁ ବିଭ୍ରାନ୍ତ କରିଥିବାର ଟେଲିଭିଜନ ଚ୍ୟାନେଲରେ ବିତର୍କ କରାଯାଉଛି। ଆମେ ବିଭ୍ରାନ୍ତ ହେଉନାହୁଁ ବୋଲି ଖଣ୍ଡପୀଠ କହିଥିଲେ। ଯଦି ଆମେ ସ୍ୱଚ୍ଛ ଏବଂ ଆମର ବିବେକର ଆହ୍ୱାନ ସ୍ୱଚ୍ଛ ତେବେ ସେସବୁକୁ ଭୁଲିଯାଅ। ଏଭଳି ସମାଲୋଚନା ରହିବ। ଆମକୁ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ କହିଥିଲେ।

ଦିଲ୍ଲୀ ବାୟୁ ପ୍ରଦୂଷଣ ରୋକିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ। ଅମଲାତନ୍ତ୍ର ସ୍ଥାଣୁ ପାଲଟି ଯାଇଛି। କିଛି ନିଷ୍ପତ୍ତି ନେବାକୁ ଚାହୁଁନାହିଁ। କେବଳ କୋର୍ଟ ନିର୍ଦ୍ଦେଶ ଉପରେ ନିର୍ଭର କରୁଛନ୍ତି। ଅମଲାତନ୍ତ୍ରର ଏଭଳି ସ୍ଥାଣୁତା ଦୁର୍ଭାଗ୍ୟଜନକ ବୋଲି ଖଣ୍ଡପୀଠ କହିଥିଲେ।

ସୂଚନାଯୋଗ୍ୟ ରାଜଧାନୀର ବାୟୁ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ପରେ ମଙ୍ଗଳବାର କେନ୍ଦ୍ର ସରକାର ୪ ରାଜ୍ୟ ମୁଖ୍ୟ ସଚିବମାନଙ୍କ ବୈଠକ ଡାକିଥିଲେ। ଦିଲ୍ଲୀର ୧୧ ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ମଧ୍ୟରୁ ୬ଟିକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସ୍କୁଲଗୁଡ଼ିକୁ ପରବର୍ତ୍ତୀ ବନ୍ଦ କରିଦିଆଯାଇଥିବାବେଳେ ହଜାର ହଜାର କର୍ମଚାରୀଙ୍କୁ ଘରେ ରହି କାର୍ଯ୍ୟ କରିବା ଏବଂ ନିସ୍ୱ ଗାଡ଼ି ବଦଳରେ ସର୍ବସାଧାରଣ ଗାଡ଼ି ବ୍ୟବହାର କରିବାକୁ କୁହାଯାଇଛି। ଆସନ୍ତା ସପ୍ତାହରୁ ହରିୟାଣା ସରକାର ଗୁରୁଗ୍ରାମ, ଫରିଦାବାଦ, ଝାଜର, ସୋନିପତ ଜିଲାରେ ଗାଡ଼ି ଚଳାଚଳରେ ଯୁଗ୍ମ ଅଯୁଗ୍ମ ନୀତି ଲାଗୁ କରିବେ ବୋଲି ଘୋଷଣା କରିଛନ୍ତି। ମଙ୍ଗଳବାର ଡକାଯାଇଥିବା ଜରୁରୀ ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଏନ୍‌ସିଆର୍ ପରିସରରେ ଆସୁଥିବା ହରିୟାଣାର ୧୪ଟି ଜିଲାରେ ନଭେମ୍ବର ୨୨ରୁ ସରକାରୀ କର୍ମଚାରୀଙ୍କୁ ଘରେ ରହି ଅଫିସ କାର୍ଯ୍ୟ କରିବାକୁ କୁହାଯାଇଛି।



ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଝଡ଼ କାନାଡାର ବ୍ରିଟିଶ କଲମ୍ବିଆକୁ ବିପତ୍ତି ଡାକିଆଣିଛି। ଲଗାଣ ବର୍ଷା ଯୋଗୁ ବହୁ ଅଞ୍ଚଳ ଜଳମଗ୍ନ ହୋଇଯାଇଥିବାବେଳେ ଘରଦ୍ୱାର ବୁଡ଼ି ଯାଇଛି। ରେଳ ଯୋଗାଯୋଗ ଓ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି। ବର୍ଷା ବିପ୍ୱାତରେ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ପ୍ରକୃତ ସଂଖ୍ୟା ଢେର ବେଶି ବୋଲି ଆଶଙ୍କା କରାଯାଉଛି। ଆବୋଟ୍ସଫର୍ଡରେ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଜରୁରିକାଳୀନ ସ୍ଥିତି ଘୋଷଣା କରାଯାଇଛି।

## ସଂକ୍ଷେପରେ

### ଇଡି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା



ସଞ୍ଜୟ କୁମାର ମିଶ୍ର

**ନୂଆଦିଲ୍ଲୀ, ୧୭।୧୧:** କେନ୍ଦ୍ର ସରକାର ଅଧାଦେଶ ଜାରି କରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ରଙ୍କ କାର୍ଯ୍ୟକାଳକୁ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଗୁରୁବାର ସେ ଅବସର ନେଇଥାନ୍ତେ। ନୂଆ ନିର୍ଦ୍ଦେଶନାମା ବଳରେ ସେ ୨୦୨୨ ନଭେମ୍ବର ୧୮ ପର୍ଯ୍ୟନ୍ତ ଇଡି ମୁଖ୍ୟ ଦାୟିତ୍ୱରେ ରହିବେ। ପୂର୍ବରୁ ସିବିଆଇ ଏବଂ ଇଡି ମୁଖ୍ୟଙ୍କ କାର୍ଯ୍ୟକାଳ ୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରୁଥିଲା। ଅଧାଦେଶ ବଳରେ ଏହାକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଦୁଇ ବର୍ଷ ଶେଷ କଲା ପରେ ସେମାନଙ୍କ କାର୍ଯ୍ୟ ସମୟ ୧ ବର୍ଷ ଲେଖାଏଁ ୩ ଥର ବଢ଼ାଯାଇପାରିବ ବୋଲି ଅଧାଦେଶରେ ବ୍ୟବସ୍ଥା ରହିଛି। ଗତବର୍ଷ ନଭେମ୍ବର ୧୩ରେ ସଞ୍ଜୟଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଏଥିରେ ହସ୍ତକ୍ଷେପ କରିବାକୁ ବିଚାରପତିମାନେ ମନା କରିଥିଲେ। କେବଳ ବିରଳ ମାମଲାରେ କାର୍ଯ୍ୟକାଳ ବୃଦ୍ଧି କରାଯାଇପାରିବ ବୋଲି ଖଣ୍ଡପୀଠ କହିଥିଲେ। ଗତ ରବିବାର ଲାଗୁ ହୋଇଥିବା ଅଧାଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି।

### ଜୁଲାଇରୁ ବିବାହ କରିପାରିବେ ସମଲିଙ୍ଗୀ

**ଜେନେଭା, ୧୭।୧୧:** ଆସନ୍ତା ବର୍ଷ ଜୁଲାଇ ପହିଲାରୁ ସୁଇଜରଲାଣ୍ଡରେ ସମଲିଙ୍ଗୀମାନେ ବିବାହ କରିପାରିବେ। ଏ ନେଇ ସୁଇଜରଲାଣ୍ଡ ସରକାର ବୁଧବାର ଘୋଷଣା କରିଛନ୍ତି। ଗତ ସେପ୍ଟେମ୍ବରରେ ହୋଇଥିବା ଏକ ଜନମତ ସର୍ଭେରେ ସମଲିଙ୍ଗୀ ବିବାହ ସପକ୍ଷରେ ବିପୁଳ ଭୋଟ ମିଳିଥିଲା। ଫେଡେରାଲ କାଉନସିଲ ପକ୍ଷରୁ କୁହାଯାଇଛି, ଆସନ୍ତା ଜାନୁୟାରୀ ୧ରୁ ଦେଶ ବାହାରେ ବିବାହ କରିଥିବା ସମଲିଙ୍ଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସମ୍ପର୍କକୁ ମାନ୍ୟତା ଦିଆଯିବ। ଜୁଲାଇ ମଧ୍ୟରେ ସେମାନେ ପଞ୍ଜୀକୃତ ସହଯୋଗୀରୁ ବିବାହିତ ମାନ୍ୟତା ପାଇଁ ଆବେଦନ କରିବେ। ସରକାରଙ୍କ ଏପରି ନିଷ୍ପତ୍ତିକୁ ଜନସାଧାରଣ ସ୍ୱାଗତ କରିଛନ୍ତି। ୩୦ ବର୍ଷର ସଂଗ୍ରାମ ଶେଷ ହୋଇଛି ବୋଲି ‘ବିବାହ ସମସ୍ତଙ୍କ ପାଇଁ’ ଅଭିଯାନର ନେତୃତ୍ୱ ନେଇଥିବା ମାରିଆ ଭୋନ୍ କାନେଲ କହିଛନ୍ତି।

### ‘ଗାନ୍ଧୀ-ନେତାଜୀଙ୍କ ସମ୍ପର୍କ ସହଜ ନ ଥିଲା’



ଅନିତା ବୋଷ

**ଜେନେଭା, ୧୭।୧୧:** ମହାତ୍ମା ଗାନ୍ଧୀ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମଧ୍ୟରେ କଷ୍ଟକର ସମ୍ପର୍କ ଥିଲା। ନେତାଜୀଙ୍କୁ ନିୟନ୍ତ୍ରଣରେ ରଖିବା କଷ୍ଟକର ବୋଲି ଗାନ୍ଧିଜୀ ଭାବୁଥିଲେ। ହେଲେ ନେତାଜୀ ଗାନ୍ଧିଜୀଙ୍କ ବଡ଼ ପ୍ରଶଂସକ ଥିଲେ ବୋଲି ବୋଷଙ୍କ ଝିଅ ଅନିତା ବୋଷ ଫାଫ୍ କହିଛନ୍ତି। ପଣ୍ଡିତ ଜବାହରଲାଲ ନେହେରୁ ଏବଂ ଗାନ୍ଧିଜୀ ବ୍ରିଟିଶଙ୍କ ହାତରେ ନେତାଜୀଙ୍କୁ ଟେକି ଦେବାକୁ ପ୍ରସ୍ତୁତ ଥିଲେ ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ବକ୍ତବ୍ୟରେ ଅନିତା ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଏହି ମନ୍ତବ୍ୟ ଦେଇଛନ୍ତି। ଉଭୟ ନେତାଜୀ ଏବଂ ଗାନ୍ଧିଜୀ ମହାନ୍ ସ୍ୱାଧୀନତା ସଂଗ୍ରାମୀ। ଜଣକ ବିନା ଅନ୍ୟ ଜଣେ ଅସମ୍ପୂର୍ଣ୍ଣ ଥିଲେ। ହେଲେ କେବଳ ଅହିଂସା ନୀତି ପାଇଁ ଦେଶ ସ୍ୱାଧୀନ ହୋଇଛି ବୋଲି କିଛି କଂଗ୍ରେସ ନେତା ଦୀର୍ଘ ଦିନରୁ କହିଆସୁଛନ୍ତି। କିନ୍ତୁ ତାହା ବାସ୍ତବ ନୁହେଁ। ନେତାଜୀ ଏବଂ ଭାରତୀୟ ଜାତୀୟ ସେନା(ଆଇଏନ୍‌ଏ) ସ୍ୱାଧୀନତା ଆଣିବାକୁ କରିଥିବା କାମ ସମସ୍ତଙ୍କୁ ଜଣା ବୋଲି ଅନିତା କହିଛନ୍ତି।

## ଦକ୍ଷିଣ ଆଫ୍ରିକା ପୂର୍ବତନ ରାଷ୍ଟ୍ରପତି ଡି କ୍ଲର୍କଙ୍କ ପରଲୋକ



ଜୋହାନ୍ସବର୍ଗ, ୧୭।୧୧

ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଫ୍ରେଡ୍ରିକ୍ ୱିଲିୟମ ଡି କ୍ଲର୍କଙ୍କ ଗତ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ଗତ ମାର୍ଚ୍ଚରେ ସେ ଫୁସ୍‌ଫୁସ୍ କ୍ୟାନ୍ସରରେ ପୀଡ଼ିତ ଥିବା ସ୍ୱାସ୍ଥ୍ୟ ପରୀକ୍ଷାରୁ ଜଣାପଡ଼ିଥିଲା। ୧୯୮୯ରୁ ୧୯୯୪ ପର୍ଯ୍ୟନ୍ତ ଡି କ୍ଲର୍କ ରାଷ୍ଟ୍ରପତି ଥିଲେ। ସେ ଦକ୍ଷିଣ ଆଫ୍ରିକାର ଶେଷ ଶ୍ୱେତାଙ୍ଗ ରାଷ୍ଟ୍ରପତି ବୋଲି କୁହାଯାଏ। ତାଙ୍କ ଶାସନକାଳରେ ଗଣତନ୍ତ୍ର ସପକ୍ଷବାଦୀ ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସ ଉପରୁ କଟକଣା ହଟିବା ସହ ବର୍ଣ୍ଣ ବୈଷମ୍ୟ ବିରୋଧରେ ଲଢ଼େଇ କରୁଥିବା ନେଲସନ ମାଣ୍ଡେଲାଙ୍କୁ ମୁକ୍ତ କରାଯାଇଥିଲା। ଦେଶରେ ଗଣତନ୍ତ୍ର ସ୍ଥାପନ ପାଇଁ ୧୯୯୪ରେ ଡି କ୍ଲର୍କ ପ୍ରଥମେ ସବୁବର୍ଗର ଲୋକଙ୍କୁ ନେଇ ପ୍ରଥମ ନିର୍ବାଚନ କରାଇଥିଲେ। ଫଳରେ ୧୯୯୪ରୁ ୧୯୯୯ ପର୍ଯ୍ୟନ୍ତ ମଣ୍ଡେଲା ଦେଶର ପ୍ରଥମ ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ହୋଇଥିଲେ। ମଣ୍ଡେଲାଙ୍କ ସହ ମିଶି ସେ ଦେଶରୁ ବର୍ଣ୍ଣବୈଷମ୍ୟ ନୀତି ହଟାଇଥିଲେ। ୧୯୯୩ରେ ଉଭୟଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ପରମବୀର ପଳାତକ

ମୁମ୍ବାଇ, ୧୭।୧୧(ପି.ଟି.)



ବେଆଇନ ବଟିଆଦାୟ କରିବା ମାମଲାରେ ମୁମ୍ବାଇ ପୋଲିସ୍‌ର ପୂର୍ବତନ କମିଶନର ପରମବୀର ସିଂଙ୍କୁ ବୁଧବାର ମୁମ୍ବାଇର ଏକ ମାଜିଷ୍ଟ୍ରେଟ କୋର୍ଟ ପ୍ରୋକ୍ଲେମ୍‌ଡ୍ ଅଫେଣ୍ଡର ଘୋଷଣା କରିଛନ୍ତି। ଜାମିନବିହୀନ ଗିରଫ ପରୱାନା ଜାରି ସତ୍ତ୍ୱେ ପରମବୀରଙ୍କ ଖୋଜଖବର ମିଳୁ ନ ଥିବାରୁ ତାଙ୍କୁ ପଳାତକ ଘୋଷଣା କରାଯିବାକୁ ମୁମ୍ବାଇ ପୋଲିସର କ୍ରାଇମ୍ ବ୍ରାଞ୍ଚ ଅଦାଲତଙ୍କୁ ଅନୁରୋଧ କରିଥିଲେ। ୱାରେଣ୍ଟ ଜାରି ସତ୍ତ୍ୱେ ଅଭିଯୁକ୍ତ ହାଜର ନ ହେଲେ ସିଆର୍‌ପିସିର ଧାରା ୮୨ ଅନୁଯାୟୀ କୋର୍ଟ ତାଙ୍କୁ ଘୋଷିତ ଅପରାଧୀ ଭାବେ ନାମିତ କରିପାରିବେ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ପ୍ରୋକ୍ଲେମେଶନ ଜାରି ପରେ ଧାରା ୮୩ ଅନୁଯାୟୀ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇପାରିବେ। ବେଆଇନ ବଟି କାରବାର ମାମଲାରେ ପୂର୍ବତନ ଆସିଷ୍ଟାଣ୍ଟ ପୋଲିସ ଇନ୍ସପେକ୍ଟର ସଚିନ ୱାଜେ, ବିନୟ ସିଂ ଏବଂ ରିୟାଜ ଭଟ୍ଟି ମଧ୍ୟ ଅଭିଯୁକ୍ତ ଅଛନ୍ତି। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଏସ୍.ବି. ଭଜିପାଲେ ଆବେଦନର ଶୁଣାଣି କରି ପରମବୀରଙ୍କ ସମେତ ବିନୟ ଏବଂ ରିୟାଜଙ୍କୁ ମଧ୍ୟ ପ୍ରୋକ୍ଲେମ୍‌ଡ୍ ଅଫେଣ୍ଡର ଘୋଷଣା କରିଛନ୍ତି। ସେମାନେ ବିମଲ ଅଗ୍ରୱାଲ ନାମକ ରିଅଲ ଇଷ୍ଟେଟ୍ ବ୍ୟବସାୟୀ ଓ ହୋଟେଲ ମାଲିକଙ୍କ ଦୁଇଟି ବାର୍ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ ନ କରିବା ପାଇଁ ୯ ଲକ୍ଷ ଟଙ୍କା ବଟି ନେଇଥିଇଥିବା ଅଭିଯୋଗ ହୋଇଥିଲା। ଏଥିସହିତ ଅଭିଯୁକ୍ତମାନେ ବିମଲଙ୍କୁ ସେମାନଙ୍କ ପାଇଁ ୨.୯୨ ଲକ୍ଷ ଟଙ୍କାରେ ଦୁଇଟି ସ୍ମାର୍ଟଫୋନ୍ କିଣିଦେବା ପାଇଁ ବାଧ୍ୟ କରିଥିଲେ।

## ୩୬ ସୋସିଆଲ ମିଡିଆ ପୋଷ୍ଟରେ ହୋଇଥିଲା ମିଛ ପ୍ରଚାର

### ମହାରାଷ୍ଟ୍ର ହିଂସା

ମୁମ୍ବାଇ, ୧୭।୧୧

ତ୍ରିପୁରାରେ ସାମ୍ପ୍ରଦାୟିକ ହିଂସାକୁ ନେଇ ସୋସିଆଲ ମିଡିଆରେ କେତେକ ମିଛ ଖବର ପ୍ରସାରିତ ହୋଇଥିଲା। ଏହାକୁ ନେଇ ଗତ ୧୨ ତାରିଖରେ ମହାରାଷ୍ଟ୍ରର ଅମରାବତୀ, ମାଲେଗାଁଓ ଏବଂ ନାଣ୍ଡେଡ୍ ସହରରେ ହିଂସାକାଣ୍ଡ ଘଟିଥିଲା। ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଆୟୋଜିତ ରାଲି ବେଳେ ଟେକାମାଡ଼ରେ ଅନେକ ପୋଲିସ ଆହତ ହୋଇଥିଲେ। ଅମରାବତୀରେ ଉତ୍ତ୍ୟକ୍ତ ଲୋକେ ଦୋକାନ ବଜାର ଭଙ୍ଗାରୁଜା କରିବା ସହ ବହୁ ଘରୋଇ ସମ୍ପତ୍ତି ନଷ୍ଟ କରିଥିଲେ। ହିଂସାକାଣ୍ଡ ପାଇଁ ମହାରାଷ୍ଟ୍ର ପୋଲିସର ସାଇବର ସେଲ୍ ବିଭାଗ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ମିଛ ଖବରକୁ ଦାୟୀ କରିଛି। ଟୁଇଟରରେ ୨୫ଟି, ଫେସବୁକ୍‌ରେ ୬ ଏବଂ ଇନ୍‌ଷ୍ଟାଗ୍ରାମରେ ୫ଟି ମିଛ ଖବର ପ୍ରସାରିତ ହୋଇଥିବା ବିଭାଗ ପକ୍ଷରୁ ଦାଖଲ ରିପୋର୍ଟରେ କୁହାଯାଇଛି।

# କୁଳଭୂଷଣଙ୍କୁ ମିଳିବ ଅପିଲ ଅଧିକାର

ନୂଆଦିଲ୍ଲୀ, ୧୭।୧୧

### ଆଇସିଜେ ରାୟ କାର୍ଯ୍ୟକାରିତା ଲାଗି ପାକ୍ ପାର୍ଲାମେଣ୍ଟରେ ବିଲ୍ ପାସ୍



ପାକିସ୍ତାନର ସାମରିକ ଅଦାଲତ ଦ୍ୱାରା ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଅପିଲ ଅଧିକାର ଦେବା ଲାଗି ବୁଧବାର ପାକ୍ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଏକ ବିଲ୍ ଗୃହୀତ ହୋଇଛି। ମୃତ୍ୟୁ ଦଣ୍ଡାଦେଶ ବିରୋଧରେ ଅପିଲ କରିବା ଲାଗି କୁଳଭୂଷଣଙ୍କୁ ଅଧିକାର ଦେବା ନିମନ୍ତେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ପାକ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁପ୍ତଚରଗିରି ଏବଂ ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ ଭାରତୀୟ ନୌସେନାର ଅବସରପ୍ରାପ୍ତ ଅଧିକାରୀ କୁଳଭୂଷଣ (୫୧)ଙ୍କୁ ୨୦୧୭ ଏପ୍ରିଲରେ ପାକିସ୍ତାନ ସାମରିକ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା। ଭାରତ ସରକାର ଏହି ଦଣ୍ଡାଦେଶକୁ ଆଇସିଜେରେ ଚ୍ୟାଲେଞ୍ଜ କରିଥିଲେ। ଏଥିସହିତ କୁଳଭୂଷଣଙ୍କୁ ନିଜ ଦେଶର ଦୂତାବାସ ଜରିଆରେ ଆଇନଗତ ସହାୟତାକୁ ପାକିସ୍ତାନ ଅନୁମତି ଦେଉ ନ ଥିବା ସମ୍ପର୍କରେ ନୂଆଦିଲ୍ଲୀ ଜାତିସଂଘ ଅଦାଲତଙ୍କୁ ଜଣାଇଥିଲା। ଆଇସିଜେଙ୍କ ନିର୍ଦ୍ଦେଶ ଅନୁଯାୟୀ କୁଳଭୂଷଣଙ୍କୁ ଅପିଲ୍ ଅଧିକାର ଦେବା ଲାଗି ଗତ ଜୁନ୍‌ରେ ପାକିସ୍ତାନ ଏକ ବିଲ୍ ଆଣିଥିଲା। ତେବେ ଏହି ପ୍ରସ୍ତାବିତ ଆଇନରେ ଆଇସିଜେଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ଲାଗି ବ୍ୟବସ୍ଥା ନ ଥିବା କହି ନୂଆଦିଲ୍ଲୀ ଏହାର ବିରୋଧ କରିଥିଲା। ଦଣ୍ଡାଦେଶର ଉପଯୁକ୍ତ ସମୀକ୍ଷା କରିବା ସହ ପୁନର୍ବିଚାର କରିବା ଲାଗି ଆଇସିଜେ ପାକ୍ ପାର୍ଲାମେଣ୍ଟକୁ ନିର୍ଦ୍ଦେଶ ଦେଇଥିଲେ। ଗତବର୍ଷ ପାକ୍ ସରକାର ଆଇସିଜେ ରୁଲିଂକୁ ନେଇ ପାର୍ଲାମେଣ୍ଟରେ ଏକ ଅଧାଦେଶ ଉପସ୍ଥାପନ କରିଥିଲେ। ସେହିବର୍ଷ ମେ’ ୨୦ରେ ଉକ୍ତ ଅଧାଦେଶ କାର୍ଯ୍ୟକାରୀ ହୋଇଥିଲା। କୁଳଭୂଷଣଙ୍କ ମାମଲାରେ ଏହା ଫଳପ୍ରଦ ସମୀକ୍ଷା ଓ ପୁନର୍ବିଚାର ପାଇଁ ଉପଯୁକ୍ତ ବ୍ୟବସ୍ଥା ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ସେତେବେଳେ କହିଥିଲେ।

# ‘ସେମାନେ ମୋ ଉପରେ ହସୁଛନ୍ତି’

ଶ୍ରୀନଗର, ୧୭।୧୧



ନିହତ ମହମ୍ମଦ ଅଲତାଫ୍ ଭଟ୍ଟଙ୍କ ଝିଅ।

ଜମ୍ମୁ-କଶ୍ମୀରରେ ସୋମବାର ଏନକାଉଣ୍ଟରେ ପ୍ରାଣ ହରାଇଥିବା ସ୍ଥାନୀୟ ବ୍ୟବସାୟୀ ମହମ୍ମଦ ଅଲତାଫ୍ ଭଟ୍ଟଙ୍କ ଝିଅ କାନ୍ଦୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ବହୁଳ ମାତ୍ରାରେ ଶେୟାର କରାଯାଇଛି। ଏଥିରେ ଭଟ୍ଟଙ୍କ ୧୩ ବର୍ଷୀୟ ଝିଅ କହୁଛନ୍ତି, ‘ସକାଳ ୧୦ଟାରେ ତାଙ୍କ ଚାଚାଙ୍କ ନିକଟକୁ ଫୋନ୍ ଆସିଥିଲା। ଫୋନ୍ ଉଠାଇବା ପରେ ସେ କାନ୍ଦିବାରେ ଲାଗିଲେ। ଚିତ୍କାର ଶବ୍ଦ ଶୁଣି ଆଲ୍ଲାଙ୍କୁ ପ୍ରାର୍ଥନା କରିବାରେ ଲାଗିଲି। ମୋ ସମ୍ପର୍କୀୟ ଭାଇ ଯିଏ କି ଜଣେ ସାକ୍ଷୀ, କହିଲେ ମୋ ବାପାଙ୍କୁ ଦୁଇ ଥର ଉଠାଇ ନିଆଯାଇ ପରେ ଛାଡ଼ିଦିଆଯାଇଥିଲା। ତୃତୀୟ ଥର ତାଙ୍କୁ ହତ୍ୟା କରିଦିଆଯାଇଛି। ଅନ୍ୟ ସାକ୍ଷୀଙ୍କୁ ମଧ୍ୟ ମାରି ଦିଆଯାଇଛି। ମୋ ବାପା ଏପରି ନୁହନ୍ତି ବୋଲି କହିବା ପରେ ଅନ୍ୟମାନେ ହସିବାରେ ଲାଗିଲେ। ମୋତେ କଟାକ୍ଷ କରି ଲଜ୍ଜାହୀନ ଭାବେ ସେମାନେ ହସୁଥିଲେ। ଏବେ ମୋ ଭାଇ ଓ ମା’ଙ୍କର କ’ଣ ହେବ। କିଏ ସେମାନଙ୍କ ଯତ୍ନ ନେବ ବୋଲି ସେ ଭିଡିଓରେ ପ୍ରଶ୍ନ କରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ବେଳେ ଅଲତାଫଙ୍କ ମୃତ୍ୟୁ ଘଟିଥିଲା। ଅଲତାଫ୍ ଆତଙ୍କବାଦୀଙ୍କୁ ସହଯୋଗ କରୁଥିଲେ ବୋଲି ଅଭିଯୋଗ ରହିଛି। ଅଲତାଫ ନିର୍ଦ୍ଦୋଷ ଏବଂ ଆତଙ୍କବାଦୀଙ୍କ ସହ ତାଙ୍କର କୌଣସି ଲିଙ୍କ୍ ନ ଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି।

## ଟପିଲା ଡବଲ ଡୋଜ୍ ଟିକା ନେଇଥିବା ଲୋକସଂଖ୍ୟା

ନୂଆଦିଲ୍ଲୀ, ୧୭।୧୧

ଦେଶରେ ପ୍ରଥମ ଥର ପାଇଁ ଡବଲ ଡୋଜ୍ କୋଭିଡ୍ ଟିକା ନେଇଥିବା ଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଗୋଟିଏ ଡୋଜ୍ ନେଇଥିବା ଲୋକସଂଖ୍ୟାକୁ ବୁଧବାର ଅତିକ୍ରମ କରିଛି। ସରକାରୀ ତଥ୍ୟ ଅନୁଯାୟୀ ବୁଧବାର ସକାଳ ୭ଟା ସୁଦ୍ଧା ଦେଶରେ ମୋଟ ୧,୧୩,୬୮,୭୯,୬୮୫ ଡୋଜ୍ କୋଭିଡ୍ ଟିକା ଦିଆଯାଇଛି। ଗତ ୨୪ଘଣ୍ଟା ମଧ୍ୟରେ ୬୭,୮୨,୦୪୨ ଜଣ ଟିକା ନେଇଛନ୍ତି। ପ୍ରଥମ ଡୋଜ୍ ମୋଟ ୭୫,୫୭,୨୪,୦୮୧ଟି ଦିଆଯାଇଥିବାବେଳେ ୩୮,୧୧,୫୫,୬୦୪ଟି ଦ୍ୱିତୀୟ ଡୋଜ୍ ଦିଆଯାଇଛି। ଅର୍ଥାତ୍ ଦେଶରେ ଏବେ ୩୮,୧୧,୫୫,୬୦୪ ଜଣ ଦୁଇଟି ଡୋଜ୍ ଟିକା ନେଇସାରିଲେଣି। କେବଳ ଗୋଟିଏ ଡୋଜ୍ ନେଇଥିବା ଲୋକଙ୍କ ସଂଖ୍ୟା ୩୭,୪୫,୬୮,୪୭୭ ରହିଛି। ଧାର୍ଯ୍ୟ ସମୟ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେଇ ନ ଥିବା ଲୋକଙ୍କୁ ଖୋଜି ଟିକା ଦେବା ପାଇଁ ‘ହର ଘର ଦସ୍ତକ’ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ବେଶ୍ ସଫଳତା ମିଳିଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ କହିଛନ୍ତି। ସଫଳତା ପାଇଁ ସେ ଦେଶବାସୀଙ୍କ ସାମୂହିକ ଉଦ୍ୟମର ପ୍ରଶଂସା କରିଛନ୍ତି। ଏକାଠି ଆମେ କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଜିତିବା ବୋଲି ସେ ଟୁଇଟ୍ କରିଛନ୍ତି।

# ରାକେଶ ଜୈନଙ୍କ ତତ୍ତ୍ୱାବଧାନରେ ତଦନ୍ତ

ନୂଆଦିଲ୍ଲୀ, ୧୭।୧୧(ପି.ଟି.)



ଜଷ୍ଟିସ୍ ରାକେଶ କୁମାର ଜୈନ

### ଲଖିମପୁର ଖେରି ହିଂସା ମାମଲା



ପଞ୍ଜାବ ହରିୟାଣା ହାଇକୋର୍ଟର ପୂର୍ବତନ ବିଚାରପତି ରାକେଶ କୁମାର ଜୈନଙ୍କ ତତ୍ତ୍ୱାବଧାନରେ ଉତ୍ତରପ୍ରଦେଶର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଲଖିମପୁର ଖେରି ହିଂସା ଘଟଣାର ତଦନ୍ତ କରିବ। ସୁପ୍ରିମକୋର୍ଟ ବୁଧବାର ଜଷ୍ଟିସ୍ ରାକେଶଙ୍କୁ ଏସ୍‌ଆଇଟି ତଦନ୍ତର ତଦାରଖ କରିବା ଲାଗି ନିଯୁକ୍ତ କରିଛନ୍ତି। ଏଥିସହିତ ଏସ୍‌ଆଇଟିରେ ଆଇଜି ର୍‍ୟାଙ୍କର ଜଣେ ମହିଳା ପୋଲିସ ଅଧିକାରୀଙ୍କ ସମେତ ୩ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ନିଯୁକ୍ତି ଦେବା ଲାଗି ସର୍ବୋଚ୍ଚ ଅଦାଲତ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଅକ୍ଟୋବର ୩ରେ ୟୁପିର ଲଖିମପୁର ଖେରି ଅଞ୍ଚଳରେ ଚାଷୀ ଆନ୍ଦୋଳନ ଚାଲିଥିବାବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯାଇ ୪ ଜଣ ଚାଷୀଙ୍କ ମୃତ୍ୟୁ ହୋଇଥିଲା। ତତ୍‌ପରବର୍ତ୍ତୀ ହିଂସାରେ ଜଣେ ଖବରଦାତାଙ୍କ ସମେତ ୨ ଭାଜପା କର୍ମୀ ଓ ଜଣେ ଡ୍ରାଇଭରଙ୍କ ଜୀବନ ଯାଇଥିଲା। ମନ୍ତ୍ରୀ ପୁଅ ଗାଡ଼ି ମଡ଼ାଇ ଚାଷୀଙ୍କୁ ହତ୍ୟା କରିବା ଅଭିଯୋଗକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଉତ୍ତରପ୍ରଦେଶ ପୋଲିସ ଦ୍ୱାରା ତଦନ୍ତର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ବାହାର ରାଜ୍ୟ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ସହ ପଞ୍ଜାବ ହରିୟାଣା ହାଇକୋର୍ଟର ଦୁଇଜଣ ପୂର୍ବତନ ବିଚାରପତିଙ୍କ ନାମ ପ୍ରସ୍ତାବ ଦେଇଥିଲେ।

ଗାଡ଼ି ମାଡ଼ିଯାଇ ପ୍ରାଣ ହରାଇଥିବା ୪ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଇଥିବା ବୁଧବାର ଶୁଣାଣି ବେଳେ ଉତ୍ତରପ୍ରଦେଶ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ତେବେ ଉତ୍ତ୍ୟକ୍ତ ଚାଷୀଙ୍କ ମାଡ଼ରେ ପ୍ରାଣ ହରାଇଥିବା ଅଭିଯୁକ୍ତଙ୍କୁ କ୍ଷତିପୂରଣ ଦିଆଯିବ କି ନାହିଁ ସେ ନେଇ ସରକାର ନିଶ୍ଚିତ ନୁହନ୍ତି ବୋଲି କହିଥିଲେ। ଏସ୍‌ଆଇଟି ତଦନ୍ତ ଶେଷ କରି ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପରେ ସର୍ବୋଚ୍ଚ ଅଦାଲତ ମାମଲାର ପରବର୍ତ୍ତୀ ଶୁଣାଣି କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେଲା ଚାଷୀ ଆନ୍ଦୋଳନ ଜାରି ରହିଛି। ଅକ୍ଟୋବର ୩ରେ ଲଖିମପୁର ଖେରିକୁ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଗସ୍ତରେ ଆସୁଥିବାବେଳେ ଏହାକୁ ବିରୋଧ କରି ଚାଷୀ ସେଠାରେ ଆନ୍ଦୋଳନ ଚଳାଇଥିଲେ। ଏହି ସମୟରେ ଆଶିଷ ମିଶ୍ରାଙ୍କ ଗାଡ଼ି ଚାଷୀଙ୍କ ଉପରେ ମାଡ଼ିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାବେଳେ ଗାଡ଼ିରେ ଆଶିଷ ରହିଥିବା ଓ ଚାଷୀଙ୍କ ଉପରେ ଜାଣିଶୁଣି ଗାଡ଼ି ମଡାଇ ଦେଇଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଥିବାବେଳେ ମନ୍ତ୍ରୀ ଅଜୟ ମିଶ୍ରା ଓ ତାଙ୍କ ପୁଅ ଏହାକୁ ଖଣ୍ଡନ କରିଆସୁଛନ୍ତି। ଏହି ହିଂସା ଘଟଣାରେ ୟୁପି ପୋଲିସ ବର୍ତ୍ତମାନ ସୁଦ୍ଧା ଆଶିଷଙ୍କ ସମେତ ୧୩ ଜଣଙ୍କୁ ଗିରଫ କରିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୫,୫୪,୧୪,୮୦୪ | ୫୧,୩୪,୬୮୪ | ୨୩,୦୮,୬୪,୪୧୩ |
| ଭାରତ | ୩,୪୪,୬୬,୫୯୪ | ୪,୬୪,୧୫୩ | ୩,୩୮,୬୩,୮୯୦ |
| ଓଡ଼ିଶା | ୧୦,୪୬,୦୮୮ | ୮୩୮୩(+୫୩) | ୧୦,୩୫,୨୬୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସ୍ୱେଚ୍ଛାକୃତ ଟିକସ ପ୍ରଦାନ ପାଇଁ ଆହ୍ୱାନ

**ଆୟକର ବିଭାଗ ପକ୍ଷରୁ ଟାକ୍ସାଥନ**

**ଭୁବନେଶ୍ୱର,୧୭।୧୧**

ଦେଶ ସ୍ୱାଧୀନ ହେବାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ଉତ୍ସବ ଅନ୍ତର୍ଗତ ଆୟକର ବିଭାଗ ସ୍ଥାନୀୟ କାର୍ଯ୍ୟାଳୟ ପକ୍ଷରୁ 'ଟାକ୍ସାଥନ' ଶୀର୍ଷକ ଏକ ୱାକାଥନ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କ୍ଷେତ୍ରର ପ୍ରିନ୍ସିପାଲ ଚିଫ୍ କମିଶନର ପରନୀତ ସିଂ ସତ୍‌ଦେବ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ୱାକାଥନ ସ୍ଥାନୀୟ ସତ୍‌ସଙ୍ଗ ବିହାର କାର୍ଯ୍ୟାଳୟଠାରୁ ବାହାରି ରସୁଲଗଡ଼, ବାଣୀବିହାର, ରାମମନ୍ଦିର, କଳିଙ୍ଗ ଷ୍ଟାଡିୟମ ହୋଇ ମୁଖ୍ୟ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହା ସହରର ୧୨ କି.ମି. ରାସ୍ତା ଅତିକ୍ରମ କରିଥିଲା। ଏଥିରେ ମୋଟ ୩୦୦ ବ୍ୟକ୍ତି ଯୋଗ ଦେଇଥିଲେ।

ଦେଶ ଗଠନରେ ଟିକସର ଏକ ପ୍ରମୁଖ ଭୂମିକା ରହିଛି। ଏକ୍ଷେତ୍ରରେ ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖୁଛି। ଲୋକମାନେ ପ୍ରଦାନ କରୁଥିବା ଆୟକର କିଭଳି ଦେଶର ବିକାଶ ସହ ଅନ୍ୟ କାର୍ଯ୍ୟରେ ଲାଗୁଛି ସେ ନେଇ ବିଭାଗ ପକ୍ଷରୁ ସଚେତନତା ଲକ୍ଷ୍ୟରେ ଏଭଳି ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ସତ୍‌ଦେବ କହିଛନ୍ତି। ସ୍ୱେଚ୍ଛାକୃତ ଭାବେ ଟିକସଦାତା ଟିକସ ପ୍ରଦାନ ଲାଗି ଆଗେଇ ଆସିବାକୁ ସେ ଏହି ଅବସରରେ ଆହ୍ୱାନ ଜଣାଇଥିଲେ। ଆୟକରର ବିଭିନ୍ନ ଦିଗ ଏବଂ ଗୁରୁତ୍ୱ ଉପରେ କାର୍ଯ୍ୟକ୍ରମରେ ସେ ଗୁରୁତ୍ୱାରୋପ କରିଥିଲା। ବିଭାଗ ପକ୍ଷରୁ ଆଜାଦୀ କା ଅମୃତ ଉତ୍ସବରେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗର କର୍ମଚାରୀଙ୍କ ବ୍ୟତୀତ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, କରଦାତାମାନେ ଭାଗ ନେଇଥିଲେ।

ସ୍ୱେଚ୍ଛାକୃତ ଏବଂ ଠିକ୍ ସମୟରେ ଟିକସ ପ୍ରଦାନ କରିବା ଲାଗି ଲୋକଙ୍କୁ କୁହାଯାଇଥିଲା। ପ୍ଲାକାର୍ଡରେ ଏ ସମ୍ପର୍କିତ ସଚେତନତା ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଆୟକର ବିଭାଗ ନିଜକୁ ଅଧିକ ପାରଦର୍ଶୀ ଏବଂ ଟିକସଦାତା ଅଭିମୁଖୀ କରିବା ଲାଗି ବିଭିନ୍ନ ଉପାୟ ଆପଣାଇଛି। ଏହା ମଧ୍ୟରେ ଫେସ୍‌ଲେସ ସମାକଳନ, ଏକାଦିନରେ ରିଟର୍ନ ପ୍ରକ୍ରିୟାକରଣ, ଆୟକର ସମ୍ବନ୍ଧିତ ମକଦ୍ଦମାର ସଂଖ୍ୟା ହ୍ରାସ, ଇ-ନିବାରଣ ମାଧ୍ୟମରେ ଟିକସଦାତାଙ୍କ ଅଭିଯୋଗ ନିବାରଣ ଭଳି ପ୍ରମୁଖ ଦିଗଗୁଡ଼ିକ ସାମିଲ ରହିଛି।



ଆୟକର ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ଆୟୋଜିତ ୱାକାଥନରେ ଭାଗ ନେଇଥିବା ପ୍ରିନ୍ସିପାଲ ଚିଫ୍ କମିଶନର ପରନୀତ ସିଂ ସତ୍‌ଦେବ, ବିଭାଗୀୟ ଅଧିକାରୀ, କର୍ମଚାରୀ, ସାଧାରଣ ଜନତା।

# ଅନ୍‌ଲାଇନ ପରୀକ୍ଷା ପ୍ରଶ୍ନ ହ୍ୱାଟ୍ସଆପ୍‌ରେ ପଠାଇ ଧରାପଡ଼ିଲେ

**ପରୀକ୍ଷାର୍ଥୀଙ୍କ ଭଉଣୀଙ୍କୁ ଉଠାଇ ନେଲା ପୋଲିସ**

**ବାଲିକୁଦା, ୧୭।୧୧(ସ୍ୱ.ପ୍ର.)**

ଅନ୍‌ଲାଇନ ଯୋଗେ ପରୀକ୍ଷା ଚାଲିଥିବା ବେଳେ ଜଣେ ପରୀକ୍ଷାର୍ଥୀ ଚତୁରତାର ସହ ପ୍ରଶ୍ନପତ୍ରକୁ ମୋବାଇଲ ହ୍ୱାଟ୍‌ସଆପ ଜରିଆରେ ନିଜ ଭଉଣୀ ପାଖକୁ ପଠାଇ ହରଡ଼ ଘଣାରେ ପଡିଛନ୍ତି। ନିଜେ ଧରାପଡି ପୋଲିସ ହେପାଜତ୍‌ରେ ଥିବା ବେଳେ ମଙ୍ଗଳବାର ରାତିରେ କଟକ ଚାଉଳିଆଗଞ୍ଜ ପୋଲିସ ବାଲିକୁଦାରେ ପହଞ୍ଚି ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କ ଭଉଣୀଙ୍କୁ ଉଠାଇ ନେଇଛି। ମିଳିଥିବା ସୂଚନା ମୁତାବକ, ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ଅପଣ୍ଡରା ଗାଁର ବିକାଶ ସେଠୀ କଟକର କୌଣସି ଏକ ପରୀକ୍ଷା କେନ୍ଦ୍ରରେ ଅନ୍‌ଲାଇନ ମାଧ୍ୟମରେ ଚାକିରି ପାଇଁ ପରୀକ୍ଷା ଦେଉଥିଲେ। ପରୀକ୍ଷାରେ ଆସିଥିବା ପ୍ରଶ୍ନକୁ ସେ ନିଜ ମୋବାଇଲ ଯୋଗେ ଗାଁରେ ଥିବା ଭଉଣୀ ପାଖକୁ ପଠାଇ ଦେଉଥିଲେ। ଯାହାକୁ ନେଇ କେନ୍ଦ୍ର ପରିଚାଳକଙ୍କ ସନ୍ଦେହ ହୋଇଥିଲା। ସେ ପରୀକ୍ଷା କେନ୍ଦ୍ରର ସିସି ଟିଭି କ୍ୟାମେରା ତନଖି କରିଥିଲେ। ପରେ ବିକାଶ ପ୍ରଶ୍ନପତ୍ରକୁ ନେଇ କରିଥିବା କେଳେଙ୍କାରୀ ସମ୍ପର୍କରେ ଜଣା ପଡିଥିଲା। ଏହାର ଖୋଲତାଡ ହେବା ପରେ ଅନ୍ୟସବୁ ଘଟଣା ଧୀରେ ଧୀରେ ଧରା ପଡିଯାଇଥିଲା। ସେହି ତଥ୍ୟକୁ ଆଧାର କରି ଚାଉଳିଆଗଞ୍ଜ ପୋଲିସ ମଙ୍ଗଳବାର ରାତିରେ ପହଞ୍ଚି ବାଲିକୁଦା ପୋଲିସ ସହାୟତାରେ ଅପଣ୍ଡରା ଗାଁରୁ ବିକାଶଙ୍କ ଭଉଣୀ ସୌମ୍ୟାଙ୍କୁ ଗିରଫ କରିଥିଲା। ସୌମ୍ୟାଙ୍କୁ ପୋଲିସ ନେଇଯିବା ବେଳେ ତାଙ୍କ ମା' କାନନବାଳା ଝିଅକୁ ଏକା ନ ଛାଡ଼ିବାକୁ ଜିଦ୍ ଧରିଥିଲେ। ପୋଲିସ ଝିଅ ସହ ମା'ଙ୍କୁ ସାଙ୍ଗରେ ନେଇଯାଇଛି। ଉକ୍ତ ଘଟଣା ଅଞ୍ଚଳରେ ଭିନ୍ନ ବାତାବରଣ ସୃଷ୍ଟି କରିଛି।

# ଆରପାରିରେ ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ

**ବାଲିକୁଦା, ୧୭।୧୧(ସ୍ୱ.ପ୍ର.)**

ବାଲିକୁଦାର ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୭୬ବର୍ଷ ହୋଇଥିଲା। ସେ ରାଜ୍ୟ ରାଜନୀତିରେ ଜଣେ ପୋଖତ ରାଜନୀତିଜ୍ଞ ଭାବେ ଜଣାଶୁଣା ଥିଲେ। ୧୯୪୫ ମାର୍ଚ୍ଚ ୧୩ରେ ମାଛଗାଁର ଏକ ଜମିଦାର ପରିବାରରେ ମା' ଲାବଣ୍ୟବତୀ ଓ ବାପା କାର୍ତ୍ତିକଙ୍କ କୋଳ ମଣ୍ଡନ କରିଥିଲେ। ଗାଁ ସ୍କୁଲରୁ ପାଠପଢ଼ା ଶେଷ ପରେ



ନାଉଗାଁ ବ୍ଲକ ଅଲଣାହାଟ ଉଚ୍ଚ ବିଦ୍ୟାଳୟରୁ ସେ ୧୯୬୩ରେ ଏକାଦଶ ଶ୍ରେଣୀ ପାସ କରିବା ପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରୁ ସ୍ନାତକ ପାସ୍ କରି କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଲ' ପଢ଼ିଥିଲେ। ପରେ ସେ ରାଜ୍ୟ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜନତା ଦଳରୁ ନିଜର ରାଜନୈତିକ ଜୀବନ ଆରମ୍ଭକରି ଓ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୭୭ରେ ପ୍ରଥମ ଥର ପାଇଁ ବାଲିକୁଦାର ବିଧାୟକ ଭାବେ ନିର୍ବାଚିତ ହୋଇ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେ ଆଉ ୩ ଥର ବିଧାୟକ ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ୧୯୭୪ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ। ହେଲେ ସେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବାସୁଦେବ ମହାପାତ୍ରଙ୍କଠାରୁ ହାରିଯାଇଥିଲେ। ପରେ ଜନତା ଦଳରୁ ଟିକେଟ ପାଇଥିଲେ ମଧ୍ୟ ୧୯୮୦ରୁ ୯୦ ପର୍ଯ୍ୟନ୍ତ ସେ ଲଗାତର ଦୁଇଥର ନିର୍ବାଚନରେ ପରାଜୟବରଣ କରିଥିଲେ। ୧୯୯୦ରୁ ୯୫ ଜନତା ଦଳରୁ ଟିକେଟ ପାଇ ବାଲିକୁଦାର ବିଧାୟକ ହୋଇଥିଲେ। ଏହାପରେ ସେ କଂଗ୍ରେସ ଟିକଟରୁ ଲଢ଼ି ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ରେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇ ନିଜ ପୁରୁଣା ସଙ୍ଗଠନରେ ଯୋଡ଼ି ହୋଇ ବାଲିକୁଦା-ଏରସମା ରାଜନୀତିରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ବାଲିକୁଦା-ଏରସମା ବିଧାୟକ ତଥା ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ପାରାଦୀପ ବିଧାୟକ ସମ୍ବିତ କୁମାର ରାଉତରାୟ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ଜ୍ୟୋତିଷ ଚନ୍ଦ୍ର ଦାସ, ସୁପ୍ରିମକୋର୍ଟର ଆଇନଜୀବୀ ସୁଶାନ୍ତ କାନୁନ୍‌ଗୋ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀରକୁ ବୁଧବାର ଭୁବନେଶ୍ୱରରୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଚିରାଗ ମୁଖାଗ୍ନି ଦେଇଥିଲେ।

# ବ୍ୟାଙ୍କ ପ୍ରତିନିଧି ସାଜିବେ ମିଶନ ଶକ୍ତି ସଦସ୍ୟ

**ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ**

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଆବଶ୍ୟକସ୍ଥଳେ ମିଶନ ଶକ୍ତି ସଦସ୍ୟାଙ୍କ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଅ। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟାଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟାଙ୍କୁ ସରକାରୀ ବିଭାଗ କାମ ଯୋଗାଇ ଦେବା ସମ୍ପର୍କରେ ଆୟୋଜିତ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଆଲୋଚନାରେ ଭାଗନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ରାଜ୍ୟ ସରକାରଙ୍କ ସବୁ ବିଭାଗ ମିଶନ ଶକ୍ତି ଗୋଷ୍ଠୀର ମା' ମାନଙ୍କୁ କାମ ଯୋଗାଇ ଦେବାପାଇଁ ୩ ବର୍ଷ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ମିଶନ ଶକ୍ତି ବିଭାଗ ସଚିବ ସୁଜାତା କାର୍ତ୍ତିକେୟ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନା ରଖିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ୧୩ଟି ବିଭାଗ ୧ଲକ୍ଷ ୪ ହଜାର ୭୧୨ ମିଶନ ଶକ୍ତି ଗୋଷ୍ଠୀକୁ ୧୨୦୦ କୋଟି ଟଙ୍କାର ବିଜିନେସ୍ ଯୋଗାଇ ଦେଇଛନ୍ତି। ଗୋଷ୍ଠୀ ସଦସ୍ୟମାନେ ୨୯୬ କୋଟି ଟଙ୍କାର ରୋଜଗାର ପାଇଛନ୍ତି। ରାଜ୍ୟର ୬,୭୯୮ ପଞ୍ଚାୟତରୁ ମାତ୍ର ୨,୧୪୯ ଗ୍ରାମରେ ବ୍ୟାଙ୍କ ଶାଖା ରହିଛି। ୪,୬୪୯ ପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ। ଏସବୁ ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟାଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଜାରିରହିଛି। ଅଦ୍ୟାବଧି ୧,୨୬୨ ନିଯୁକ୍ତି ଦିଆସରିଛି। ୩,୫୦୮ ଗୋଷ୍ଠୀର ମା'ମାନଙ୍କର ଚୟନ ପ୍ରକ୍ରିୟା ଚାଲିଛି। ନିଯୁକ୍ତି ପାଇଥିବା ସଦସ୍ୟାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାସିକ ୨୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି ବୋଲି ମିଶନ ଶକ୍ତି ସଚିବ ସୂଚନା ଦେଇଛନ୍ତି। ଯେଉଁ ବିଭାଗ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନାହାନ୍ତି, ସେମାନଙ୍କ ପାଇଁ ଖୁବ୍ ଶୀଘ୍ର ଆଉ ଏକ ସମୀକ୍ଷା ବୈଠକ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ପି.କେ. ଜେନାଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ଥିଲେ।

# ରିମାଣ୍ଡରେ ନିଲମ୍ବିତ ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜର

**ପ୍ରତାପଙ୍କୁ ଘନଘନ ଜେରା କରୁଛି ଭିଜିଲାନ୍ସ**

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେଶନ (ଓପିଏଚ୍‌ଡବ୍ଲ୍ୟୁସି)ର ନିଲମ୍ବିତ ଡେପୁଟି ମ୍ୟାନେଜର ପ୍ରତାପ କୁମାର ସାମଲଙ୍କୁ ଭିଜିଲାନ୍ସ ୨ ଦିନିଆ ରିମାଣ୍ଡରେ ଆଣିଛି। ବେଆଇନ ସମ୍ପତ୍ତିର ଅଧିକ ଗୁମର ଖୋଲିବା ପାଇଁ ମଙ୍ଗଳବାର ସନ୍ଧ୍ୟାରୁ ତାଙ୍କୁ ଘନଘନ ଜେରା ଚାଲିଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତାପ ରାଧାକୃଷ୍ଣ ପ୍ରଡକ୍ସନରେ ଦୁଇଟି ସିନେମା ତିଆରି କରିଥିବାବେଳେ ଏବାବଦକୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିଲେ। ଉକ୍ତ ଦୁଇ ଫିଲ୍ମରେ ସ୍ତ୍ରୀ ସସ୍ମିତା ସାମଲ ଓ ଭଉଣୀ ନମିତା ଦାସଙ୍କୁ ପ୍ରଯୋଜକ ଦର୍ଶାଇଥିଲେ। ଏଥିସହ ପ୍ରତାପ ଓ ତାଙ୍କ ପରିବାର ସଦସ୍ୟଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ



ସନ୍ଦେହଜନକ ଭାବରେ ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମା କରାଯାଇଛି। ପ୍ରତାପ ପ୍ରାୟ ୧ କୋଟି ୩୭ ଲକ୍ଷ ୮୩ ହଜାର ୧୭୪ ଟଙ୍କା ସେୟାର ମାର୍କେଟରେ ଲଗାଇଛନ୍ତି। ତେବେ ଫିଲ୍ମରୁ ସେ କେତେ ଟଙ୍କା ରୋଜଗାର କରିଥିଲେ, ପରିବାର ସଦସ୍ୟ ଓ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିବା ଟଙ୍କା କେଉଁଠୁ ଆସିଲା, ପ୍ରତାପ ପାଖାପାଖି ୧୫ କୋଟି ଟଙ୍କା କେଉଁ ଉତ୍ସରୁ ଉପାର୍ଜନ କଲେ ତାହା ଜାଣିବାକୁ ଭିଜିଲାନ୍ସ ଚେଷ୍ଟା ଚଳାଇଛି। ଅଧିକ ଜେରା କଲେ ଆଉ କିଛି ନୂଆ ତଥ୍ୟ ମିଳିବ ବୋଲି ଭିଜିଲାନ୍ସ ଆଶା ରଖିଛି। ସୂଚନାଯୋଗ୍ୟ, କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସର ୧୦ଟି ଟିମ୍ ଗତ ୯ ତାରିଖରେ ପ୍ରତାପଙ୍କ ଭୁବନେଶ୍ୱରସ୍ଥିତ ଓପିଏଚ୍‌ଡବ୍ଲ୍ୟୁସି କାର୍ଯ୍ୟାଳୟ, ବାଲେଶ୍ୱର ସିମୁଳିଆସ୍ଥିତ ପୈତୃକ ଘର ସମେତ ୯ ସ୍ଥାନରେ ଚଢ଼ାଉ କରି ବହୁ କୋଟିର ସମ୍ପତ୍ତି ଠାବ କରିଥିଲା। ଯାଞ୍ଚବେଳେ ସେ ନିଜ ଆୟର ୧୦୨୧ ପ୍ରତିଶତ ଅଧିକ ଅର୍ଥାତ୍ ମୋଟ ୧୪.୮୭କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ସ୍ପଷ୍ଟ କରିଥିଲା। ସେ ଗିରଫ ହୋଇ ଜେଲ୍ ଯିବା ପରେ ତାଙ୍କୁ ଚାକିରିରୁ ନିଲମ୍ବିନ କରାଯାଇଥିଲା।

# ୨୦୨୨ରେ ସରକାରୀ କର୍ମଚାରୀଙ୍କୁ ମିଳିବ ୧୦୪ଦିନ ଛୁଟି

**ରଘୁନାଥ ମୁର୍ମୁଙ୍କ ଜନ୍ମ ଦିବସକୁ ସରକାରୀ ଛୁଟି ଘୋଷଣା**

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ସାନ୍ତାଳୀ ଭାଷାର ପ୍ରଚାର ତଥା ଅଲିଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ଦିବସ ମେ ୧୬କୁ ସରକାରୀ ଛୁଟି ଘୋଷଣା କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁମୋଦନ କରିଛନ୍ତି। ମୁର୍ମୁଙ୍କ ଜନ୍ମ ବୈଶାଖ ପୂର୍ଣ୍ଣମୀରେ ପଡ଼ିଥାଏ। ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ରାଜ୍ୟ ସରକାର ୨୦୨୨ କ୍ୟାଲେଣ୍ଡର ବର୍ଷ ପାଇଁ ସରକାରୀ ଛୁଟି ତାଲିକା ଘୋଷଣା କରିଛନ୍ତି। ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ମିଶାଇ ଜଣେ କର୍ମଚାରୀ ନିଶ୍ଚିତ ୧୦୪ଦିନ ଛୁଟି ପାଇପାରିବେ। ଜଣେ କର୍ମଚାରୀ ଚାହିଁଲେ ବ୍ୟକ୍ତିଗତ ଛୁଟି ଏହାଠାରୁ ମଧ୍ୟ ଅଧିକ ନେଇପାରିବେ। ଚଳିତବର୍ଷ ତୁଳନାରେ ଆସନ୍ତା ବର୍ଷ ଛୁଟି ସଂଖ୍ୟା ୨ଦିନ ହ୍ରାସ ପାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୨୨ କ୍ୟାଲେଣ୍ଡର ବର୍ଷରେ ରାଜ୍ୟର ସମସ୍ତ ସରକାରୀ ଅଫିସ ତଥା ରାଜସ୍ୱ ଏବଂ ମାଜିଷ୍ଟ୍ରେରିଆଲ କୋର୍ଟ(ଏକ୍‌ଜିକ୍ୟୁଟିଭ) ପାଇଁ ୨୭ ଏବଂ ବ୍ୟାଙ୍କଗୁଡ଼ିକ ପାଇଁ ୧୮ଟି ଛୁଟି ଦିବସ ଘୋଷଣା କରାଯାଇଛି। ଏହି ତାଲିକାରେ ୫ଟି ଇଚ୍ଛାଧୀନ ଛୁଟି ଘୋଷଣା କରାଯାଇଛି। ସେଥିମଧ୍ୟରୁ କେବଳ ଗୋଟିଏ ଛୁଟିକୁ କର୍ମଚାରୀମାନେ ନିଜ ସୁବିଧା ଅନୁସାରେ ନେଇପାରିବେ। ଅର୍ଥାତ୍ ୨୮(୨୭+୧)ଟି ଛୁଟି ଜଣେ କର୍ମଚାରୀଙ୍କୁ ମିଳୁଥିବାବେଳେ ୫୨ଟି ରବିବାର ଏବଂ ୨୪ଟି ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ ମିଶାଇ ମୋଟ ୧୦୪ଟି ଛୁଟି ମିଳିବ। ରାଜ୍ୟ ସରକାର ଯେଉଁ ୫ଟି ଛୁଟିଦିନକୁ ଇଚ୍ଛାଧୀନ ଛୁଟି ତାଲିକାରେ ସାମିଲ କରିଛନ୍ତି ସେଗୁଡ଼ିକ ହେଲା ଜାନୁୟାରୀ ୨୫ ବ୍ରହ୍ମସମାଜ ପ୍ରତିଷ୍ଠା ଦିବସ, ଏପ୍ରିଲ ୧୬ ଇଷ୍ଟର ଶନିବାର, ଏପ୍ରିଲ ୨୭ ଶବ୍-ଇ-କ୍ୱାଦର, ନଭେମ୍ବର ୨ ଅଁଳା ନବମୀ ଓ ନଭେମ୍ବର ୧୧ ପ୍ରଥମାଷ୍ଟମୀ। ରବିବାର ଏବଂ ଦ୍ୱିତୀୟ ଓ ଚତୁର୍ଥ ଶନିବାର ଛୁଟି ଦିନରେ ଆଉ କେତେକ ପର୍ବପର୍ବାଣି ପଡୁଥିବାରୁ ସେଦିନକୁ ସ୍ୱତନ୍ତ୍ର ଭାବେ ଛୁଟି ଘୋଷଣା କରାଯାଇ ନାହିଁ। ଜାନୁୟାରୀ ୨୩ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ, ଏପ୍ରିଲ ୧୦ ରାମନବମୀ, ଜୁଲାଇ ୧୦ ଇଦ୍-ଉଲ୍-ଜୁହା, ସେପ୍ଟେମ୍ବର ୨୫ ମହାଳୟା, ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ, ଅକ୍ଟୋବର ୯ ମହମ୍ମଦ ଜୟନ୍ତୀ, ଡିସେମ୍ବର ୨୫ ଖ୍ରୀଷ୍ଟମାସ ଡେ' ରବିବାର ପଡୁଥିବାରୁ, ଏଥିପାଇଁ ସ୍ୱତନ୍ତ୍ର ଭାବେ ଛୁଟି ଘୋଷଣା କରାଯାଇନାହିଁ। ସେହିପରି ଗୁରୁଗୋବିନ୍ଦ ସିଂ ଜୟନ୍ତୀ, ରାଜାରାମ ମୋହନ ରାୟ ଜୟନ୍ତୀ, ବାହୁଡ଼ା ଓ ଖ୍ରୀଷ୍ଟମାସ ପାଇଁ ୪ ଦିନ ଇଚ୍ଛାଧୀନ ଛୁଟି ଭାବେ ବିବେଚନା ହେଉଥିଲେ ମଧ୍ୟ ଏସବୁ ରବିବାର ଓ ଶନିବାର ଛୁଟି ଦିନରେ ପଡୁଛି। ବିଜ୍ଞପ୍ତି ଅନୁଯାୟୀ, ଯେହେତୁ ରବିବାର, ଦ୍ୱିତୀୟ ଓ ଚତୁର୍ଥ ଶନିବାର କେତେଗୁଡିଏ ପର୍ବପର୍ବାଣି ଓ ଉତ୍ସବ ପାଳନ ହେଉଛି ତେଣୁ ସେଦିନଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବେ ଛୁଟି ଘୋଷଣା କରାଯାଇନାହିଁ।




ଧରିତ୍ରୀ
DHARITRI
ଗୁରୁବାର, ୧୮ ନଭେମ୍ବର, ୨୦୨୧

**ଆଜିର ମନ୍ତବ୍ୟ**

ଆଇନ ପ୍ରଣେତାମାନଙ୍କ ଆଚରଣ ଭାରତୀୟ ମୂଲ୍ୟବୋଧ ଅନୁରୂପ ହେବା ଉଚିତ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ନୁହେଁ ସେ ଘିଅ**
**ତାକୁ ଗମ୍ଭୀରି ଶିକାରେ ଥୁଅ।**

ଝିଅ ପ୍ରତି ଅଧିକ ଯତ୍ନଶୀଳ ମନୋଭାବ ପୋଷଣ କରିବା ଉଚିତ। ବୟସ ବାଉଳାରେ ସେ ଯେମିତି ଅବାଟରେ ପାଦ ନ ପକାଏ ସେଥିଲାଗି ତା’ ଉପରେ ସତର୍କ ଦୃଷ୍ଟି ଦିଆଯିବା ଜରୁରୀ ହୋଇଥାଏ। ଘିଅକୁ ଶିକାରେ ରଖାଯିବା ଭଳି ଝିଅକୁ ନିଜ ଆକଟ ମଧ୍ୟରେ ରଖିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଝିଅ କଥାରେ ଜୋଇଁ ଚାଲିଲେ**
**ମାଆର ଆନନ୍ଦ ଦେଖେ କିଏ ?**
**ବୋହୂ କଥାରେ ପୁଅ ଚାଲିଲେ**
**ମାଆର ମନ ବିଦାରି ହୁଏ ।**

ଯେମିତି ଝିଅ କଥାରେ ଜୋଇଁ ଚାଲିଲେ ଝିଅର ମା’ ମନରେ ଖୁସି ଜାତ ହୁଏ। ସେମିତି ବୋହୂ କଥାରେ ପୁଅ ଚାଲିଲେ ପୁଅର ମା’ ମନରେ ଦୁଃଖ ଜାତ ହୁଏ। ଏହାହିଁ ପାରିବାରିକ ସମ୍ପର୍କର ଅପ୍ରିୟ ସତ୍ୟ କଥା ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦୁର୍ନୀତି

- କାର୍ଯ୍ୟାଳୟର ସହକାରୀ ପ୍ରୋଗ୍ରାମର ଥାନାରେ ଅଟକ
- ୧୧୭ ଗାଡିକୁ ବେଆଇନ ଭାବେ ଫିଟନେସ୍ ସାର୍ଟିଫିକେଟ ପ୍ରଦାନ

**ବୌଦ୍ଧ,୧୭।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତି ଏବେ ପଦାରେ ପଡ଼ିଛି। ଅଧିକାରୀ ଓ କର୍ମଚାରୀଙ୍କ ଜ୍ଞାତସାରରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଉକ୍ତ କାର୍ଯ୍ୟାଳୟର ସହକାରୀ ପ୍ରୋଗ୍ରାମର ରଞ୍ଜନ କୁମାର ଦାସ ପୂର୍ବରୁ ବଡ଼ବିଲଠାରେ କାର୍ଯ୍ୟରତ ଥିଲେ। ଗତ କିଛି ମାସ ହେବ ସେ ବଡ଼ବିଲରୁ ବଦଳି ହୋଇ ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଯୋଗଦେଇଥିଲେ। କିନ୍ତୁ ପ୍ରୋଗ୍ରାମର ଦାସ ବୌଦ୍ଧ ଅତିରିକ୍ତ ଆରଟିଓ ସାଲଖୁ ମୁର୍ମୁଙ୍କ ପାସ୍‌ୱାର୍ଡ ଓ ବାହନ ତଥ୍ୟ ବ୍ୟବହାର କରି ବଡ଼ବିଲ ଅଞ୍ଚଳର ୧୧୭ ଗୋଟି ଗାଡ଼ିକୁ ଫିଟନେସ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଘଟଣା ସମ୍ପର୍କରେ କୌଣସି ସୂତ୍ରରୁ ରାଜ୍ୟ ଆଞ୍ଚଳିକ ପରିବହନ କମିଶନର ଅରୁଣ ବୋଥ୍ରା ଜାଣିବା ପରେ ଦାସଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅତିରିକ୍ତ ଆରଟିଓ ମୁର୍ମୁ ଗତ ମଙ୍ଗଳବାର ପାସ୍‌ୱାର୍ଡ ଓ ବାହନ ତଥ୍ୟ ଅପବ୍ୟବହାର କରି ଗାଡ଼ିଗୁଡ଼ିକୁ ଫିଟନେସ ଦିଆଯାଇଥିବା ନେଇ ବୌଦ୍ଧ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବୌଦ୍ଧ ପୋଲିସ ପକ୍ଷରୁ ନଂ ୨୮୬/୨୧ରେ ମାମଲା ରୁଜୁ କରାଯାଇଥିବା ବେଳେ ପ୍ରୋଗ୍ରାମର ଦାସଙ୍କୁ ଥାନାରେ ଅଟକ ରଖାଯାଇଛି। ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ୧୧୭ ଗୋଟି ଗାଡ଼ିର ଫିଟନେସ୍ ହୋଇଛି ଅଥଚ ଅଧିକାରୀମାନେ କିପରି ଜାଣି ପାରିଲେନି ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀ ଅମରେଶ ପାତ୍ର ଓ ଅତିରିକ୍ତ ଆରଟିଓ ମୁର୍ମୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ଫୋନ ଉଠାଇ ନ ଥିଲେ। ସେହିପରି ଫୋନ ସୁଇଚ ଅଫ୍ ଥିବାରୁ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କ ମତାମତ ନିଆଯାଇ ପାରିନାହିଁ।

# ଘରୋଇ ସ୍କୁଲ ସ୍ୱୀକୃତି ନବୀକରଣ ପାଇଁ ବୋର୍ଡର ନିର୍ଦ୍ଦେଶ

**କଟକ ଅଫିସ,୧୭।୧୧**

ଘରୋଇ ସ୍କୁଲଗୁଡ଼ିକର ସ୍ୱୀକୃତି ନବୀକରଣ ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱୀକୃତି ନ ଥିବା ସ୍କୁଲଗୁଡ଼ିକ ନୂତନ ଭାବେ ଆବେଦନ କରିପାରିବେ। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ନବୀକରଣ ଏବଂ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ନୂତନ ଆବେଦନ କରିହେବ। ବୋର୍ଡ ପକ୍ଷରୁ ସ୍ୱୀକୃତିପତ୍ର ପାଇବା ପାଇଁ ସ୍କୁଲଗୁଡ଼ିକ ଲାଗି ସ୍ୱତନ୍ତ୍ର ଫି’ ନିର୍ଦ୍ଧାରଣ କରାଯାଇଛି। ନବୀକରଣ ପାଇଁ ୪ହଜାର ଟଙ୍କା ଏବଂ ନୂତନ ସ୍ୱୀକୃତି ପାଇଁ ୬ହଜାର ଟଙ୍କା ଅନ୍‌ଲାଇନ ମାଧ୍ୟମରେ ଦେବାକୁ ପଡ଼ିବ। ଡିଇଓଙ୍କ ନିକଟରେ ଆବେଦନପତ୍ରର ନକଲ ଆସନ୍ତା ଡିସେମ୍ବର ୧୫ ତାରିଖ ପୂର୍ବରୁ ଦାଖଲ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବୋର୍ଡ ସମ୍ପାଦକ ଶ୍ରୀକାନ୍ତ ତରାଇ ନିର୍ଦ୍ଦେଶ ଦେଇଛନ୍ତି। ପରେ ଡିଇଓମାନେ ଏହି ଆବେଦନପତ୍ରକୁ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଆସନ୍ତା ଡିସେମ୍ବର ୨୫ ତାରିଖ ସୁଦ୍ଧା ଦାଖଲ କରିବେ। ଏହାପରେ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଆବେଦନପତ୍ରକୁ ଆସନ୍ତା ଜାନୁୟାରୀ ୧ ତାରିଖ ପୂର୍ବରୁ କଟକସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ ପାଇଁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜି କର୍ମକ୍ଷେତ୍ର ଓ ପାରିବାରିକକ୍ଷେତ୍ର ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବ, ସରସ ସୁନ୍ଦର କରିବାରେ ସହାୟକ ହେବ। ବନ୍ଧୁ ଆସିବେ ମାତ୍ର ଫେରିବା ବେଳେ ବହୁତ ଅନୁରୋଧପୂର୍ଣ୍ଣ କଥା କହି ବିଦାୟ ନେବେ। ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟ, ପରିବହନ, ନିର୍ମାଣ, ପ୍ରଶାସନ ଓ ଆଇନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ:** ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାର ପୂର୍ବସୂଚନା ପାଇବେ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ:** ଆଜି ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥିଲେ ସୁଦ୍ଧା ହଠାତ୍ ଦୂରକୁ ଯିବାକୁ ପଡ଼ିବ। ସହକର୍ମୀମାନଙ୍କ ସାହାଯ୍ୟ ସହଯୋଗ ହେତୁ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ।

**କର୍କଟ:** ଘରକୁ ଆସିଥିବା ବନ୍ଧୁଟି ପୁଣି ଘରକୁ ଲେଉଟି ଆସିବ,ଏଣୁ ପରିବାରରୁ କୌଣସି ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡ଼ିବେ। ନିର୍ମାଣ, ପରିବହନରେ କିଛି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

**ସିଂହ:** କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ପାଇବେ । ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା:** ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ପୂର୍ବ କଳହକୁ କେନ୍ଦ୍ରକରି ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଦୀର୍ଘ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ଆଜିହିଁ ସକ୍ଷମ ହେବେ।

**ତୁଳା:** ସକାଳୁ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ମୂଲ୍ୟବାନ ଜିନିଷ କିଣିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ଆଶଙ୍କା ରହିଛି।

**ବିଛା:** ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଘର ମାଲିକଙ୍କ ସହିତ ଘରଭଡ଼ାକୁ କେନ୍ଦ୍ର କରି ବିତର୍କ ଲାଗିପାରେ। ପରିସ୍ଥିତିରେ ପଡ଼ି ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ବାଧ ହେବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଯିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ବାଧ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସି ରହିବ।

**ମକର:** ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ଗବେଷଣା, ପ୍ରକାଶନ, ପ୍ରଶାସନ, କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟରେ ଉନ୍ନତି କରିବେ। କିଛିଏ କଥାରେ ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବେ, ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ:** ନିଜ ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ କିଛି କ୍ଷତି କରିପାରିବେ ନାହିଁ। ବହୁତ ଦିନ ହେଲା ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କୌଣସି ନୂତନ କର୍ମାରମ୍ଭ ସକାଶେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ମୀନ:** ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ,କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବେ। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। କିନ୍ତୁ କଠୋର ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସ୍ୱସ୍ତି ଅନୁଭବ କରିବେ।

ପ୍ରଥମ ପୃଷ୍ଠାରୁ...

## ୩ଦିନିଆ ଟ୍ରାଞ୍ଜିଟ୍ ...

କରୁଥିଲେ। ଏଥିଲାଗି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସୁଥିଲା ବିଦେଶୀ ମୁଦ୍ରା। ଏ ସମ୍ପର୍କରେ ବିଧିବଦ୍ଧ ସୂଚନା ମିଳିବା ପରେ ସିବିଆଇର ୫ଜଣିଆ ଟିମ୍ ଢେଙ୍କାନାଳ ଆସି ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢ଼ାଉ କରିଥିଲେ। ସକାଳ ୭ଟାରୁ ଅପରାହ୍ନ ୩ଟା ଯାଏ ହୋଇଥିବା ତନାଘନାରୁ ବହୁ ତଥ୍ୟ ପଦାକୁ ଆସିଥିଲା। ତେବେ ସୁରେନ୍ଦ୍ରଙ୍କୁ ଦୀର୍ଘ ସମୟ ଧରି ଜେରା କରାଯାଉଥିବାବେଳେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଉତ୍ତ୍ୟକ୍ତ ହୋଇ ସିବିଆଇ ଟିମ୍ ସଦସ୍ୟଙ୍କ ଉପରେ ଆକ୍ରମଣ କରିଥିଲେ। ଠିକଣା ସମୟରେ ଟାଉନ୍ ଥାନା ପୋଲିସ ପହଞ୍ଚି ସିବିଆଇ ଟିମ୍‌କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲା।

**କଲୋନୀ ସାହି ଶୂନଶାନ**

ଢେଙ୍କାନାଳ ସହରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ କିଛିଦିନ ପୂର୍ବରୁ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟରତ ସୁରେନ୍ଦ୍ର ନାୟକ ପର୍ନୋଗ୍ରାଫି ଭିଡିଓ ଲିଙ୍କ୍‌ରେ ସମ୍ପୃକ୍ତି ଥିବା କଥାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ସଦସ୍ୟ ଏବଂ ଅଞ୍ଚଳବାସୀ। ଅଭିଯୁକ୍ତ ଜଣକ ଶିଶୁଙ୍କ ଯୌନ ଉତ୍ପୀଡ଼ନ ସମ୍ପର୍କିତ ଭିଡିଓ ବିଭିନ୍ନ ଗ୍ରୁପ୍‌ରେ ଶେୟାର କରୁଥିବା ସ୍ପଷ୍ଟ ହେବା ପରେ ଏହାକୁ ନେଇ ଅଞ୍ଚଳରେ ବିଭିନ୍ନ ଆଲୋଚନା ଜୋର୍ ଧରିଛି। ଅନ୍ୟପଟେ ଚଢ଼ାଉ ବେଳେ ସନ୍ଦେହରେ ଅଞ୍ଚଳବାସୀ ସିବିଆଇ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ତେଣୁ କାର୍ଯ୍ୟାନୁଷ୍ଠାନ ଭୟରେ ଗୁରୁବାର କଲୋନୀସାହି ଜନଶୂନ୍ୟ ହୋଇଯାଇଥିଲା। ସୁରେନ୍ଦ୍ରଙ୍କ ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟକୁ ପୁଅର ସମ୍ପୃକ୍ତି ବିଷୟରେ ପଚରାଉଚୁରା କରିବାକୁ ଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ଘଟଣାକୁ ନେଇ ଥାନାରେ କୌଣସି ମାମଲା ହୋଇନାହିଁ। ତେଣୁ କାହାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ବିନୟାନନ୍ଦ ଝା ଗୃହ ...

ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଥିବା ବେଳେ ୧୯୮୯ ବ୍ୟାଚ ଆଇପିଏସ ତଥା ରେଲୱେ ଏବଂ ଉପକୂଳ ସୁରକ୍ଷା ଏଡିଜିପି ପ୍ରାଣବିନ୍ଦୁ ଆଚାର୍ଯ୍ୟଙ୍କୁ ଓଏଚ୍‌ଆରସି ଏଡିଜିପି ଭାବେ ବଦଳି କରାଯାଇଛି। ସେହିପରି ୧୯୯୦ ବ୍ୟାଚ ଆଇପିଏସ୍ ତଥା ରାଜ୍ୟ ଗୃହ ବିଭାଗ ଓଏସଡି ଥିବା ସୁଧାଂଶୁ ଷଡ଼ଙ୍ଗୀଙ୍କୁ ରେଲୱେ ଏବଂ ଉପକୂଳ ସୁରକ୍ଷା ଏଡିଜିପି, ୨୦୦୩ ଆଇପିଏସ୍ ଅଫିସର ତଥା ଆଇଜିପି ଟେକ୍ନିକାଲ ସେଫିନ ଅହମ୍ମଦଙ୍କୁ ଅଗ୍ନିଶମ ସେବା ଏବଂ ଗୃହରକ୍ଷୀ ଆଇଜିପି ଏବଂ ୨୦୧୩ ଆଇପିଏସ୍ ଅଫିସର ତଥା ସିଆଇଡି-ସିବି ଏସ୍‌ପି ଏଲ. ଦିବ୍ୟା ଭିଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି।


# classifieds

**Everyday**
**0674-2580101, 2549302**



**SALE**

Verna-2017, Swift Dezire-2017, Automatic, Mahindra Bolero-2017, Corolla Breeza-2017. 7381091234, 9861194627. D-71736



**SALE**

Barunei overbridge ପାଖରେ sthitiban plot electricity, boundary wall, Blacktop road ସହିତ ଘର ପାଇଁ ସୁବିଧାରେ ମିଳୁଅଛି। 7609814968, 8328912348. D-22270

**BMC, RERA, SBI, approved 3BHK premium flats for sale at Surekha Orchid, Patia, ready to move within 3months. Price 1crore onwards. Contact: 9124000333/ 444/999.** D-71739

Furnished, Non-Furnished office space available centrally located Unit-9. 7789837712, 9861256148. D22224

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121.** D-71729

Land for sale at Gajapati Nagar Corner plot with boundary wall, Commercial type use, 120 decimal land (5227sqft.), budget: 10.5Cr. No negotiation and no broker. Contact: 8917520293. D-71905

Private plot for sale, Khandagiri & Patrapada. Price 999/- Sqft. 9437335686, 7008487006. D-22215

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1, 2, 3 BHK Simplex / Duplex ଅଛି । 8327785834, 9658122456.** D-71731

Full furnished complete 3/2BHK flat available near Amber Showroom Patrapada, Bhubaneswar. 9861037729, 9040337729. D-71441

1750x2 plots at Ranga Bazar front of Petrol Pump, Electricity available, ready for building house. Rate 1500/-sqft. 08658386267. D-22262



**300-900sqft commercial space for office Rent, Dolamundai- Badambadi Road, Cuttack-8917690567.** D-22209

**Tolet 30,000 sqft. Ware-house/ Godown/ Office on Highway between Cuttack and Bhubaneswar. Contact- 7008175963, 9776050040.** D-22211



Ashirvaad Saloon and SPA get good massage for your health tha best therapy. 7077181074. D-71817

Newly open full body massage ladies and gents. 8327740003. D-71822

Newly opened Sandhya SPA and massage centre Bhubaneswar join lady therapist. 7978441326. D-22274

Refreshments rejuvenation body massage therapy with experience therapists, Bhubaneswar. 9668374480. D-71904

Refreshing your mind and body with the best therapy. 7873794731. D-71902

Newly open therapy/ SPA center (Expert therapist) positively health benefits. 8249051570. D-71439

Newly Open Saikrupa Panchakarma Spa positively health benefits with Expert. 8984068077. D-22247

Refreshing your mind, your body with tha best therapy at Lotus SPA. 8018891951. D-71820


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, I Gannavarapu Ratnam, W/o Late G. Murali Mohan Rao, R/o- 351/6516, Sameigadia, Rasulgarh, Bhubaneswar, Dist. Khorda, declared that G. Seetaratnam, G. Ratnam, Ratnam G. and Gannavarapu Ratnam are one and same person i.e myself. Henceforth, I will be known as Gannavarapu Ratnam for all purposes. D-22302

By virtue of an affidavit sworn before the Notary Public, Bhubaneswar on 17.11.2021 I, Anima Mishra, aged about 26 years, W/o Bhabani Shankar Mishra, residing at Vill/PO- Rayagada, Nehru Nagar, 4th Lane, P.S.- Rayagada, Dist.- Rayagada, Odisha do hereby solemnly affirm that my maiden name was Anima Kumari Das and after my marriage with Bhabani Shankar Mishra, Son of Sibaram Mishra of Vill./P.O.- Rayagada, Nehru Nagar, 4th Lane, P.S.- Rayagada, Dist.- Rayagada, Odisha, I have changed my name from Anima Kumari Das to Anima Mishra. That, I declare that I shall be called known and identified as "Anima Mishra" in all respect. That Anima Kumari Das and Anima Mishra is one and same person. D-22310

By virtue of an affidavit before Executive Magistrate, Bhubaneswar Dt.16.11.2021 I have changed my son's name from Shivam Mishra to Naitik Shivam Mishra. Henceforth he will be known as Naitik Shivam Mishra (D.O.B.- 12.01.2018), Son of Biswajit Mishra for all purposes. D-22290

**LOST**

I Brundaban Sahu, S/o - Brajalal Sahu, At- Sadakpada, PO/PS - Paikmal, District- Bargarh, PIN -768039 (Odisha) Mob- 9938272763 have lost the original Registered Sale deed number 944/ 25.11.2011 on the way between Keremelabahal Chowk to Paikmal Town, if anybody find please contact on this address and contact number. D-22306

**ହିନ୍ଦୀ ସାହିତ୍ୟରେ ଚିତ୍ତରଞ୍ଜନ ନାହକଙ୍କୁ ଡକ୍ଟରେଟ୍ ଲାଭ**



**ଶ୍ରୀଯୁକ୍ତ ଚିତ୍ତରଞ୍ଜନ ନାହକ** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ତୁଳନାତ୍ମକ ସାହିତ୍ୟରେ ଗବେଷଣା କରି Ph.D. ଉପାଧି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଶ୍ରୀଯୁକ୍ତ ନାହକ ‘ସୁମିତ୍ରା ନନ୍ଦନ ପନ୍ତ ଏବଂ ସଚ୍ଚିଦାନନ୍ଦ ରାଉତରାୟ କେ କାବ୍ୟ କି ମାନବତାବାଦୀ ପ୍ରବୃତିୟୋଂ କା ତୁଳନାତ୍ମକ ଅଧ୍ୟୟନ’ ଶୀର୍ଷକ ଉପରେ ପଶ୍ଚିମବଙ୍ଗ ହିନ୍ଦୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ଼) ଦାମୋଦର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ। ଉକ୍ତ ଗବେଷଣାତ୍ମକ ନିବନ୍ଧ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ (ଉତ୍ତରପ୍ରଦେଶ)ର ହିନ୍ଦୀ ବିଭାଗର ମୁଖ୍ୟ ତଥା ବରିଷ୍ଠ ପ୍ରଫେସର (ଡ଼) ପବନ ଅଗ୍ରୱାଲ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ବରିଷ୍ଠ ପ୍ରଫେସର (ଡ଼) ମୋହନଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ଚିତ୍ତରଞ୍ଜନ ନାହକ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟସ୍ଥ ଫୁଲଟା ଗ୍ରାମର ସ୍ୱର୍ଗୀୟ ବୁଧିଆ ନାହକ ଓ ଶ୍ରୀମତୀ ଧୋବୁଣୀ ନାହକଙ୍କ ଜ୍ୟେଷ୍ଠ ପୁତ୍ର ଏବଂ ଶ୍ରୀ ନବଘନ ନାହକ ଓ ଶ୍ରୀମତୀ ସରୋଜିନୀ ନାହକଙ୍କ ଜାମାତା ଅଟନ୍ତି । ସମ୍ପ୍ରତି ଡକ୍ଟର ନାହକ ମିନିରତ୍ନ କମ୍ପାନୀ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ.ସି.ଏଲ.) ମୁଖ୍ୟାଳୟର ଜନସମ୍ପର୍କ ବିଭାଗରେ ବରିଷ୍ଠ ହିନ୍ଦୀ ଅନୁବାଦକ ପଦବୀରେ କାର୍ଯ୍ୟରତ। ଏହାର ଶ୍ରେୟ ସେ ନିଜର ମାର୍ଗଦର୍ଶକ ପ୍ରଫେସର (ଡ଼) ଦାମୋଦର ମିଶ୍ର, ଉପ ମହାପ୍ରବନ୍ଧକ (ବିକ୍ର) ଶ୍ରୀ ଡିକେନ ମେହେରା, ଏମ.ସି.ଏଲ.ର ଜନସମ୍ପର୍କ ବିଭାଗର ସଦସ୍ୟ ଓ ନିଜର ମାତା-ପିତା, ଧର୍ମପତ୍ନୀ ଶ୍ରୀମତୀ ତପସ୍ୱିନୀ ନାହକ, ଭାଇ ଓ ଭଉଣୀଙ୍କୁ ଦେବା ସହ ଭଗବାନ ଶିବ ଶଙ୍କର ଓ ସର୍ବ ଦେବାଦେବୀଙ୍କୁ ଭକ୍ତିପୂତ ପ୍ରାର୍ଥନା ଜଣାଇଛନ୍ତି।

ଧ-୨୨୩୦୯


# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

**ଓଡ଼ିଶାର ୩,୯୩୩ ଗାଁରେ ଉପଲବ୍ଧ ହେବ ୪ଜି ସେବା**

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ଓଡ଼ିଶା ସମେତ ଦେଶର ୫ଟି ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରର ଆକାଂକ୍ଷୀ ଜିଲାଗୁଡ଼ିକରେ ୪ଜି ମୋବାଇଲ ସେବା ଯୋଜନାକୁ କ୍ୟାବିନେଟ୍ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ସେବା ୟୁନିଭର୍ସାଲ ସର୍ଭିସ ଓବ୍ଲିଗେଶନ ଫଣ୍ଡ (ୟୁଏସଓଏଫ) ମାଧ୍ୟମରେ ଉପଲବ୍ଧ ହେବ। ଏହାଦ୍ୱାରା ୫ ରାଜ୍ୟର ୪୪ ଜିଲାର ୭,୨୮୭ ଗ୍ରାମରେ ୪ଜି ହାଇସ୍ପିଡ୍ ମୋବାଇଲ୍ ଓ ଇଣ୍ଟରନେଟ୍ ସଂଯୋଗୀକରଣ ହେବ। ଓଡ଼ିଶାର ୧୦ ଜିଲାର ୩,୯୩୩ ଗ୍ରାମରେ ଲୋକମାନେ ଉପକୃତ ହେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଓୟୁଏଟି ଏଣ୍ଟ୍ରାନ୍ସରେ ଫର୍ମ-ବି କଥା ନ ବୁଝି ଛାତ୍ରୀଛାତ୍ର ନିରାଶ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ଓଡ଼ିଶା ୟୁନିଭରସିଟି ଅଫ୍ ଏଗ୍ରିକଲଚର୍ ଆଣ୍ଡ ଟେକ୍ନୋଲୋଜି(ଓୟୁଏଟି)ରେ ଏଣ୍ଟ୍ରାନ୍ସ ଦେଇଥିବା ରାଜ୍ୟର ଅନେକ ଛାତ୍ରୀଛାତ୍ର ବର୍ତ୍ତମାନ ଫର୍ମ ପୂରଣ ସମ୍ପର୍କରେ ବୁଝି ନ ପାରି ନାମଲେଖାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଏଣ୍ଟ୍ରାନ୍ସରେ ଭଲ ମାର୍କ ରଖିବା ସତ୍ତ୍ୱେ ଛାତ୍ରୀଛାତ୍ରମାନେ ସେମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। କେତେଜଣ ଛାତ୍ରୀଛାତ୍ରଙ୍କ ଅଭିଯୋଗ ମୁତାବକ, ଯଦି ଆମେମାନେ କୌଣସି ବିଷୟରେ ବୁଝି ନ ପାରି ଭୁଲ୍ କଲୁ, ତେବେ ଆଗକୁ ଆମ ପାଇଁ ସରକାର କିଛି ସମାଧାନର ବାଟ କାଢ଼ିବା ଆବଶ୍ୟକ। ଭୁଲ୍ କରି ବସିଥିବା କିମ୍ବା ଫର୍ମ ପୂରଣ ନିୟମ ବିଷୟରେ ଜାଣିପାରି ନ ଥିବା ଉକ୍ତ ପିଲାମାନେ ସେମାନଙ୍କ ସମସ୍ୟା ସମାଧାନ ଲାଗି ମଧ୍ୟ ଅନୁରୋଧ କରିଛନ୍ତି।

ଓୟୁଏଟିରେ ଏଣ୍ଟ୍ରାନ୍ସ ଦେବା ସମୟରେ ଛାତ୍ରୀଛାତ୍ରମାନେ ଫର୍ମ-ଏ ପୂରଣ କରିଥିଲେ। ଏହାପରେ ସେମାନଙ୍କୁ ଆଡମିଟ୍ କାର୍ଡ ଇସ୍ୟୁ କରାଯାଇଥିଲା। ଏହାପରେ ସେମାନେ ଏଣ୍ଟ୍ରାନ୍ସ ଦେବାକୁ ସକ୍ଷମ ହୋଇଥିଲେ। ଏଣ୍ଟ୍ରାନ୍ସ ଲାଗି ସେମାନଙ୍କୁ ମିଳିଥିବା ଆଡ୍‌ମିଟ୍‌କାର୍ଡରେ ଫର୍ମ-ବି ପୂରଣ କରିବା ଲାଗି ଉଲ୍ଲେଖ କରାଯାଇଥିଲା। ଏହାସହ ବିଜ୍ଞାପନ ଏବଂ ୱେବ୍‌ସାଇଟ୍ ଜରିଆରେ ମଧ୍ୟ ଫର୍ମ-ବି ପୂରଣ ଲାଗି ସରକାର ଜଣାଇଥିଲେ। ଏଣ୍ଟ୍ରାନ୍ସ ଦେବାପରେ ପିଲାମାନେ ଫର୍ମ-ବି ମାଧ୍ୟମରେ ନିଜର ଦଶମ ଏବଂ ଦ୍ୱାଦଶ ପରୀକ୍ଷାର ମାର୍କଶିଟ୍ ଅପଲୋଡ୍ କରିବାକୁ କୁହାଯାଇଥିଲା। ହେଲେ ରାଜ୍ୟର ଅଧିକାଂଶ ପିଲା ଫର୍ମ-ବି ପୂରଣ କଥାରେ ଅବୁଝା ରହିଯାଇଛନ୍ତି। ଫଳରେ ନିୟମାନୁଯାୟୀ ସେମାନଙ୍କ ଏଣ୍ଟ୍ରାନ୍ସ ମାର୍କ ସେମାନେ ଜାଣିପାରି ନାହାନ୍ତି। ଏଣ୍ଟ୍ରାନ୍ସରୁ ୫୦ ପ୍ରତିଶତ ମାର୍କ ଏବଂ ଫର୍ମ-ବି ଅର୍ଥାତ୍ ଦ୍ୱାଦଶ ପରୀକ୍ଷା ମାର୍କ ଆଦିରୁ ୫୦ପ୍ରତିଶତ ମାର୍କ ନିଆଯାଇ ମୋଟ ୧୦୦ ପ୍ରତିଶତ ମାର୍କରୁ ଓୟୁଏଟି ଏଣ୍ଟ୍ରାନ୍ସ ରେଜଲ୍ଟ ଜଣାପଡ଼ିଥାଏ। ଏଣ୍ଟ୍ରାନ୍ସରେ ଭଲ କରିଥିବା ସ୍ମୃତି ପଣ୍ଡା କହିଛନ୍ତି, ଏହା ପିଲାମାନଙ୍କ କ୍ୟାରିୟରର କଥା, ତେଣୁ ସରକାର ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ତାଙ୍କ ଭଳି ଏମିତି ବହୁତ ପିଲା ଭୁଲ୍ କରି ବସିଛନ୍ତି। କରୋନା ସମୟରେ ପିଲାଙ୍କ ପାଠପଢ଼ାରେ ବହୁତ ବ୍ୟାଘାତ ଘଟିଥିଲା। ସେତେବେଳେ ବି ବହୁ ଛାତ୍ରୀଛାତ୍ରଙ୍କ ଜୀବନକୁ ଗୁରୁତ୍ୱ ଦେଇ ସରକାର କଲେଜ, ପରୀକ୍ଷା ସବୁକିଛି ବନ୍ଦ କରିଦେଲେ। ଏବେ ଜଣେ ପିଲାର ଫର୍ମ ପୂରଣ ନେଇ ଭୁଲ୍ ହେବାପରେ ଯଦି ସୁଯୋଗ ନ ମିଳେ, ତେବେ ମଧ୍ୟ ଆହୁରି ଗୋଟେ ବର୍ଷ ତାଙ୍କର କ୍ଷତି ହୋଇଯିବ। ତେଣୁ ସରକାର ଏଦିଗରେ ଧ୍ୟାନ ଦେବାକୁ ସ୍ମୃତି ଅନୁରୋଧ କରିଛନ୍ତି। ଅନ୍ୟପଟେ ଓୟୁଏଟି ଭିସି ପ୍ରଫେସର ପବନ ଅଗ୍ରୱାଲ କହିଛନ୍ତି, ଫର୍ମ-ବି ପୂରଣ କରିବାକୁ ବିଜ୍ଞାପନ, ଆଡମିଟ୍ କାର୍ଡ ଏବଂ ୱେବ୍‌ସାଇଟ୍ ଜରିଆରେ ଅ ବଗତ କରାଯାଇଥିଲା। ୧୩ ହଜାର ପିଲା ପରୀକ୍ଷା ଲାଗି ଆବେଦନ କରିଥିଲେ। ୧୨ରୁ ୧୫ ପିଲା ଫର୍ମ-ବି ପୂରଣ କରିନାହାନ୍ତି। ଆମ ନିୟମ ଯାହା ଥିଲା ସେହି ଅନୁଯାୟୀ ସବୁ କରିଛୁ। ଆଡ୍‌ମିଶନ ପ୍ରୋସେସ୍ ବାହାରେ କିଛି କରିହେବ ନାହିଁ ବୋଲି ସେ କହିଛନ୍ତି।

# ତଥ୍ୟ ଦେବାକୁ ଡିଏଲ୍‌ଏସ୍‌ଏକୁ ନିର୍ଦ୍ଦେଶ

## ଖାଲିଥିବା ଡାକ୍ତର ପଦବୀ ପୂରଣ ମାମଲା

କଟକ ଅଫିସ,୧୭।୧୧

ରାଜ୍ୟରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ସମ୍ପର୍କିତ ମାମଲାର ବୁଧବାର ଶୁଣାଣିକରି ହାଇକୋର୍ଟ ଜିଲାସ୍ତରରେ ୪ ଜଣିଆ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଜିଲାର ସମସ୍ତ ଡାକ୍ତରଖାନା ପରିଦର୍ଶନ କରିବ। ସେଠାକାର ସ୍ଥିତି ଅନୁଧ୍ୟାନ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଏ.କେ. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରତ୍ୟେକ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଏଲ୍‌ଏସ୍‌ଏ ଅଧୀନରେ ଗଠନ ହେବାକୁ ଥିବା ଏହି କମିଟିରେ ୨ଜଣ ଆଇନଜୀବୀ ଓ ୨ଜଣ ପାରା ଲିଗାଲ ଭଲ୍ୟୁଣ୍ଟିୟର ରହିବେ। ଉକ୍ତ କମିଟିର ସଦସ୍ୟ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଗସ୍ତକରି ଡାକ୍ତର ଏବଂ ଷ୍ଟାଫମାନଙ୍କ କାର୍ଯ୍ୟ ଅନୁଧ୍ୟାନ କରିବେ। ଏହି ସମୟରେ ସେମାନଙ୍କ ଉପସ୍ଥାନ ଖାତାକୁ ମଧ୍ୟ ଅନୁଧ୍ୟାନ କରାଯିବ। ସେହିପରି କମିଟି ସଦସ୍ୟମାନେ ଚିକିତ୍ସାଳୟର ସ୍ୱଚ୍ଛତା, ପରିମଳ, ଶୌଚାଳୟ, ବିଦ୍ୟୁତ୍ ଓ ଭିତ୍ତିଭୂମି ବ୍ୟବସ୍ଥା, ଔଷଧ, ଉପକରଣ ଅଛି କି ନାହିଁ, ଆମ୍ବୁଲାନ୍ସର ଉପଲବ୍ଧତାକୁ ଅନୁଧ୍ୟାନ କରିବେ। ଏହି ସମସ୍ତ ତଥ୍ୟକୁ ଫଟୋ ଓ ଭିଡିଓ ମାଧ୍ୟମରେ ସଂଗ୍ରହ କରାଯିବ। ପରେ ପ୍ରତି ଜିଲାର ଉକ୍ତ ୪ଜଣିଆ କମିଟି ଉପରୋକ୍ତ ତଥ୍ୟ ଓ ଡାକ୍ତରଖାନାର ଖାଲି ପଦବୀ ସମ୍ପର୍କରେ ଡିଏଲ୍‌ଏସ୍‌ଏକୁ ରିପୋର୍ଟ ପ୍ରଦାନ କରିବ। ଉକ୍ତ ରିପୋର୍ଟ ଡିଏଲ୍‌ଏସ୍‌ଏ ହାଇକୋର୍ଟରେ ଦାଖଲ କରିବ। ଡିସେମ୍ବର ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକାରୀ ଚିତ୍ତରଞ୍ଜନ ମହାନ୍ତି ପିଟିଶନରେ ଦର୍ଶାଇଥିଲେ, ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ବହୁ ସଂଖ୍ୟକ ପଦବୀ ଖାଲିପଡିଛି। ସରକାରୀ ହସ୍ପିଟାଲରେ ଚାକିରି କରି ଡାକ୍ତରମାନେ ଠିକ୍ ସମୟରେ ରୋଗୀ ସେବା କରୁନାହାନ୍ତି। ଏହା ବଦଳରେ ସେମାନେ ଘରୋଇ ହସ୍ପିଟାଲରେ ଚିକିତ୍ସା କରୁଛନ୍ତି। ଏଥିଯୋଗୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଥିବା ପିଟିଶନରେ ଦର୍ଶାଯାଇଛି।

## ତ୍ରିବିକ୍ରମ ବେଶରେ ମହାପ୍ରଭୁ



**ପୁରୀ ଅଫିସ, ୧୭।୧୧:** ପଞ୍ଚକର ତୃତୀୟ ଦିବସ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ତ୍ରିବିକ୍ରମ (ଆଡ଼କିଆ) ବେଶ ସମ୍ପନ୍ନ ହୋଇଛି। ଏହି ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ତ୍ରିବିକ୍ରମ ବେଶରେ ସଜ୍ଜିତ କରିଥିଲେ। ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲାଗି କରାଯାଇଥିଲା। ଏହି ଚୂଳରେ ସ୍ୱର୍ଣ୍ଣ ନିର୍ମିତ କିଆ ଆଡ଼ ବାଗରେ ଖୋସାଯାଇଥିଲା। ସୁଭଦ୍ରା ଓ ଦୁଇ ଠାକୁରଙ୍କ ମସ୍ତକ ଶୀର୍ଷ ଭାଗରେ ସ୍ୱର୍ଣ୍ଣ ଚନ୍ଦ୍ରିକା ଖଞ୍ଜାଯାଇଥିଲା। ଏଥିସହ ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର, ହଳ, ମୁଷଳ, ଶଙ୍ଖ, ଚକ୍ର ଏବଂ ପାଟ ବସ୍ତ୍ର ଇତ୍ୟାଦିରେ ଭୂଷିତ କରାଯାଇଥିଲା।

# 'ଆଶୀର୍ବାଦ' ଯୋଜନା ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବୁଧବାର 'ଆଶୀର୍ବାଦ' ଯୋଜନାର ସଫଳ ଅନ୍‌ଲାଇନ୍ ପରିଚାଳନା ଏବଂ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ପୋର୍ଟାଲ 'ashirbad.odisha.gov.in' ଲୋକାର୍ପିତ ହୋଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଭର୍ଚୁଆଲରେ ଏହି ପୋର୍ଟାଲକୁ ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଏବଂ ୟୁନିସେଫ୍ ସହାୟତାରେ ଏହି ପୋର୍ଟାଲର ବିକାଶ କରାଯାଇଛି । ୨୦୨୦ ଏପ୍ରିଲ ୧ରୁ ୨୦୨୧ ସେପ୍ଟେମ୍ବର ୧୫ ମଧ୍ୟରେ କୋଭିଡ୍‌ରେ ମାତାପିତା ମଧ୍ୟରୁ ଉପାର୍ଜନକାରୀ ଜଣଙ୍କୁ କିମ୍ବା ଉଭୟଙ୍କୁ ହରାଇଥିବା ପିଲାଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଉପଯୁକ୍ତ ଶିକ୍ଷା ଏବଂ ସୁରକ୍ଷିତ ଭବିଷ୍ୟତ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆଶୀର୍ବାଦ' ଯୋଜନା ଘୋଷଣା କରିଥିଲେ। ଏ ପର୍ଯ୍ୟନ୍ତ ୩୪ ହଜାରରୁ ଅଧିକ ଆବେଦନ କରିଥିବାବେଳେ ପ୍ରାୟ ୧୭ ହଜାର ହିତାଧିକାରୀ ଉପକୃତ ହୋଇସାରିଛନ୍ତି। ଉଭୟ ମାତାପିତାଙ୍କୁ ହରାଇଥିବା ପିଲାଙ୍କୁ ମାସିକ ୨,୫୦୦ ଟଙ୍କା ଏବଂ ଉପାର୍ଜନକାରୀ ଜଣଙ୍କୁ ହରାଇଥିବା ପିଲାଙ୍କ ଶିକ୍ଷା ପାଇଁ ମାସିକ ୧,୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଉଛି। ସହାୟତା ରାଶି ସେମାନଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚୁଛି କି ନାହିଁ, ଏହି ପୋର୍ଟାଲ ମାଧ୍ୟମରେ ପରିଚାଳନା କରାଯିବ। ହିତାଧିକାରୀଙ୍କ ସମସ୍ତ ତଥ୍ୟ ସହ ଆବେଦନ ପ୍ରକ୍ରିୟା, ଚୟନ ପଦ୍ଧତି, ପିଲାଙ୍କ ପାଇଁ ଉପଲବ୍ଧ ଥିବା ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ବିଭିନ୍ନ ସୂଚନା ଏହି ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ ବୋଲି ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ଓ ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ନିଲେଶନ ଉପସ୍ଥିତ ଥିଲେ। ଏହି ଅବସରରେ ପୋର୍ଟାଲ୍‌ର ଭିଡିଓ ଲୋକାର୍ପିତ ହେବା ସହ ନବରଙ୍ଗପୁର, ବୌଦ୍ଧ, ପୁରୀ, କଟକ ଏବଂ ଯାଜପୁର ଆଦି ଜିଲାରେ ଆଶୀର୍ବାଦ ଯୋଜନା ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା। ଏସବୁ ସ୍ଥାନରେ ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ, ଅଭିଭାବକ, ଡିସିପିଓ ଏବଂ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



'ଆଶୀର୍ବାଦ' ଯୋଜନାର ସଫଳ ପରିଚାଳନା ଲାଗି ପ୍ରସ୍ତୁତ ସ୍ୱତନ୍ତ୍ର ପୋର୍ଟାଲର ଶୁଭାରମ୍ଭ କରାଯାଉଛି।

# ଚାଷୀଙ୍କ ଏକକ ପରିଚୟ ଲାଗି 'କୃଷକ ଓଡ଼ିଶା'

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି ଅନ୍ତର୍ଗତ ୧୮ ବର୍ଷ ବୟସରୁ ଊର୍ଦ୍ଧ୍ୱ ସମସ୍ତ ଭୂମିହୀନ ଚାଷୀ, ଭାଗଚାଷୀ, ଜମି ଥିବା କୃଷକ, ଉଦ୍ୟାନ କୃଷି ଓ ଜଙ୍ଗଲ ଜମି ଉପରେ ନିର୍ଭରଶୀଳ ଚାଷୀ ଏବଂ କୃଷି ଶ୍ରମିକଙ୍କ ଏକକ ପରିଚୟ ସୃଷ୍ଟି ପାଇଁ କୃଷି ବିଭାଗ ଆନୁକୂଲ୍ୟରେ 'କୃଷକ ଓଡ଼ିଶା' କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ପରିବାର ନୁହେଁ ବରଂ ଚାଷୀ ଭିତ୍ତିରେ ପଞ୍ଜୀକରଣ କରାଯିବ। ଏହି ଏକକ ପରିଚୟ ପତ୍ର ଦ୍ୱାରା ଆମ ରାଜ୍ୟର କୃଷକମାନେ ବିଭିନ୍ନ ଯୋଜନାର ସୁଫଳ ପାଇବା ପାଇଁ ବାରମ୍ବାର ତଥ୍ୟ ଦେବାକୁ ପଡିବନାହିଁ। ଏହାସହ ବିଭିନ୍ନ ଯୋଜନାର ସର୍ତ୍ତାବଳୀ ଅନୁଯାୟୀ ଯୋଗ୍ୟ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇପାରିବ। ରାଜ୍ୟର କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ସମସ୍ତ ଚାଷୀଙ୍କ ତଥ୍ୟ ଉପଲବ୍ଧ ରହିବ। ଉକ୍ତ ତଥ୍ୟ ଆଧାରରେ ଭବିଷ୍ୟତର ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯିବ। ୧ମ ପର୍ଯ୍ୟାୟରେ ୭୬ ଲକ୍ଷ କୃଷକଙ୍କ ବୃହତ ଡାଟାବେସର ନବୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ୨ୟ ପର୍ଯ୍ୟାୟରେ ରାଜ୍ୟର ବଳକା କୃଷକଙ୍କ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଅଯୋଗ୍ୟ ହିତାଧିକାରୀଙ୍କୁ ସହଜରେ ଚିହ୍ନଟ କରାଯାଇ ପାରିବ। ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଲାଭ ମିଳିପାରିବ। ରାଜ୍ୟର ସମସ୍ତ କୃଷକମାନେ ସେମାନଙ୍କ ସଠିକ ଓ ନିର୍ଭୁଲ ତଥ୍ୟ କ୍ଷେତ୍ର କର୍ମଚାରୀଙ୍କୁ ଦେବାକୁ କୃଷି ବିଭାଗ ତରଫରୁ ଅନୁରୋଧ କରାଯାଇଛି।

# ୨ଶହ ଟଙ୍କା ପାଇଁ ମାମୁଙ୍କ ଜୀବନ ନେଲା ଭଣଜା

ଉମରକୋଟ, ୧୭।୧୧(ସ୍ୱ.ପ୍ର.)

ମାତ୍ର ୨ଶହ ଟଙ୍କା ପାଇଁ ମାମୁଙ୍କୁ ହତ୍ୟାକରିଛି ଭଣଜା। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଧୁଙ୍ଗିଆପାଣି ଗ୍ରାମରେ। ମୃତକ ହେଲେ ରାଧବ ମାଝି। ପୋଲିସ ଅଭିଯୁକ୍ତ ଧନୁର୍ଜୟ ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତକଙ୍କ ପରିବାର ଲୋକଙ୍କ ସୂଚନାନୁଯାୟୀ, ରାଧବଙ୍କଠାରୁ ଧନୁର୍ଜୟ ୨୦୦ ଟଙ୍କା ପାଇବାର ଥିଲା। ଏହାକୁ ନେଇ ମଙ୍ଗଳବାର ରାତିରେ ଉଭୟ ମାମୁ ଓ ଭଣଜାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଧନୁର୍ଜୟ ଉତ୍ୟକ୍ତ ହୋଇ ଟାଙ୍ଗିଆରେ ରାଧବଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉମରକୋଟ ଥାନାଧିକାରୀ ନରେଶ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ଥାନାରେ ମାମଲା (ନଂ. ୪୫୩/୨୧) ରୁଜୁ ହୋଇଛି।


**PANCHAYAT SAMITI OFFICE, BOUDH**

**INVITATION FOR BIDS**

**TENDER CALL NOTICE No. 3051 / Date: 16.11.2021**

The Block Development Officer, Boudh on behalf of the Governor of Odisha invites percentage of Rate Bid in Single Cover system for the following works:

| | |
|---|---|
| 1 | Construction of Sub-Centre Building with Boundary Wall at Janhapank, Khuntbandh G.P. |
| 2 | Name of the Construction of Sub-Centre Building with Boudary Wall at Tikarpada, Tikarpada G.P. |
| 3 | Construction of Sub-Centre Building with Boundary Wall at Balasinga, Badhigaon G.P. |
| 4 | Construction of Sub-Centre Building with Boundary Wall at Sahajpal, Talasarada G.P. |

Sale of Bid Documents : 18.11.2021 to 26.11.2021
Receipt of Bid Documents : 18.11.2021 to 02.12.2021
Date of Opening : 03.12.2021
The Details of Tender Call Notice (DTCN) is available in Boudh District website: **www.boudh.nic.in**.

**Sd./- Block Development Officer, Boudh**

No. B-635

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**

E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-H.E.-41/2021 Lr. No.- 43003 Dt.16th Nov. 2021

**Invitation for Bids**

**Bid Identification No. C.E. (B) – 22 / 2021-22**

| | | | |
|---|---|---|---|
| 1. | The Chief Engineer (Buildings) Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for the work "Construction of Center of Excellence & Science Laboratories in N.C. College, Jajpur" amounting to Rs.12,87,00,000/- (Approximate) as detailed below. | | |
| 2. | Nature of Work | : | Building Work |
| 3. | No. of work | : | 01 No. |
| 4. | Bid Cost | : | ₹ 10,000/- |
| 5. | Class of Contractor | : | Special / Super Class |
| 6. | Availability of Bid Documents in the website | : | From dt. 26.11.2021 to 17.00 Hours of dt.13.12.2021. |
| 7. | Date of opening of Bid | : | Dt. 14.12.2021 at 11:30 AM. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Chief Engineer (Buildings), Odisha, Bhubaneswar
OIPR-34117/11/0061/2122

**NATIONAL HYDROLOGY PROJECT**
**STATE PROJECT MANAGEMENT UNIT (SPMU), ODISHA**
**NATIONAL COMPETITIVE BIDDING**

Invitation for Bids (IFB) [e-Procurement Notice]
IFB No.: NHP/OD_GW/2021-22/WQSONDE/22 Date: 16.11.2021
NHP PIP Code: A1.4.01 PP PACKAGE No.: NHP-2021-2022-OD-186037
(Two-Envelope Bidding Process through e-Procurement)

**No. A-627:-** The **Chief Engineer & Director, Directorate of Ground Water Development & Nodal Officer (NHP Odisha), Bhubaneswar, Odisha** invites tenders through e-procurement platform from eligible bidders for the Supply of following goods under National Hydrology Project (NHP).

| Sn. | Item Description & Qty | Delivery Location | Delivery Period |
|---|---|---|---|
| 1 | Supply, Testing and commissioning of **Portable Multiparameter Water Quality Probe (Sonde) in Odisha** as per the technical specifications including 2 year comprehensive warranty. **Qty. 15 Nos** | Directorate of GWD, HP Administrative Building, Unit-8, Delta Square, Bhubaneswar -751012, Odisha | 90 days |

1. Bidding will be conducted through the National Competitive Bidding (NCB) procedures agreed with World Bank. The bidding is open to all eligible bidders as defined in the Bank's Procurement Guidelines.
2. Detailed Invitation for Bid is available on "www.tendersodisha.gov.in". The Bidding Document is also available online from **dt.20/11/2021 at 1100 Hrs to dt.20/12/2021 upto 1400Hrs** and can be downloaded free of cost by logging on to the website tenderodisha.gov.in.
3. The deadline for submission of Bids is **20/12/2021 at 1400 hours**. Bids will be opened on **20/12/2021 at 1500 hours**.
4. Interested Bidders are advised to go through the provisions of the Bidding document and participate in the bidding process as per instructions given in the Bidding Document. Other details can be seen in the bidding document.

**Sd./- Chief Engineer & Director, GWD & Nodal Officer (NHP, Odisha)**
**HP Building, Delta Square, Unit-8, Bhubaneswar**
OIPR-32407/11/0010/2122 **E-mail: odishagwhp3@gmail.com**

See Career Appointment on every Wednesday & Saturday

**କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା**

**ଡିବିଟି ମାଧ୍ୟମରେ କୀଟନାଶକ କ୍ରୟ କରିବାର ସୁବିଧା**

No. L-91:-
ଫସଲରେ ରୋଗ-ପୋକ ଲାଗିଥିଲେ ନିକଟସ୍ଥ ଗ୍ରାମ୍ୟ କୃଷି କର୍ମଚାରୀ / କୃଷି ଅଧିଦର୍ଶକ ମାନଙ୍କୁ ଯୋଗାଯୋଗ କରନ୍ତୁ। ଯଦି ଫସଲରେ କୀଟନାଶକ ପ୍ରୟୋଗ କରିବାର ଆବଶ୍ୟକତା ପଡ଼େ ତେବେ ଗ୍ରାମ୍ୟ କୃଷି କର୍ମଚାରୀ / କୃଷି ଅଧିଦର୍ଶକଙ୍କ ଠାରୁ ଇ-ପରମିଟ୍ ସଂଗ୍ରହ କରି ନିକଟସ୍ଥ ଲାଇସେନ୍ସ ପ୍ରାପ୍ତ କୀଟନାଶକ ଡିଲରଙ୍କ ଠାରୁ ମନ ମୁତାବକ କୀଟନାଶକ କିଣି ଫସଲରେ ପ୍ରୟୋଗ କରନ୍ତୁ।

ଏଥିପାଇଁ ସହାୟତା ରାଶି (ହେକ୍ଟର ପ୍ରତି ୫୦୦ ଟଙ୍କା ହିସାବରେ) ଆପଣଙ୍କ ବ୍ୟାଙ୍କ ଜମା ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ।

OIPR-01034/11/0032/2122

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., NAYAGARH**

Phone No. 06753-253942
District Website: www.nayagarh.nic.in

**Tender No. 4908** **Dt.16.11.2021**

District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of food grains from FSD, FCI to RRCs |
| 2 | Availability of bid document in the portal | From 17.11.2021 |
| 3 | Last Date/Time for receipt of bids in the portal | Dt.29.11.2021 upto 5.00 P.M. |
| 4 | Date/Time of opening of Technical Bid | Dt.30.11.2021 upto 11.00 A.M. |
| 5 | Name and address of the Officer Inviting Tender | District Manager, O.S.C.S.C. Ltd., Nayagarh |

Tender documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments/corrigendum/cancellation/retenders etc. if any shall be published only in above websites.

**Sd./- District Manager**
**O.S.C.S.C. Ltd., Nayagarh**

**OFFICE OF THE**
**REGULATED MARKET COMMITTEE, BOLANGIR**

At: Kansaripada, P.O./Dist.- Bolangir
E-mail address: rmcbgr@rediffmail.com

No. 15/RMC Date: 16.11.2021

**QUOTATION CALL NOTICE**

Sealed quotations in plain paper/letter paid are invited by the Chairman RMC, Bolangir from the reputed Manufacturer / Authorized Dealer / Stockist for supply, installation, commissioning along with AMC charges of following grading equipment according to specification communicated vide letter No. 3252 Dt.30.10.2018 of OSAM Board, Bhubaneswar for use in paddy procurement operation 2021-22.

1. The bidder shall have to submit two separate quotations envelope i.e. Part-1 Technical Bid and Part-2 Financial Bid.
2. The bidder must have submit the valid manufacturing licence/mode of approval/dealer and repairing licence/ISO/ GST registration/PAN Card with Technical Bid.
3. Performance shall be given according to better quality and performance of the machine.
4. The tentative requirement of each items are
   i. Electronic Weighing Scale (300 Kg. Capacity) 20 Nos.
   ii. Electronic Mini Weighing Scale (01 to 05 Kg. Capacity) 20 Nos.
   iii. Mini Grader 20 Nos.
   iv. Moisture Meter 20 Nos.
   v. Analysis Box/Kit 10 Nos.

The quotation should reach to the undersigned on or before 24.11.2021 at 3.00 P.M. by Hand/Post and the same will be opened on 24.11.2021 at 4.00 P.M. in presence of the quotationer or their authorized agent. For further query/ information, the office concerned may be contacted during the office hour. The authority has reserved the right to accept or reject any or all quotation without assigning any reason thereof.

**Sd./- Chairman, RMC, Bolangir**

**ପୂର୍ବ ତଟ ରେଳପଥ**

**ଲୋଇସିଂହା-ବଲାଙ୍ଗୀର ଷ୍ଟେସନ ମଧ୍ୟରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍‌କୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନୀକ ସୂଚନା**

ଏହି ଲେଭେଲ କ୍ରସିଙ୍ଗ୍ ନିକଟରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ହୋଇସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ନିମ୍ନବର୍ଣ୍ଣିତ 'A' ଶ୍ରେଣୀ ଇଣ୍ଟରଲକ୍‌ଡ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍‌କୁ ସଡ଼କ ଯାତାୟତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ। ସଡ଼କ ବ୍ୟବହାରକାରୀମାନେ ଏହି ସୂଚନା ପ୍ରତି ଧ୍ୟାନ ଦେବା ଉଚିତ, ଯାହାକି ତା.30.11.2021 ରିଖ ଠାରୁ କାର୍ଯ୍ୟକାରୀ ହେବାକୁ ଯାଉଛି।

| କ୍ର. ସଂ. | ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଂ ସଂ. | LC ର ରେଳବାଇ କିଲୋମିଟର | ପ୍ରହରୀ ଥିବା/ ପ୍ରହରୀ ବିହୀନ | ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ, ବଲାଙ୍ଗୀରଙ୍କ ପତ୍ର ସଂଖ୍ୟା |
|---|---|---|---|---|---|---|
| 01. | ଝାରସୁଗୁଡ଼ା-ଟିଟିଲାଗଡ଼ | ଲୋଇସିଂହା-ବଲାଙ୍ଗୀର | JT-97 | 679/ 10-11 | ଜଗୁଆଳୀ ଥିବା | 1309/G&M, ତା.27.05.2013 ରିଖ |

PR-550/M/21-22 ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ)/ସମ୍ବଲପୁର

**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 8350/PSC, (1R-47-21-22) (DR-V),** **Dt. 17.11.21**

**No. D-201:-** It is for information of all concerned that, pursuant to the advertisement No. 08 of 2020-2021, **77 (Seventy Seven)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, "Statistics"**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **22.11.2021, 23.11.2021 & 24.11.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 22.11.2021 | 10.30 AM | 00089755, 00095550, 00089028, 00089113, 00091477, 00092727, 00100935, 00086679, 00097015, 00086423, 00093506, 00093484, 00078540, 00079498 & 00087957 = **15 Candidates** |
| | 02.30 PM | 00088740, 00089736, 00090494, 00091336, 00102237, 00086236, 00090030, 00077745, 00088190 & 00095455 = **10 Candidates** |
| 23.11.2021 | 10.30 AM | 00086785, 00086183, 00081845, 00083654, 00081627, 00093369, 00088361, 00089450, 00090209, 00095839, 00078353, 00077239, 00084202, 00083264 & 00096560 = **15 Candidates** |
| | 02.30 PM | 00097264, 00092702, 00090896, 00095546, 00080552, 00102011, 00090995, 00078452, 00090633 & 00087702 = **10 Candidates** |
| 24.11.2021 | 10.30 AM | 00079318, 00080994, 00090624, 00097009, 00087369, 00047132, 00083365, 00084253, 00076868, 00086931, 00082792, 00084851, 00076782, 00090562, 00097440, 00086560 & 00094444 = **17 Candidates** |
| | 02.30 PM | 00088213, 00096280, 00100426, 00076759, 00093075, 00093752, 00094024, 00089748, 00080664 & 00097006 = **10 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0136/2122 **Sd./- Secretary**

> କ୍ରମବିକାଶର ଶେଷ ହୋଇନାହିଁ। ପ୍ରକୃତିର ଶେଷକଥା ମଧ୍ୟ ମନୁଷ୍ୟର ବୌଦ୍ଧିକ ମନନଶୀଳତା ନୁହେଁ। ପଶୁ ଭିତରୁ ଯେପରି ମଣିଷ ଉଠି ଆସିଛି- ସେହିପରି ମଧ୍ୟ ମଣିଷ ଭିତରୁ ଅତିମାନବ ଉଠିଆସୁଛି। —ଶ୍ରୀଅରବିନ୍ଦ

# ମହିଳାଙ୍କ ପାଇଁ ନିବେଶ



ମାର୍‌ଗ୍ରେଟ ଫାକ୍‌ଷ୍ଟେଡ୍

ବିକାଶଶୀଳ ଦେଶଗୁଡ଼ିକରେ କୃଷି ଶ୍ରମଶକ୍ତିର ୪୩ ପ୍ରତିଶତ ମହିଳା ହୋଇଥିଲେ ମଧ୍ୟ ଏହି କ୍ଷେତ୍ରରେ ନିବେଶ ମାତ୍ର ୭ ପ୍ରତିଶତ ପାଖାପାଖି ରହିଛି । ଜାତିସଂଘର ଫୁଡ୍ ଆଣ୍ଡ୍ ଏଗ୍ରିକଲ୍‌ଚର(ଏଫ୍‌ଏଓ) ଅନୁଯାୟୀ, ମହିଳା କୃଷକଙ୍କ ପାଇଁ ଅଧିକ ନିବେଶ କରାଗଲେ କୃଷି ଉତ୍ପାଦ ୩୦% ପର୍ଯ୍ୟନ୍ତ ବୃଦ୍ଧି ହେବ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ୨୦୩୦ ସୁଦ୍ଧା ଉତ୍ପାଦନ ହ୍ରାସ ପାଇବ ବୋଲି ଯାହା ଅନୁମାନ କରାଯାଉଛି ତାହାକୁ ଏହା ରୋକିପାରିବ। ଜଳବାୟୁ ସହ ଓ ଲିଙ୍ଗଗତ ସମ୍ପର୍କ ରହିଛି ବୋଲି ଏଫ୍‌ଏଓ ସୂଚିତ କରୁଛି। ମହିଳାଙ୍କ ଜୀବିକା ମୁଖ୍ୟତଃ ଜଙ୍ଗଲ, ନଦୀ, ହ୍ରଦ, ମହାସାଗର ଉପରେ ନିର୍ଭର କରେ। ଏହି ସଂସାଧନ ସମ୍ପର୍କରେ ସେମାନଙ୍କ ଜ୍ଞାନ ଅଛି ଓ ଏଗୁଡ଼ିକର ସଂରକ୍ଷଣ କରିବାରେ ସେମାନେ ନେତୃତ୍ୱ ନେଇପାରିବେ। ଅନ୍ୟପଟେ ଜଳବାୟୁ ପରିବର୍ତ୍ତନରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଯନ୍ତ୍ରଣା ଭୋଗିଥାଆନ୍ତି। ଜଳବାୟୁ ମହିଳାଙ୍କ ଜୀବନକୁ ସାଂଘାତିକ ଭାବେ ପ୍ରଭାବିତ କରୁଥିବାବେଳେ ଏ ସମ୍ପର୍କିତ ଉଚ୍ଚସ୍ତରୀୟ ଆଲୋଚନା କିମ୍ବା ନୀତଗତ ଯୋଜନାଗୁଡ଼ିକରେ ସେମାନଙ୍କ ସ୍ଥିତି, ଆବଶ୍ୟକତା ଏବଂ ଦୃଷ୍ଟିକୋଣକୁ କ୍ୱଚିତ ବିଚାରକୁ ନିଆଯାଏ। ଏହା ଅନ୍ୟାୟ ଏବଂ ଅଦୂରଦର୍ଶୀ କାର୍ଯ୍ୟ। ମହିଳାମାନେ ଉପଭୋକ୍ତା, ସାମାଜିକ ନେତୃତ୍ୱ, ଶ୍ରମିକ ଏବଂ ଏଣ୍ଟରପ୍ରିନ୍ୟୁୟର କ୍ଷେତ୍ରରେ ପ୍ରମୁଖ ଭୂମିକା ନେଉଥିବାରୁ କ୍ଲାଇମେଟ ପ୍ରୋଜେକ୍ଟ ବା ଜଳବାୟୁ କାର୍ଯ୍ୟକ୍ରମଗୁଡ଼ିକର ସଫଳତା ପାଇଁ ଏମାନଙ୍କ ସହଯୋଗ ଆବଶ୍ୟକ। ଆମେ ମଧ୍ୟ ଜାଣୁ ଯେ,ଏସବୁ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ନିବେଶ କରିବା ଏକ ଭଲ ବିଜ୍‌ନେସ। ଯେଉଁ ଉଦ୍ୟୋଗୁଡ଼ିକରେ ନେତୃତ୍ୱର ପଦବୀଗୁଡ଼ିକରେ ଅତିକମ୍‌ରେ ଅଧା ମହିଳା ରହିଥାଆନ୍ତି ସେଗୁଡ଼ିକର ଉତ୍ପାଦ ବିକ୍ରିରେ ଉଚ୍ଚ ଅଭିବୃଦ୍ଧି ହେବା ସହ ଅଧିକ ଲାଭଦାୟକ ହୋଇଥାଏ ଓ ଖଟାଇଥିବା ପୁଞ୍ଜିରୁ ଭଲ ଲାଭ ପାଇଥାଆନ୍ତି। କଞ୍ଜୁମର ବାଇଂ ଡିସିଶନ (ଚାହୁଁଥିବା ଜିନିଷ କିଣିବା ପୂର୍ବରୁ ତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା, ଅନ୍ୟ ସାମଗ୍ରୀ ସହ ତୁଳନାରେ ଲାଭ ପାଇବାର ନିଷ୍ପତ୍ତି ) ପ୍ରାୟ ୮୦ % ମହିଳାମାନେ ନେଉଥିବାରୁ ଅଧିକ ମହିଳା ଥିବା ଉଦ୍ୟୋଗଗୁଡ଼ିକ ବହୁ ସମୟରେ ଉତ୍ତମ ବିକ୍ରି ଯୋଗ୍ୟ ଜିନିଷ ଉତ୍ପାଦନ କରିଥାଆନ୍ତି। ମହିଳାମାନଙ୍କୁ ଶ୍ରମିକଠାରୁ ଆରମ୍ଭ କରି ଶୀର୍ଷ ପଦବୀଗୁଡ଼ିକରେ ଅବସ୍ଥାପିତ କରିବାରେ ନିବେଶ କଲେ ଉତ୍ତମ ଜଳବାୟୁ ପରିଣାମ ମଧ୍ୟ ମିଳିପାରିବ। ବିଜ୍‌ନେସ ଆରମ୍ଭ କରିବାରେ ପୁରୁଷଙ୍କ ତୁଳନାରେ ମହିଳାମାନେ ତା'ର ସ୍ଥାୟିତ୍ୱ ତଥା ପରିବେଶ ଉପଯୋଗୀ ଦିଗ ପ୍ରତି ଅଧିକ ଧ୍ୟାନଦେବା ସମ୍ଭାବନା ରହିଛି। ଯେଉଁ କମ୍ପାନୀଗୁଡ଼ିକର ବୋର୍ଡରେ ମହିଳାମାନେ ଥିବେ ସେଗୁଡ଼ିକର ଶକ୍ତି ଦକ୍ଷତାରେ ଉନ୍ନତି ଆସିବା, କ୍ଷତି କମ୍ ହେବାର ଅଧିକ ସମ୍ଭାବନା ରହିଥାଏ। ଏହା ସହ ଅକ୍ଷୟ ଶକ୍ତି ଉତ୍ପାଦନରେ ନିବେଶ ମଧ୍ୟ ବଢ଼ିଥାଏ। ସେହିଭଳି ୫ ବର୍ଷରୁ ଅଧିକ ସମୟ ଧରି ବୋର୍ଡରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି କରୁଥିବା ଫାର୍ମଗୁଡ଼ିକ ସେମାନଙ୍କ ଶକ୍ତି ଉପଯୋଗର ତୀବ୍ରତା ୬୦% କମାଇବା, ସବୁଜ ଗୃହ ବାଷ୍ପ ନିର୍ଗମନ ୩୯% ହ୍ରାସ କରିବା ଏବଂ ଜଳ ଉପଯୋଗ ୪୬ %କମାଇବାର ଅଧିକ ସମ୍ଭାବନା ରହିଥିବା ଜଣାପଡ଼ିଛି।

କମ୍ପାନୀଗୁଡ଼ିକରେ ଏବେ ନିବେଶକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନେ କେବଳ ସେଗୁଡ଼ିକର ଆର୍ଥିକ ସଫଳତାକୁ ଆଧାର କରି ମୂଲ୍ୟାଙ୍କନ କରୁନାହାନ୍ତି, ବରଂ ପରିବେଶଗତ ଏବଂ ଜୈବବିବିଧତା ପ୍ରତିବଦ୍ଧତା ଓ ଲିଙ୍ଗଗତ ସମାନତା ବୃଦ୍ଧି କରିବାର ପ୍ରୟାସକୁ ବିଚାରକୁ ନେଉଛନ୍ତି। ଜୈବବିବିଧତା ଉପରେ ନିବେଶ କରୁଥିବା ଲାଟିନ ଆମେରିକାର ଇକୋ ଏଣ୍ଟରପ୍ରାଇଜେସ୍ କମ୍ପାନୀ ସେଭଳି କ୍ଷେତ୍ରରେ ନିବେଶକଙ୍କୁ ଉତ୍ସାହିତ କରୁଛି। କିଭଳି ଭଲ ପରିଣାମ ମିଳିବ ତାହା ଉପରେ ଗୁରୁତ୍ୱ ଦେଉଛି। କୌଣସି ଅଞ୍ଚଳରେ କିପରି ଭଲଭାବେ କାର୍ଯ୍ୟ କରିବେ ଓ ଗ୍ରାମାଞ୍ଚଳରେ ମହିଳାଙ୍କ ସକାଶେ ଆର୍ଥିକ ସୁଯୋଗ ସୃଷ୍ଟି କରିପାରିବେ, ସେଥିପାଇଁ ପରିବେଶ ଉପଯୋଗୀ ବିଜ୍‌ନେସଗୁଡ଼ିକୁ ସାହାଯ୍ୟ କରିବାରେ ତାହାର ଉତ୍ତମ ରେକର୍ଡ ମଧ୍ୟ ରହିଛି।

ଇକୋଏଣ୍ଟରପ୍ରାଇଜେସ୍‌ର ମାଲିକ ହେଉଛନ୍ତି ଟାମି ନ୍ୟୁମାର୍କ । ଏହି ମହିଳା ଜଣକ ଫାର୍ମକୁ ଠିକ୍ ବାଟରେ ନେଇ ଚାଲିଛନ୍ତି। ଏହାର ପରିଚାଳନା ଟିମ୍‌ର ସମସ୍ତ ସଦସ୍ୟ ପ୍ରାୟ ମହିଳା। ଏହି ଫାର୍ମ ଏବେ ସୁଦ୍ଧା ତିନୋଟି ନିବେଶ ପାଣ୍ଠି ପାଇଁ ଟଙ୍କା ଯୋଗାଡ଼ କରିଛି। ତୃତୀୟ ପାଣ୍ଠିରେ ୟୁରୋପିଆନ୍ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ୍ (ଇଆଇବି) ପାଖାପାଖି ୨୦ ମିଲିୟନ ଡଲାର ନିବେଶ କରିଛି। ଏବେ ତୃତୀୟ ପାଣ୍ଠି ଏହାର ପୁଞ୍ଜିର ୧୫% ମହିଳା ମାଲିକାନା କିମ୍ବା ମହିଳାଙ୍କ ଦ୍ୱାରା ପରିଚାଳିତ କମ୍ପାନୀଗୁଡ଼ିକୁ ଆବଣ୍ଟନ କରିବ ଏବଂ ତା' ନିବେଶ ଓ ଅଂଶଧନ ନିୟମ ମୁତାବକ ଫାର୍ମଗୁଡ଼ିକୁ ସେମାନଙ୍କ ଚାକିରିର ୫୦%ରେ ମହିଳାଙ୍କୁ ନିଯୁକ୍ତି ଦେବାକୁ ପ୍ରେରିତ କରିବ ବୋଲି ସ୍ଥିର କରିଛି। ଏହିସବୁ ଲକ୍ଷ୍ୟରୁ ବୁଝାପଡୁଛି , ୨ଏକ୍ସ ଚ୍ୟାଲେଞ୍ଜ (ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଶକ୍ତି ବୃଦ୍ଧି କରି ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କ ଯୋଗଦାନ ନିଶ୍ଚିତ କରିବା)ରେ ଏହି ପାଣ୍ଠି ନିଜକୁ ଯୋଗ୍ୟ ସାବ୍ୟସ୍ତ କରିପାରିଛି। ୨ଏକ୍ସ ଚ୍ୟାଲେଞ୍ଜ ଭଳି ବୈଶ୍ୱିକ ଅଭିଯାନ ଇଆଇବି ଗଠନ ହେବା ପରଠାରୁ ଚାଲୁ ରଖିଛି ଏବଂ ଆଗକୁ ମହିଳାମାନଙ୍କ ଆର୍ଥିକ ଭାଗୀଦାରି ବୃଦ୍ଧି କରିବା ପାଇଁ ୧୫ ବିଲିୟନ ଡଲାର ପାଣ୍ଠି ଯୋଗାଡ଼ କରିବାକୁ ଲକ୍ଷ୍ୟ ରଖିଛି।

କଲମ୍ବିଆରେ ଏକ ଜୈବିକ ଫଳ ବଗିଚାରେ ଇକୋଏଣ୍ଟରପ୍ରାଇଜେସ୍ ନିବେଶ କରିଛି। ଏହାର ପୁରୁଷ ପ୍ରାଧାନ୍ୟ ଶ୍ରମଶକ୍ତିରେ ଏକ ସମନ୍ୱୟ ସ୍ଥିତି ଆଣିବା ପାଇଁ ମହିଳାମାନଙ୍କୁ ନିଯୁକ୍ତି ଦେଉଛି ଏବଂ ମୁଖ୍ୟ ମାନବ ସମ୍ବଳ ଓ ମୁଖ୍ୟ ପରିଚାଳନା ଅଧିକାରୀ ଭଳି ବରିଷ୍ଠ ପଦବୀକୁ ଦୁଇ ଜଣ ମହିଳାଙ୍କୁ ପଦୋନ୍ନତି ଦେଇଛି। ଦ୍ରୁତ ଅଭିବୃଦ୍ଧି ପଥରେ ଥିବା କଲମ୍ବିଆର ଇକୋଫ୍ଲୋରା କେୟାର୍ସରେ ଇକୋଏଣ୍ଟରପ୍ରାଇଜେସ୍ ମଧ୍ୟ ନିବେଶ କରିଛି। ଖାଦ୍ୟ ଓ ପ୍ରସାଧନ ଶିଳ୍ପଗୁଡ଼ିକ ପାଇଁ ଏହା ପରିବେଶ ଉପଯୋଗୀ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରୁଛି। ଏହାର ପ୍ରତିଷ୍ଠାତା ସାଣ୍ଡ୍ରା ଜାପାଟା ଯୋଗାଣ ନେଟ୍‌ୱର୍କରେ ଅଧିକ ମହିଳାଙ୍କୁ ସାମିଲ କରି କମ୍ପାନୀକୁ ସମ୍ପ୍ରସାରିତ କରୁଛନ୍ତି। ଜୈବବିବଧତା ଏବଂ ଲିଙ୍ଗଗତ ସମାନତା କିଭଳି ଅନୁପୂରକ ହୋଇପାରନ୍ତି ତାହା ଏଭଳି ନିବେଶଗୁଡ଼ିକରୁ ସ୍ପଷ୍ଟ ହେଉଛି। ଏକାବେଳକେ ଏହି ଦୁଇଟି ଲକ୍ଷ୍ୟ ଉପରେ ଧ୍ୟାନ ଦେବା ଫଳରେ ବିପଦ କମିବା ସହ ପ୍ରୋଜେକ୍ଟର ପ୍ରଭାବ ବୃଦ୍ଧି ପାଉଛି। ଯଦି ଠିକ୍ ଭାବେ ଧ୍ୟାନ ରଖାଯାଏ ତେବେ ଜଳବାୟୁ ପରିବର୍ତ୍ତନ ପ୍ରୋଜେକ୍ଟଗୁଡ଼ିକ ମହିଳାଙ୍କ ଦକ୍ଷତା କ୍ଷେତ୍ରରେ ନିବେଶ କରିବା ପାଇଁ ସୁଯୋଗ ଯୋଗାଇଦେବ। ଆଗାମୀ ବର୍ଷଗୁଡ଼ିକରେ ଗ୍ରୀନ୍ ଇକୋନୋମି ବା ପରିବେଶ ଉପଯୋଗୀ ସବୁଜ ଅର୍ଥନୀତି ଲକ୍ଷ ଲକ୍ଷ ଚାକିରି ସୃଷ୍ଟି କରିବ ବୋଲି ଆଶା କରାଯାଏ। ନୂଆ ସୁଯୋଗଗୁଡ଼ିକୁ ଉପଯୋଗ କରିବାରେ ମହିଳାମାନଙ୍କର କୌଶଳ ଦକ୍ଷତା ରହିଛି ବୋଲି ଏହା ନିଶ୍ଚିତ କରିବ । ଶ୍ରମ ବଜାରରେ ଦୀର୍ଘଦିନର ଅସମାନତା ଓ ଆୟ କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟକୁ କମ୍ କରିପାରିବ। କିନ୍ତୁ ଏହି ସୁଯୋଗ ଯୋଗାଇ ଦେବାକୁ ହେଲେ ସବୁ ପ୍ରକାର ଚାକିରି ଏବଂ ପଦୋନ୍ନତି କ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳ ନୀତିଗୁଡ଼ିକୁ ସାମିଲ କରିବାକୁ ପଡ଼ିବ।

ବିଶ୍ୱ ସ୍ତରରେ ମହିଳାଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ କ୍ଷେତ୍ରରେ ସେମାନଙ୍କ ଭାଗୀଦାରି ବଢ଼ାଇଲେ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ହୋଇପାରିବ। ଏହାର ଆବଶ୍ୟକତାକୁ ସ୍ୱୀକାର କରି ଇଆଇବି ତା'ପ୍ରୋଜେକ୍ଟଗୁଡ଼ିକରେ ଲିଙ୍ଗଗତ ପ୍ରଭେଦ କମାଇ ମହିଳାଙ୍କ ଯୋଗଦାନ ବଢ଼ାଇବାରେ ଲାଗିଛି ଓ ୨ଏକ୍ସ ଚ୍ୟାଲେଞ୍ଜ ମାନଦଣ୍ଡ ପ୍ରୟୋଗ କରୁଛି। ୨୦୧୯ରୁ ନିବେଶଗୁଡ଼ିକରେ ମହିଳାଙ୍କ ନିଯୁକ୍ତି ଓ ମହିଳାଙ୍କ ଦ୍ୱାରା ପରିଚାଳିତ ଫାର୍ମଗୁଡ଼ିକରେ ନିବେଶ ସ୍ତର ନିର୍ଦ୍ଧାରଣ କରିବାରେ ଲାଗିଛି। ବିଶ୍ୱସ୍ତରରେ ଏଭଳି ମାନଦଣ୍ଡ ସ୍ୱୀକୃତ ହୋଇପାରିଛି। ଏହା ଇଆଇବି ଓ ତା' ଅଂଶୀଦାରମାନଙ୍କୁ ଲିଙ୍ଗଗତ ପ୍ରଭାବକୁ ଭଲ ଭାବେ ଆକଳନ କରିବାରେ ସାହାଯ୍ୟ କରୁଛି। ଏହାସହ ଇଆଇବି ନିକଟରେ ସିଡିସି ଗ୍ରୁପ୍, ଇଂଲଣ୍ଡର ଡେଭଲପ୍‌ମେଣ୍ଟ ଫାଇନାନ୍ସ ଇନ୍‌ଷ୍ଟିଚ୍ୟୁଶନ ଏବଂ ୟୁରୋପିଆନ ବ୍ୟାଙ୍କ୍ ଫର୍ ରିକନ୍‌ଷ୍ଟ୍ରକସନ ଆଣ୍ଡ୍ ଡେଭଲପ୍‌ମେଣ୍ଟ ସହଯୋଗରେ ଜେଣ୍ଡର୍ ସ୍ମାର୍ଟ କ୍ଲାଇମେଟ ଫାଇନାନ୍ସ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି। ଜଳବାୟୁ ନିବେଶରେ ମହିଳାମାନଙ୍କୁ ସାମିଲ କରିବା ଲାଗି କେଉଁ ଉପାୟ ଅବଲମ୍ବନ କରାଯିବ ସେ ସମ୍ପର୍କରେ ଏଥିରେ ପ୍ରକାଶ କରାଯାଇଛି। ଲିଙ୍ଗଗତ ପ୍ରଭେଦ ଦୂର କରି ଏକ ସମନ୍ୱୟ ସ୍ଥିତି ଆଣିବା କେବଳ ଏକ ବଡ଼ କଥା ନୁହେଁ, ବରଂ ଏହା ମାନବଜାତି ପାଇଁ ଏକ ପରିବର୍ତ୍ତନକାରୀ ଘଟଣା ବୋଲି ନିକଟରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି। ଜଳବାୟୁ ସଂସାଧନଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରିବା ଦ୍ୱାରା ଉଭୟ ବିଶ୍ୱତାପନ ଏବଂ ଲିଙ୍ଗଗତ ଅସମାନତାକୁ ଆୟତ୍ତ କରି ବିଶ୍ୱ ଲଗାତର ଆଖିଦୃଶିଆ ବିକାଶ କରିପାରିବ।

**ମହାସଚିବ, ୟୁରୋପିଆନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ୍**

## ଏଇ ଭାରତରେ

ବିଲୁପ୍ତି ପଥରେ ଥିବା ବିରଳ ପ୍ରଜାତିର ଜୀବଙ୍କ ସୁରକ୍ଷାକୁ ଗମ୍ଭୀରତାର ସହ ନେଇଛନ୍ତି ଅରୁଣିମା ସିଂହ। ସେ ଦୀର୍ଘ ୮ ବର୍ଷ ହେବ ଏକାକୀ ବିଭିନ୍ନ ପ୍ରଜାତିର କଇଁଛଙ୍କ ସୁରକ୍ଷାରେ ଲାଗିଛନ୍ତି। ବହୁ କଠିନ ପରିସ୍ଥିତିର ସାମ୍‌ନା କରି ଏବେ ସୁଦ୍ଧା ଅରୁଣିମା ୨୮,୦୦୦ କଇଁଛଙ୍କ ଜୀବନ ବଞ୍ଚାଇବା ସହ ସେମାନଙ୍କ ସୁରକ୍ଷା ନିଶ୍ଚିତ କରିଛନ୍ତି। କେବଳ କଇଁଛ ନୁହେଁ, ବିରଳ ପ୍ରଜାତିର ୬ କୁମ୍ଭୀର ଓ ଗଙ୍ଗାରେ ଥିବା ୨୫ ଡଲ୍‌ଫିନ ଉଦ୍ଧାର କରିଛନ୍ତି। ଲକ୍ଷ୍ନୌ ନିବାସୀ ଅରୁଣିମା ୨୦୧୩ରୁ ଟର୍ଟଲ ସର୍ଭାଇଭାଲ ଆଲାଏନ୍ସ (ଟିଏସ୍‌ଏ)ର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସେ କଇଁଛ ସୁରକ୍ଷା ଅଭିଯାନର ନେତୃତ୍ୱ ନେଇ ୨୮,୦୦୦ କଇଁଛ ଉଦ୍ଧାର କରିବା କିଛି କମ୍ କଥା ନୁହେଁ। ଏହାସହ ସେ ଟିଏସ୍‌ଏ ମାଧ୍ୟମରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ୫୦,୦୦୦ ପିଲାଙ୍କୁ କଇଁଛ ଏବଂ ଅନ୍ୟ ମଧୁରଜଳ ଜୀବଙ୍କ ଜୀବନ ସୁରକ୍ଷା ଉପରେ ସଚେତନ କରିପାରିଛନ୍ତି। ସେ ୧୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବିରଳ କଇଁଛଙ୍କୁ ଏକ ସୁରକ୍ଷିତ ଜାଗାରେ ରଖି ସେମାନଙ୍କ ଯତ୍ନ ନେଉଛନ୍ତି। ଜଙ୍ଗଲିଆ ସ୍ଥାନରୁ ଏମାନଙ୍କୁ ଅଲଗା ରଖାଯାଇପାରିବ ନାହିଁ ବୋଲି ଏମାନଙ୍କ ପ୍ରଜନନ ପାଇଁ ବନ ବିଭାଗର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ପରେ କଇଁଛ ଛୁଆଙ୍କୁ ନଦୀ ଓ ହ୍ରଦରେ ଛାଡୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୯୬

- କାସପିସ୍କିଠାରେ ଏକ ସାମରିକ ଆପର୍ଟମେଣ୍ଟରେ ବିସ୍ଫୋରଣ ଘଟି ୧୦୦ ଜଣ ଲୋକଙ୍କ ପ୍ରାଣହାନୀ।
- ୟୁକ୍ରେନର ଇଭ୍‌ପାତୋରିଆରୁ ମହାକାଶକୁ ଉତ୍‌କ୍ଷେପଣ କରାଯାଇଥିବା ମାର୍ସ-୯୭ ପ୍ରୋବ୍ ତାହାର ଲକ୍ଷ୍ୟପଥରେ ପହଞ୍ଚିବା ପୂର୍ବରୁ ପତନଗାମୀ ହୋଇଛି।
- ହରିରାଜପୁର ଗ୍ରାମର ଏକ ମକଦ୍ଦମାରେ ସଂପୃକ୍ତ ୨ ଜଣ ଆସାମୀକୁ ଛାଡ଼ିଦେବା ନେଇ ସ୍ଥାନୀୟ ବିଧାୟକ ଚାପ ଦେବା ପ୍ରତିବାଦରେ ଡେଲାଙ୍ଗ ଥାନାର ସମସ୍ତ ପୋଲିସ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଓ ଧାରଣା।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 8 | | | 7 | | | 2 | |
| 1 | | | | 3 | | | 7 | |
| | | | | 6 | 2 | 8 | | |
| | 1 | 6 | | | | | | |
| | 7 | | 8 | | 1 | | 3 | |
| | | | | | | | | 9 |
| 9 | | | | | | | | |
| | | 8 | | | 7 | | | 4 |
| 2 | | | 4 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 4 | 8 | 7 | 6 | 2 | 5 |
| 8 | 2 | 5 | 6 | 3 | 9 | 7 | 1 | 4 |
| 7 | 6 | 4 | 1 | 2 | 5 | 9 | 8 | 3 |
| 3 | 8 | 2 | 9 | 1 | 6 | 4 | 5 | 7 |
| 4 | 9 | 7 | 3 | 5 | 2 | 1 | 6 | 8 |
| 5 | 1 | 6 | 8 | 7 | 4 | 2 | 3 | 9 |
| 2 | 4 | 9 | 5 | 6 | 8 | 3 | 7 | 1 |
| 1 | 7 | 8 | 2 | 4 | 3 | 5 | 9 | 6 |
| 6 | 5 | 3 | 7 | 9 | 1 | 8 | 4 | 2 |

ଗତକାଲିର ଉତ୍ତର

# ଅତିଷ୍ଠ କଲାଣି ମହଙ୍ଗା ମାଡ଼



ଇବ୍ରାର ଖାଁ

ଡିଜେଲ, ପେଟ୍ରୋଲ ଓ ଇନ୍ଧନ ଗ୍ୟାସ୍‌ର ଅହେତୁକ ମୂଲ୍ୟବୃଦ୍ଧି ସାଧାରଣ ଜନତାଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ସମସ୍ତ ପ୍ରକାରର ଖାଇବା ତେଲ, ଡାଲି, ଚିନିଠାରୁ ଆରମ୍ଭ କରି ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଯେପରି ହୁ ହୁ ହୋଇ ବଢ଼ି ଚାଲିଛି ତାହା ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହେଲାଣି। ଆଳୁ, ପିଆଜଠାରୁ ଆରମ୍ଭ କରି ପ୍ରତ୍ୟେକ ପନିପରିବା ମୂଲ୍ୟରେ କିଲୋ ପ୍ରତି ୨୦ରୁ ୩୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟବୃଦ୍ଧି ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ବିଶେଷ କରି ଗରିବମାନଙ୍କ ରୋଷେଇ ଉପରେ ଯେପରି ପ୍ରହାର କରି ଚାଲିଛି ତାହା ସହିବାର ସବୁ ସୀମାକୁ ଅତିକ୍ରମ କଲାଣି। ଚାଷୀଙ୍କ ଚାଷ ଉପକରଣ ସହ ସାର, ବିହନ, କୀଟନାଶକଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ଔଷଧ ପର୍ଯ୍ୟନ୍ତ ସବୁର ମୂଲ୍ୟବୃଦ୍ଧି ଘଟି ଜନଗଣଙ୍କୁ ହନ୍ତସନ୍ତ କରି ଦେଉଥିଲେ ମଧ୍ୟ ଦରଦାମ ନିୟନ୍ତ୍ରଣ କରିବା ଦିଗରେ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ବି ଚେଷ୍ଟାରତ ଥିବା ପରି ମନେହେଉନି।

କରୋନା ମହାମାରୀ ପ୍ରାଦୁର୍ଭାବରେ ଦେଶର ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇ ବେକାର ହୋଇଯାଇଥିବା ବେଳେ ଅନିୟନ୍ତ୍ରିତ ଦରବୃଦ୍ଧି ସାମାଜିକ ଜନଜୀବନକୁ ଯେପରି ଅସ୍ତବ୍ୟସ୍ତ କରୁଛି ସେଥିରେ ରୋକ୍ ଲଗାଇବା ପରିବର୍ତ୍ତେ ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଧିକ ଟିକସ ବସାଇ ସାଧାରଣ ଜନତାଙ୍କୁ ଯେଉଁଭଳି ଲୁଟିବାରେ ଲାଗିଛନ୍ତି ତାହା ଜନ ଆକ୍ରୋଶକୁ ବଢ଼ାଇବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। 'ଏକ ଦେଶ ଏକ ଟିକସ'ର ଦ୍ୱାହି ଦେଇ ସମଗ୍ର ଦେଶରେ ଜିଏସ୍‌ଟି ଲାଗୁ କରାଯାଇଥିଲେ ମଧ୍ୟ ପେଟ୍ରୋଲଜାତ ଦ୍ରବ୍ୟକୁ ଜିଏସ୍‌ଟି ପରିସରଭୁକ୍ତ ନ କରିବା ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଏକ ସୁଚିନ୍ତିତ ଚକ୍ରାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାମାରୀର କରାଳ ଗ୍ରାସରେ ଦେଶର ଅର୍ଥନୀତି ରସାତଳଗାମୀ ହେବା ସହ ଜନଗଣଙ୍କ ଆୟର ପନ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସାଧାରଣ ଜନତା ଏବେ କପର୍ଦ୍ଦକଶୂନ୍ୟ ହୋଇ କ୍ରୟଶକ୍ତି ହରାଇ ବସିଥିବାରୁ ପାରିବାରିକ ଜୀବନରେ ହତାଶା ଓ ଅସହାୟତା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପାଖାପାଖି ଅଶୀ କୋଟି ଲୋକଙ୍କୁ ମାସିକ ପାଞ୍ଚ କିଲୋ ଚାଉଳ କିମ୍ବା ଗହମ ମାଗଣାରେ ଯୋଗାଇ ଦେଉଛନ୍ତି। ଅବଶ୍ୟ ମହାମାରୀ ପୂର୍ବରୁ କେନ୍ଦ୍ର ସରକାର ବହୁ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ୍ ଉପରେ ଅଧିକ ଟିକସ ବସାଇ ଜନଗଣଙ୍କ ପକେଟରୁ ଲୁଟି ନେଉଥିବାରୁ ସମାଜରେ ବାସ୍ତବ ବିକାଶର ଚିତ୍ର ପରିଦୃଷ୍ଟ ହେଉନି। ଉଜ୍ଜ୍ୱଳା ଯୋଜନାରେ ଦେଶରେ ପ୍ରାୟ ଆଠକୋଟି ଲୋକଙ୍କୁ ମାଗଣାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯାଇଥିଲେ ମଧ୍ୟ ଗ୍ୟାସ୍ ସିଲିଣ୍ଡର ଭରିବା ପାଇଁ ପାଖାପାଖି ହଜାରେ ଟଙ୍କା ଦେୟ ଦେବାକୁ ପଡୁଥିବାରୁ ପ୍ରାୟ ତିନି କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଆର୍ଥିକ ଅନଟନ କାରଣରୁ ସିଲିଣ୍ଡରରେ ପୁନଃ ଗ୍ୟାସ୍ ଭରି ନ ପାରି ପୁଣି ସେହି କାଠଚୁଲିକୁ ଆପଣେଇ ନେଇଛନ୍ତି।

ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କାକୁ ଅତିକ୍ରମ କରିଯାଇଥିବାରୁ ଅଧିକାଂଶ ଲୋକ ବାଇକ ଚଳାଇବାକୁ ଏବେ ଆଉ ସହଜ ମଣୁନାହାନ୍ତି। ଲିଟରେ ଡିଜେଲର ମୂଲ୍ୟ ଏବେ ଶହେ ଟଙ୍କାକୁ ପାର କରିଯାଇଥିବାରୁ ମାଲ ପରିବହନ କ୍ଷେତ୍ରରେ ତା'ର ସିଧା ପ୍ରଭାବ ପଡୁଛି। ତେଣୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଗୁଡ଼ିକର ମୂଲ୍ୟରେ ଅଧିକ ବୃଦ୍ଧି ଘଟି ଜନଗଣଙ୍କ ଆର୍ଥିକ ଅବସ୍ଥାକୁ ପୂରାପୂରି ଦୋହଲାଇ ଦେଉଛି। ସବ୍‌ସିଡି ଯୁକ୍ତ ଗ୍ୟାସ ସିଲିଣ୍ଡରକୁ ସରକାର ସବ୍‌ସିଡି ମୁକ୍ତ କରିଦେଇ ରୋଷେଇ ଗ୍ୟାସ୍ ମୂଲ୍ୟରେ ଯେପରି ବାରମ୍ବାର ବୃଦ୍ଧି କରି ଚାଲିଛନ୍ତି ସେଥିରେ ଅତିଷ୍ଠ ହୋଇ ଅଧିକାଂଶ ପରିବାର ପୁଣି ସେହି ପୁରୁଣା କାଠଚୁଲାକୁ ଆପଣେଇବା ପାଇଁ ବାଧ୍ୟ ହେବେ, ଏଥିରେ ସନ୍ଦେହ ନାହିଁ।

ମହଙ୍ଗାର ଚାବୁକ ମାଡ଼ରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ସରକାରଙ୍କ ଯୁକ୍ତି ହେଲା ଦେଶରେ ଭିତ୍ତିଭୂମିର ବିକାଶ ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ପେଟ୍ରୋଲ ଜାତ ଦ୍ରବ୍ୟରୁ ଆଦାୟ ଟିକସ ଅର୍ଥ ସେହିସବୁ କ୍ଷେତ୍ରରେ ବିନିଯୋଗ କରାଯାଉଛି। ସମଗ୍ର ଦେଶବାସୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକାକରଣ କରିବାକୁ ପଡୁଥିବାରୁ ଜନସାଧାରଣ କିଛି ତ୍ୟାଗ ସ୍ୱୀକାରକରି ଦେଶର ପ୍ରଗତି ପାଇଁ ସହଯୋଗ କରିବାକୁ ପଡ଼ିବ। ସରକାରଙ୍କ ଏଭଳି ସଫେଇର କିଛି ମାନେ ଥିବାପରି ମନେହୁଏନି। କାରଣ ଜନସାଧାରଣଙ୍କ ଟିକସ ପଇସାରେ ଯଦି ସରକାର ସବୁ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି ତେବେ ସର୍ବସାଧାରଣଙ୍କୁ ସବୁ କିଛି ମାଗଣାରେ ଦେଉଛନ୍ତି ବୋଲି କହିବାର ତାତ୍ପର୍ଯ୍ୟ କ'ଣ? ଜନମଙ୍ଗଳ ରାଷ୍ଟ୍ରରେ ନାଗରିକଙ୍କ ଧନ ଜୀବନର ସୁରକ୍ଷା ଦାୟିତ୍ୱ ହେଉଛି ସରକାରଙ୍କର। ଟିକସ୍‌ଦାତାଙ୍କର ମଧ୍ୟ ପୂର୍ଣ୍ଣ ଅଧିକାର ରହିଛି ସରକାରଙ୍କଠାରୁ ସର୍ବନିମ୍ନ ସୁବିଧା ପାଇବା; ଯାହା କି ସରକାର ଯୋଗାଇବା ପାଇଁ ବାଧ୍ୟ। ଏଥିରେ ଅନୁଗ୍ରହର ପ୍ରଶ୍ନ ଉଠୁଛି କେଉଁଠି? କର୍ପୋରେଟ୍ ଜଗତର କୋଟିପତି ଉଦ୍ୟୋଗପତି ହୁଅନ୍ତୁ ଅଥବା ସେଲିବ୍ରିଟିମାନେ ଗୋଟିଏ ଲିଟର ପେଟ୍ରୋଲ କ୍ରୟ ପାଇଁ ଯେତିକି ଟିକସ ଦିଅନ୍ତି ଜଣେ ସାଧାରଣ ଗରିବ ଲୋକ ତାହା କ୍ରୟ କରିବାକୁ ସେତିକି ଟିକସ ବହନ କରିଥାଏ। ସେହିପରି ରୋଷେଇ ଗ୍ୟାସ କିଣାରେ ଉଭୟେ ସମାନ ପରିମାଣର ଅର୍ଥ ପୈଠ କରିଥାନ୍ତି। ଉଦ୍ୟୋଗପତି କିମ୍ବା ସେଲିବ୍ରିଟି ମାନଙ୍କ ଉପରେ ବର୍ଦ୍ଧିତ ମୂଲ୍ୟ ବୃଦ୍ଧିର କୌଣସି ପ୍ରଭାବ ପଡୁ ନ ଥିବା ବେଳେ ସାଧାରଣ ଗରିବ ଖଟିଖିଆ ମଧ୍ୟବିତ୍ତ ପରିବାର ଏଥିରେ ପେଷି ହୋଇ ସର୍ବସ୍ୱାନ୍ତ ହେବା ନିଶ୍ଚିତ, ଏହା ଯେ କେହି ସ୍ୱୀକାର କରିବେ। ପରିସଂଖ୍ୟାନ ଅନୁଯାୟୀ କରୋନା କାଳରେ କୋଟି କୋଟି ଜନସାଧାରଣ ଆଜୀବିକା ହରାଇ ଆର୍ଥିକ ଅନଟନ କାରଣରୁ ତଳିତଳାନ୍ତ ହୋଇ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲି ଯାଇଥିବା ବେଳେ କର୍ପୋରେଟ ଜଗତର ଉଦ୍ୟୋଗପତିମାନଙ୍କ ଆୟର ଉତ୍ସ ଦଶଗୁଣକୁ ବୃଦ୍ଧି ପାଇଛି।

ଜନଗଣଙ୍କ ହିତକୁ ଦୃଷ୍ଟିରେ ରଖି ସରକାର ସମ୍ବେଦନଶୀଳ ହୋଇ ପେଟ୍ରୋଲ ଜାତ ଦ୍ରବ୍ୟକୁ ଅବିଳମ୍ବେ ଜିଏସ୍‌ଟି ପରିସରଭୁକ୍ତ କରିବା ସହ ରାଜକୋଷର ଅଭିବୃଦ୍ଧି ପାଇଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ଉପରେ ବିଚାର କରିବା ଆବଶ୍ୟକ। ଦେଶର ଅର୍ଥନୀତିକୁ ଗତିଶୀଳ କରିବାକୁ ହେଲେ ଜନଗଣଙ୍କ କ୍ରୟଶକ୍ତିକୁ ବଢ଼ାଇବାକୁ ପଡ଼ିବ। ତେଣୁ ସାଧାରଣ ଜନତାଙ୍କ ହାତରେ କିଛି ଆର୍ଥିକ ସହାୟତା ପ୍ରଦାନ କରି ବଜାରରେ ଚାହିଦା ବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ। ଚାହିଦା ବୃଦ୍ଧି ପାଇଲେ ଉତ୍ପାଦନ ବଢ଼ିବା ସହିତ ଆର୍ଥିକ ଅଭିବୃଦ୍ଧି ଗତିଶୀଳ ହେବ। ଉତ୍ପାଦନ ବୃଦ୍ଧି ପାଇଁ କଳକାରଖାନା ଚଳଚଞ୍ଚଳ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତାହାହେଲେ ଯାଇ ଦେଶର ଅର୍ଥନୈତିକ ଓ ସାମାଜିକ ବିକାଶ ସମ୍ଭବ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

**ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା**
**ମୋ: ୯୩୩୭୬୦୧୭୦୫**

# ସୃଜନ କଳା ମୁରୁଜ



ଅଭୟ କୁମାର ଦାସ

ବହୁ ବର୍ଷ ପୂର୍ବେ ଚିତ୍ରଲକ୍ଷଣ ନାମରେ ଜଣେ ରାଜା ଥିଲେ। ତାଙ୍କ ସମୟରେ ସେ ଥିଲେ ଜଣେ ପ୍ରସିଦ୍ଧ ଚିତ୍ରକର। ଏକଦା ରାଜା ଚିତ୍ରଲକ୍ଷଣଙ୍କ ଦରବାରର ମହାପଣ୍ଡିତଙ୍କ ପୁତ୍ରର ଅକାଳ ମୃତ୍ୟୁ ଘଟିବାରୁ ମହାପଣ୍ଡିତଙ୍କ ସମେତ ସାରା ରାଜ୍ୟବାସୀ ଏହି ଘଟଣାରେ ଦୁଃଖିତ ହୋଇପଡ଼ିଲେ। ପଣ୍ଡିତଙ୍କ ପୁତ୍ରକୁ ଜୀବନଦାନ ଦେବା ପାଇଁ ସମସ୍ତେ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ। ବ୍ରହ୍ମା ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ କହିଲେ, ମୃତ ପଣ୍ଡିତ ପୁତ୍ରଙ୍କର ଚିତ୍ର ମୁରୁଜରେ ଆଙ୍କିଲେ ସେ ସେହି ଚିତ୍ରକୁ ଜୀବନଦାନ କରିବେ। ବ୍ରହ୍ମାଙ୍କ ଏପରି ନିର୍ଦ୍ଦେଶରେ ରାଜା ଚିତ୍ରଲକ୍ଷଣ ନିଜେ ମୁରୁଜରେ ପିଲାଟିର ଚିତ୍ର ଆଙ୍କିଲା ପରେ ବ୍ରହ୍ମା ସେହି ଚିତ୍ର ପ୍ରତିମାଟିକୁ ଜୀବନଦାନ ଦେଇଥିଲେ। ସେହି ଦିନଠାରୁ ମୁରୁଜକୁ ସାରା ରାଜ୍ୟବାସୀ ଶୁଭ ବୋଲି ମାନିଲେ ଏବଂ ପ୍ରତ୍ୟେକ ଦିନ ଘର ଅଗଣାରେ ମୁରୁଜରେ ଚିତ୍ର ଆଙ୍କିବାକୁ ଲାଗିଲେ। ବହୁବର୍ଷ ପୂର୍ବେ ଅଣ୍ଡଲ୍ ନାମକ ଜଣେ ଯୁବତୀ ଥୀରୁମଲ ନାମକ ଦେବତାଙ୍କୁ ପୂଜା କରିବା ସହ ପ୍ରତିଦିନ ମୁରୁଜ ଆଙ୍କୁଥିଲା। ପୂଜା କରିବାର କିଛିଦିନ ମଧ୍ୟରେ ତା'ର ବିବାହ ହୋଇଯାଇଥିଲା। ଅଣ୍ଡଲ୍ ମାରଖାଜୀ ମାସ (୧୫ ଡିସେମ୍ବରଠାରୁ ୧୫ ଜାନୁୟାରୀ)ରେ ବିବାହ କରିଥିବାରୁ ଏହି ମାସରେ ଅବିବାହିତ ତାମିଲ ଝିଅମାନେ ସକାଳୁ ଉଠି ମୁରୁଜ ପକାଇ ଥୀରୁମଲଙ୍କୁ ପୂଜା କରିଥାନ୍ତି। ଏପରି କରିବା ଦ୍ୱାରା ଅବିବାହିତ ଝିଅମାନଙ୍କର ବିବାହ ଶୀଘ୍ର ହୋଇଯାଇଥାଏ ବୋଲି ବିଶ୍ୱାସ କରାଯାଏ।

ହିନ୍ଦୁ ପରମ୍ପରାର ପୂଜା ପଦ୍ଧତି ସହ ମୁରୁଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଦେବଦେବୀଙ୍କ ଆରାଧନା ଓ ଅନ୍ୟ ଶୁଭ କାର୍ଯ୍ୟ ଯଥା ଯଜ୍ଞ, ବିବାହ, ବ୍ରତଘର ଓ ପୂର୍ବ ପୁରୁଷଙ୍କ ପିଣ୍ଡଦେବା ସମୟରେ ମୁରୁଜ ବ୍ୟବହାର କରାଯାଇଥାଏ। ମିଳିଥିବା ପ୍ରମାଣ ଅନୁସାରେ ମହେଞ୍ଜୋଦାରୋ ଏବଂ ହରପ୍ପା ସଭ୍ୟତା ସମୟରେ ମୁରୁଜ ଅଙ୍କାଯାଉଥିଲା। ସେତେବେଳେ ମୁରୁଜକୁ 'ଆଲ୍ପନା' କୁହାଯାଉଥିଲା, ଯାହା ସଂସ୍କୃତ ଶବ୍ଦ 'ଓଲାନପିନ'ରୁ ଉଦ୍ଭୃତ, ଯାହାର ଅର୍ଥ ଚିତ୍ର ଆଙ୍କିବା। ମୁରୁଜର ବ୍ୟବହାର ସପ୍ତମରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ତନ୍ତ୍ରଶକ୍ତିର ଆଗମନ ସହିତ ହିନ୍ଦୁ ପୂଜା ପଦ୍ଧତିରେ ପ୍ରବେଶ ହୋଇଥିଲା ବୋଲି ଅନୁମାନ କରାଯାଏ। ମୁରୁଜରେ କୁଣ୍ଡଳୀ, ଚକ୍ର କ୍ଷେତ୍ର, ପଦ୍ମ କ୍ଷେତ୍ର, ଷଡ଼କ୍ଷେତ୍ର ଆଦି ଆକୃତିଗୁଡ଼ିକୁ ଅଙ୍କାଯାଇ ଉପାସ୍ୟ ବା ଇଷ୍ଟ ଦେବତାଙ୍କୁ ପୂଜା କରାଯାଉଥିଲା। ପୂର୍ବେ ହିନ୍ଦୁଧର୍ମରେ ପ୍ରକୃତି ପୂଜା କରାଯାଉଥିଲା। ଏହି ପ୍ରକୃତିକୁ ପ୍ରତିମା ରୂପ ଦେଇ ପୂଜା କଲାବେଳେ ତାଙ୍କର ଆହ୍ୱାନ ପାଇଁ ମୁରୁଜର ବ୍ୟବହାର କରାଗଲା। ୧୨ଶ ଓ ୧୩ଶ ଶତାବ୍ଦୀ ବେଳକୁ ମୁରୁଜ ସଂସ୍କୃତି ଶ୍ରୀମନ୍ଦିରରେ ପ୍ରବେଶ କଲା। ଶ୍ରୀମନ୍ଦିରର ରୋଷେଇ ଶାଳରେ ମୁରୁଜ ଆଙ୍କି ଅବଡ଼ା ହାଣ୍ଡି ରଖାଗଲା। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ସହିତ ଲକ୍ଷ୍ମୀଙ୍କୁ ମୁରୁଜରେ ଚିତ୍ର ଆଙ୍କି ପୂଜା କରାଗଲା। ମୁରୁଜ ଗୁଣ୍ଡରଙ୍ଗ ହୋଇଥିବାରୁ ଏହା ଶୀଘ୍ର ନଷ୍ଟ ହୋଇଯାଉଥିଲା, ତେଣୁ ଝୋଟିଚିତା ଆଙ୍କିବା ପ୍ରଥା ଆରମ୍ଭ ହେଲା। ଶ୍ରୀମନ୍ଦିରରେ ମୁରୁଜର ବ୍ୟବହାର ପରେ ଓଡ଼ିଆ ସଂସ୍କୃତିରେ ଏହାର ବହୁଳ ବ୍ୟବହାର କରାଗଲା।

ମରାଠାମାନଙ୍କ ଆଗମନରେ ମୁରୁଜ ସହ ଅବିର ରଙ୍ଗ ବ୍ୟବହାର କରାଗଲା। ପରେ ଶୈବ ଓ ଶାକ୍ତ ଧର୍ମର ବହୁଳ ବ୍ୟବହାର ଘଟିବାରୁ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଆଙ୍କି ପୂଜା କରିବା ଆରମ୍ଭ ହେଲା। ପୌରାଣିକ କିମ୍ବଦନ୍ତୀ ଅନୁସାରେ ପତ୍ନୀ ବ୍ୟଭିଚାରୀ ହେଲେ ଯାଇ ତାଙ୍କ ମୃତ୍ୟୁ ହେବ ଅନ୍ୟଥା ସେ ଅମର ବୋଲି ଜଳନ୍ଧରଙ୍କୁ ବର ମିଳିଥିଲା। ବର ପାଇଥିବା ଜଳନ୍ଧରଙ୍କୁ ମାରିବା ପାଇଁ ଶ୍ରୀକୃଷ୍ଣ ଜଳନ୍ଧରଙ୍କ ବେଶରେ ଆସି ବୃନ୍ଦାବତୀଙ୍କ ସତୀତ୍ୱ ହରଣ କରିଥିଲେ। ସ୍ୱାମୀଙ୍କ ବ୍ୟତୀତ ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ରକ୍ଷା କରିଥିବାରୁ ବୃନ୍ଦାବତୀଙ୍କ ସତୀତ୍ୱ ଉପରେ ପ୍ରଶ୍ନ ହେବାରୁ ତାଙ୍କୁ ପଞ୍ଚପବନୀ ରସ ବା ଅମୃତ ରସରେ ପବିତ୍ର କରାଯାଇଥିଲା। ଏହି ପଞ୍ଚବନୀ ଶବ୍ଦରୁ ପଞ୍ଚକ ଜାତ। କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପଞ୍ଚକ ଭାବେ ପାଳନ କରାଯାଏ। ଏହି ସମୟରେ ବୃନ୍ଦାବତୀଙ୍କ ସମ୍ମୁଖରେ ମୁରୁଜ ଅଙ୍କାଯାଇ ପୂଜା କରାଯାଏ। ଅରୁଆ ଚାଉଳ ଗୁଣ୍ଡକୁ ମୁରୁଜ ଭାବେ ବ୍ୟବହାର କରାଯାଏ। ଅଧିକ ଆକର୍ଷଣୀୟ କରିବା ପାଇଁ ମୁରୁଜରେ ବିଭିନ୍ନ ରଙ୍ଗ ମିଶାଯାଇଥାଏ। ପୂର୍ବେ ଗଛର ପତ୍ର, ଫୁଲ ପାଖୁଡ଼ା ଆଦିକୁ ଗୁଣ୍ଡ କରି ବିଭିନ୍ନ ରଙ୍ଗ ପ୍ରସ୍ତୁତ କରାଯାଉଥିଲା। ଧଳା ରଙ୍ଗ ପାଇଁ ଚାଉଳ ଗୁଣ୍ଡ, ହଳଦୀଗୁଣ୍ଡ ସହ ଚୂନପଥର ଗୁଣ୍ଡର ମିଶ୍ରଣ, ମାଟିଆ ରଙ୍ଗ ପାଇଁ ଗଛର ଶୁଖିଲା ବକଳ ଓ କଳା ରଙ୍ଗ ପାଇଁ ନଡ଼ିଆ ଶଢ଼େଇ, ଘଷି କିମ୍ବା କାଠ ଅଙ୍ଗାରରୁ ପ୍ରସ୍ତୁତ ଅଙ୍ଗାର ବ୍ୟବହାର କରାଯାଉଥିଲା। ଏବେ ଅରୁଆ ଚାଉଳ ଗୁଣ୍ଡ ଛଡ଼ା ଏକପ୍ରକାର ପଥରର ଗୁଣ୍ଡକୁ ବ୍ୟବହାର କରାଯାଉଛି ଓ ବିଭିନ୍ନ ରଙ୍ଗର ଅବିର ମିଶାଇ ରଙ୍ଗିନ ମୁରୁଜ ପ୍ରସ୍ତୁତ କରାଯାଉଛି । ଜଗନ୍ନାଥଙ୍କ ପାଇଁ ହଳଦିଆ, ବଳଭଦ୍ରଙ୍କ ପାଇଁ ସବୁଜ, ସୁଭଦ୍ରାଙ୍କ ପାଇଁ ହଳଦିଆ, ଶିବଙ୍କ ପାଇଁ କଳା ଓ ଧଳା, ସୂର୍ଯ୍ୟ, ଗଣେଶ ଓ ସୁଦର୍ଶନଙ୍କ ପାଇଁ ନାଲି ରଙ୍ଗ ବ୍ୟବହାର କରାଯାଏ ।

**ଗୋତରା, ମାହାଙ୍ଗା, କଟକ**
**ମୋ : ୯୪୩୭୧୪୨୭୧୭**

## ପାଠକ ଶ୍ରେଷ୍ଠ ବିଚାରକ

### ପହଁରା ଶିକ୍ଷା ଦିଆଯାଉ

ମହାଶୟ,

ମୁଣ୍ଡୁଳିଠାରେ ହାତୀ ଉଦ୍ଧାର ସମୟରେ ରବର ବୋଟ ଓଲଟିପଡ଼ିବା ଘଟଣା ଏନ୍‌ଡିଆର୍‌ଏଫ୍ କର୍ମଚାରୀଙ୍କ ଦୂରଦୃଷ୍ଟିର ଅଭାବ ଦୃଷ୍ଟିଗୋଚର ହୋଇଛି। ଏହି ବିଭାଗରେ କେତେ ଯବାନ ପହଁରା ଶିଖିନାହାନ୍ତି ଚିହ୍ନଟ କରାଯିବାର ସମୟ ଉପନୀତ। ବିଶ୍ୱର ତାପମାତ୍ରା ବୃଦ୍ଧି ଓ ବରଫ ତରଳିଚାଲିବା ପାଇଁ ସାରା ଦୁନିଆର ପାଣି ବଢ଼ି ବଢ଼ି ଚାଲିଛି। ଆଗାମୀ ଦିନରେ ଜଳଜନିତ ଦୁର୍ଘଟଣା ବଢ଼ି ଚାଲିବ ଓ ଏନ୍‌ଡିଆର୍‌ଏଫ୍ ଦେବଦୂତ ଭଳି ଉଭା ହେବ। ଶତପ୍ରତିଶତ କର୍ମଚାରୀଙ୍କ ପହଁରା ଶିକ୍ଷା ଓ ଅଭ୍ୟାସ ରୀତିମତ କରିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବା ଦରକାର। ଆମ ରାଜ୍ୟରେ ପହଁରାଳି ସଂଖ୍ୟା ସରି ସରି ଆସୁଥିବା ବେଳେ ନୂଆପିଢ଼ିଙ୍କ ପାଇଁ ପହଁରା ଶିକ୍ଷା ବାଧ୍ୟତାମୂଳକ କରାଯିବାର ଆବଶ୍ୟକତା ଅଛି ଓ ଏହି ଗୁରୁଦାୟିତ୍ୱ ଏନଡିଆରଏଫକୁ ଦିଆଗଲେ ଭଲ ହୁଅନ୍ତା। ପହଁରା ଶିଖି ନ ଥିବା ସରକାରୀ କର୍ମଚାରୀଙ୍କୁ ପ୍ରଥମେ ସୁଯୋଗ ମିଳିବା ଦରକାର।

**—ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରଣର ପଥ ଚାହିଁ ବସି ରହେ ଯେତେ ଅସହାୟ
ଉଠୁ ସେ ସାହସଭରେ ପାଇବାକୁ ଫେରି ନିଜ ନ୍ୟାୟ
ଶ୍ରେଷ୍ଠତମ ମର୍ଯ୍ୟାଦା ହେ ଭାରତର ଗର୍ବ ଅଭିମାନ
ସକଳ ସମସ୍ୟା ଲାଗି ଦିଅ ଆଣି ନବ ସମାଧାନ।
-(ଜାଗ ଜାଗ ଗାନ୍ଧି)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ରିସ୍କ ନେବାକୁ ଶିଳ୍ପ ଜଗତକୁ ସୀତାରାମନଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୧୭।୧୧:** କ୍ଷମତା ସମ୍ପ୍ରସାରଣ ଲାଗି ଶିଳ୍ପ ଜଗତ ରିସ୍କ ନେବା ଜରୁରୀ। ଏହା ହେଲେ ଯାଇ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶିଳ୍ପ ଜଗତକୁ ବୁଧବାର ଆହ୍ୱାନ ଜଣାଇଛନ୍ତି। ସେ କହିଛନ୍ତି, ଶିଳ୍ପଗୁଡ଼ିକୁ ଆମଦାନୀ ନିର୍ଭରତା କମ୍ କରିବାକୁ ହେବ। ଶିଳ୍ପ ଉପରେ ରହିଥିବା ଅନୁପାଳନ ବୋଝକୁ କମାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପଗୁଡ଼ିକୁ କ୍ଷମତା ବୃଦ୍ଧି ସହ ନୂଆ କ୍ଷେତ୍ରରେ ରହିଥିବା ସମ୍ଭାବନାକୁ ଖୋଜିବାକୁ ପଡ଼ିବ। ଏ କ୍ଷେତ୍ରରେ କୌଣସି ବିଳମ୍ବ ନ କରି ଟେକ୍ନୋଲୋଜି କ୍ଷେତ୍ରରେ ସହଯୋଗୀ ଖୋଜିବାକୁ ହେବ ବୋଲି ସିଆଇଆଇ ଗ୍ଲୋବାଲ ପଲିସି ସମିଟ୍ ଅବସରରେ ସୀତାରାମନ ମତ ପ୍ରକାଶ କରିଛନ୍ତି। ରସ୍କ ନେବା ସହ ଶିଳ୍ପ ଜଗତ ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଅଧିକ ଯୋଗଦାନ ରଖିପାରିବେ। ଦେଶକୁ ଏକ ସୁସ୍ଥକର ଅଭିବୃଦ୍ଧିର ଆବଶ୍ୟକତା ରହିଛି। ଆୟର ଅସମାନତାକୁ ଦୂରୀକରଣ କରିବା ସହ ଶିଳ୍ପଜଗତ ନୂଆ ନିଯୁକ୍ତି ଲାଗି ଆଗଭର ହୁଅନ୍ତୁ ବୋଲି ସୀତାରାମନ ଆହ୍ୱାନ ଦେଇଛନ୍ତି।

### ଏଫ୍ଏମ୍ସିଜି କମ୍ପାନୀଙ୍କ କାରବାର ୨୧% ବଢ଼ିଲା

**ନୂଆଦିଲ୍ଲୀ,୧୭।୧୧:** ଅକ୍ଟୋବର ମାସରେ ଦେଶର ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ (ଏଫ୍ଏମ୍ସିଜି) କମ୍ପାନୀଗୁଡ଼ିକର କାରବାରରେ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଛି। ବାର୍ଷିକ ଆଧାରରେ କମ୍ପାନୀଗୁଡ଼ିକର କାରବାର ପ୍ରାୟ ୨୧% ବୃଦ୍ଧି ଘଟିଛି। ଏହା ମଧ୍ୟରେ ପ୍ୟାକେଟ୍ ଫୁଡ, ଚାଉଳ, ଡାଲି, ଅଟା, କମୋଡିଟି ଏବଂ ଲକ୍ଜ୍ୟୁରି ସାମଗ୍ରୀ ରହିଥିବା ଜଣାପଡ଼ିଛି। ତେବେ ହୋମ କେୟାର ସେଗ୍ମେଣ୍ଟରେ ବିକ୍ରି ସାମାନ୍ୟ ଧୀମା ରହିଛି ବୋଲି ବିଜୋମ ରିପୋର୍ଟରୁ ଏହା ସାମ୍ନାକୁ ଆସିଛି। ହୋମ୍ କେୟାର ସେଗ୍ମେଣ୍ଟରେ ବିକ୍ରି ୮% ନିମ୍ନରେ ରହିଛି। ରିପୋର୍ଟ ମୁତାବକ, ସବୁ ଶ୍ରେଣୀରେ ବିକ୍ରି ୧୩ରୁ ୩୫% ବଢ଼ିଛି। ପାର୍ବଣ ଋତୁ କାରବାର ଲାଗି କିରାନା ଷ୍ଟୋରଗୁଡ଼ିକୁ ଅଧିକ ସମୟ ମିଳିଥିବାରୁ ବିକ୍ରିରେ ଉନ୍ନତି ଦେଖାଯାଇଛି।

# ଅପହଞ୍ଚ ଗ୍ରାମରେ ପହଞ୍ଚିବ ୪-ଜି ସେବା

ନୂଆଦିଲ୍ଲୀ,୧୭।୧୧

ଦେଶ ମଧ୍ୟରେ ଟେଲିକମ୍ ସେବା ଦ୍ରୁତଗତିରେ ଅଗ୍ରଗତି କରୁଛି। ଏବେ ମଧ୍ୟ ଅନେକ ସ୍ଥାନ ରହିଛି ଯେଉଁଠାରେ ଏହି ସେବାଠାରୁ ଲୋକ ବହୁ ଦୂରରେ ରହିଛନ୍ତି। ଉକ୍ତ ସ୍ଥାନଗୁଡ଼ିକୁ ସେବା ଯୋଗାଣ ଲକ୍ଷ୍ୟରେ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପ୍ରକ୍ରିୟା ଅନ୍ତର୍ଗତ ଓଡ଼ିଶାର ପ୍ରାୟ ୩,୯୩୩ ଗ୍ରାମକୁ ୪-ଜି ଟେଲିକମ୍ ସେବା ଯୋଗାଣ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶର ୫ ରାଜ୍ୟର ୪୪ ଆକାଂକ୍ଷୀ ଜିଲାରେ ୪ଜି ମୋବାଇଲ ସେବାଠାରୁ ଦୂରରେ ଥିବା ଗ୍ରାମଗୁଡ଼ିକରେ ଟେଲିକମ୍ ସେବା ଉପଲବ୍ଧ କରାଇବା ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ସମେତ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ରହିଛି।

ଏଭଳି ଗ୍ରାମଗୁଡ଼ିକରେ ମୋବାଇଲ ସେବା ପହଞ୍ଚାଇବା ଲାଗି ୟୁନିଭର୍ସାଲ ସର୍ଭିସ ଓବ୍ଲିଗେଶନ ଫଣ୍ଡ (ୟୁଏସ୍ଓଏଫ୍)ର ବ୍ୟବହାରକୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ମୋଟ ୭,୨୮୭ ଗ୍ରାମରେ ଏହି ବାବଦକୁ ୬,୪୬୪ କୋଟି ଟଙ୍କା ବିନିଯୋଗ କରାଯିବ। କ୍ୟାବିନେଟ ବୈଠକ ପରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ବିଶେଷକରି ୪-ଜି ସେବାକୁ ତ୍ୱରାନ୍ୱିତ ଲକ୍ଷ୍ୟ ରଖାଯାଇଛି। ୭,୨୮୭ ଗ୍ରାମରେ ଟେଲିକମ୍ ଟାୱାର ସ୍ଥାପନ ଏବଂ ସେବାରେ ଉନ୍ନତି ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ଦ୍ୱାରା ଲୋକମାନେ ବିଶେଷ ଭାବେ ଲାଭବାନ ହୋଇପାରିବେ।

ଆଗାମୀ ୧୮ ମାସ ମଧ୍ୟରେ ଯୋଜନାକୁ ଚୂଡ଼ାନ୍ତ ରୂପ ପ୍ରଦାନ କରିବା ଯୋଜନା ରଖାଯାଇଛି। ଏହା ମଧ୍ୟରେ ୫ ବର୍ଷର ପରିଚାଳନା ଖର୍ଚ୍ଚ ମଧ୍ୟ ସାମିଲ ରହିଛି। ଏଭଳି ପଦକ୍ଷେପ ଦ୍ୱାରା ଡିଜିଟାଲ ସଂଯୋଗ ବୃଦ୍ଧି, ଶିକ୍ଷା ଏବଂ ସୂଚନା ପ୍ରସାରଣ, ଦକ୍ଷତା ବିକାଶ ଏବଂ ଉନ୍ନତୀକରଣ, ବିପର୍ଯ୍ୟୟ ପରିଚାଳନା ଏବଂ ଇ-ଗଭର୍ନାନ୍ସ ଭଳି ଦିଗରେ ବିକାଶ ସାଧନ ହୋଇପାରିବ। ସେହିଭଳି ଏଣ୍ଟରପ୍ରାଇଜ ଏବଂ ଇ-କମର୍ସ କମ୍ପାନୀ ସ୍ଥାପନା, ଶିକ୍ଷା ଏବଂ ଜ୍ଞାନର ପ୍ରସାର, ଡିଜିଟାଲ ଇଣ୍ଡିଆ ଏବଂ ନିଯୁକ୍ତି ସୃଷ୍ଟିକୁ ଏହା ଉତ୍ସାହିତ କରିବ। ସେହିଭଳି ଉକ୍ତ ଯୋଜନାରେ ଆନ୍ଧ୍ର ପ୍ରଦେଶର ୧,୨୧୮ ଗ୍ରାମ, ମହାରାଷ୍ଟ୍ର ୬୧୦, ଛତିଶଗଡ଼ର ୬୯୯ ଏବଂ ଝାଡ଼ଖଣ୍ଡର ୮୨୭ ଗ୍ରାମ ସାମିଲ ରହିଥିବା ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

**ସାରା ଦେଶରେ ଖର୍ଚ୍ଚ ହେବ ୬୪୬୪ କୋଟି**




# ରେନୋ କ୍ୱିଡ୍ ବିକ୍ରି ୪ ଲକ୍ଷ ୟୁନିଟ ଟପିଲା

ନୂଆଦିଲ୍ଲୀ,୧୭।୧୧

ରୋନା ଇଣ୍ଡିଆ ଭାରତରେ ଏହାର ପରିଚାଳନାରେ ୧୦ତମ ପୂର୍ତ୍ତିପାଳନ କରୁଛି। ଏହାର ପ୍ରମୁଖ ମଡେଲ ରେନୋ କ୍ୱିଡ୍ର ବିକ୍ରି ୪ ଲକ୍ଷ ୟୁନିଟ ଟପିଛି। ଏହି ଅବସରରେ ୪ ଲକ୍ଷ ତମ ଗ୍ରାହକଙ୍କୁ ଚାବି ହସ୍ତାନ୍ତର କରାଯାଇଥିଲା। ଭାରତରେ ମିନି କାର୍ ସେଗ୍ମେଣ୍ଟରେ ଏହି ମଡେଲଟି ନୂଆ ଧାରା ସୃଷ୍ଟି କରିବାକୁ ସକ୍ଷମ ହୋଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ଆକର୍ଷଣୀୟ ହୋଇଥିବା ବେଳେ ଅଭିନବତ୍ୱ, ସୁଲଭ ଭଳି ପ୍ରମୁଖ ବୈଶିଷ୍ଟ୍ୟ ସହ ଆସିଛି। ମଡେଲଟି ୯ଟି ଟ୍ରିମରେ ଉପଲବ୍ଧ। ଆର୍ଏକ୍ସଇ, ଆର୍ଏକ୍ସଏଲ୍ ଏବଂ ଆର୍ଏକ୍ସଟି ଏହା ମଧ୍ୟରେ ସାମିଲ ହୋଇଛି। ଉଭୟ ୦.୮ ଲିଟର ଏବଂ ୧.୦ ଲିଟର ଏସ୍ସିଇ ପାୱାରଟ୍ରେନରେ ମାନୁଆଲ ଏବଂ ଏଏମ୍ଟି ବର୍ଗରେ ଏହା ଆସୁଛି।

ଭାରତରେ ରେନୋର ଅଭିବୃଦ୍ଧି କ୍ଷେତ୍ରରେ ଏହା ବିଶେଷ ଭାବେ ଯୋଗଦାନ ରଖିଛି। ଏଥିରେ ଏସ୍ୟୁଭି ଦ୍ୱାରା ଉତ୍ସାହିତ ଡିଜାଇନ, ଫାଷ୍ଟ ଇନ୍ କ୍ଲାସ ୨୦.୩୨ ସେମି ଟଚ୍ ସ୍କ୍ରିନ, ମିଡିଆ ନାଭିଗେସନ ଇଭୋଲ୍ୟୁଶନ, ଆଣ୍ଡ୍ରଏଡ ଅଟୋ, ଆପଲ୍ କାର୍ ପ୍ଲେ ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଯାନଟିରେ ରହିଛି। ପ୍ରଡକ୍ଟ ଇନୋଭେସନ କ୍ଷେତ୍ରରେ କମ୍ପାନୀ ସର୍ବଦା କାର୍ଯ୍ୟ କରୁଛି। ଏହା ଅଲ ନ୍ୟୁ କ୍ୱିଡ ଏମ୍ୱାଇ ୨୧ ନିକଟରେ ବଜାରକୁ ଛାଡ଼ିଛି। ଏଥିରେ ଡୁଆଲ ଫ୍ରଣ୍ଟ ଏୟାରବ୍ୟାଗ ରହିଛି।




### ଗ୍ରୁପ୍ କାରବାରକୁ ପୁନଃ ସଙ୍ଗଠିତ କରିବ ବେଦାନ୍ତ

ନୂଆଦିଲ୍ଲୀ,୧୭।୧୧

ବେଦାନ୍ତ ଗ୍ରୁପ ଏହାର କାରବାରକୁ ରିଷ୍ଟ୍ରକଚର ବା ପୁନଃ ସଙ୍ଗଠିତ କରିବା ଯୋଜନା ରଖିଛି। ବିଲିୟନେୟାର ଅନୀଲ ଅଗ୍ରୱାଲଙ୍କ ନେତୃତ୍ୱାଧିନ ଏହି କମ୍ପାନୀ ବୁଧବାର ଏ ସମ୍ପର୍କରେ ନିଜର ପକ୍ଷ ସ୍ପଷ୍ଟ କରିଛି। ଗ୍ରୁପର କିଛି କମ୍ପାନୀକୁ ଅଲଗା କରି ଏହାକୁ ପୁଞ୍ଜି ବଜାରରେ ସୂଚୀଭୁକ୍ତ କରାଇବା ଯୋଜନା ରଖାଯାଇଛି। ଏହା ମଧ୍ୟରେ ଆଲୁମିନିୟମ, ଲୌହ, ଷ୍ଟିଲ୍, ତୈଳ ଏବଂ ବାଷ୍ପ କାରବାର ରହିଥିବା ଜଣାପଡ଼ିଛି। ଏହି ସବୁ ବିଜନେସଗୁଡିକ ଭିନ୍ନ ଭିନ୍ନ ୟୁନିଟ ହେବ ବୋଲି ସୂଚନା ମିଳିଛି। ପୁନର୍ଗଠନ ନେଇ ବର୍ତ୍ତମାନ ବିଭିନ୍ନ ବିଚାର ବିମର୍ଷ ଜାରି ରହିଛି। ପ୍ରାୟ ୩ ବିଜନେସ ଏକାସହିତ ପରିଚାଳିତ ହେଉଛି ବୋଲି ଅଧ୍ୟକ୍ଷ ଅଗ୍ରୱାଲ କହିଛନ୍ତି। ଏହି ବିଜନେସଗୁଡ଼ିକରେ ଅନେକ ସମ୍ଭାବନା ରହିଛି। ଏମିତି ଏକ ମଡେଲ ସମ୍ପର୍କରେ ଆଲୋଚନା କରାଯାଉଛି ଯାହା ବିଜନେସ ଅଭିବୃଦ୍ଧି କ୍ଷେତ୍ରରେ ବିଶେଷ ଭାବେ ଯୋଗଦାନ ରଖିପାରିବ।

# କୁପୋଷଣ ବିରୋଧରେ ମିଳିତ ଲଢ଼େଇର ଆବଶ୍ୟକତା



ଭୁବନେଶ୍ୱର,୧୭।୧୧

କୁପୋଷଣ ବିରୋଧରେ ସମସ୍ତଙ୍କୁ ମିଳିତ ଭାବେ ଲଢ଼ିବାର ଆବଶ୍ୟକତା ରହିଛି। ଏହା ଏକ ଜନ ଆନ୍ଦୋଳନ ଭାବେ ଉଭା ହେବା ଉଚିତ। ଏଭଳି ଏକ ଜଟିଳ ସମସ୍ୟାର ସମାଧାନ ଦିଗରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ବୋଲି ଓଡ଼ିଶା ରାଜ୍ୟ ଫୁଡ କମିଶନର ଅଧ୍ୟକ୍ଷ ପ୍ରମୋଦ କୁମାର ମେରକାପ କହିଛନ୍ତି। ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏସ୍)ପକ୍ଷରୁ ବୁଧବାର ଅନୁଷ୍ଠିତ ଆଇଡିଏଟ୍ କାର୍ଯ୍ୟକ୍ରମ ଅବସରରେ ଅଭିଭାଷଣ ରଖି ସେ କହିଛନ୍ତି, କ୍ଷୁଧା ବିରୋଧରେ ଲଢ଼େଇ ଜାରି ରହିଛି। ଏହାକୁ ଏକ ଦାତବ୍ୟ କାର୍ଯ୍ୟ ଭାବେ ନ ଦେଖି ନ୍ୟାୟ ପ୍ରଦାନ ଲାଗି ଏକ ଯୋଗଦାନ ଭାବେ ବିଚାର କରିବାକୁ ହେବ। ବିଶେଷ କରି କୁପୋଷଣ ବିରୋଧରେ ସବୁ ଅଂଶୀଦାର ମିଳିତ ଭାବେ ଲଢ଼େଇ କରିବାକୁ ସେ ଆହ୍ୱାନ ଜଣାଇଥିଲେ।

କାର୍ଯ୍ୟକ୍ରମରେ ବିଆଇପିଏସ୍ ସିଇଓ ସୈଫାଳିକା ପଣ୍ଡା କହିଛନ୍ତି, କୁପୋଷଣ ଏବଂ ଅର୍ଦ୍ଧ ପୋଷଣ ଦୀର୍ଘଦୀନ ଧରି ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଉକ୍ତ କାର୍ଯ୍ୟକ୍ରମ ଫିକି ଆଦିତ୍ୟ ବିର୍ଲା ସିଏସ୍ଆର୍ ସେଣ୍ଟର ଫର ଏକ୍ସିଲେନ୍ସ ଏବଂ ଇମ୍ପାକ୍ଟ ଫର ନ୍ୟୁଟ୍ରିସନର ମିଳିତ ସହଯୋଗରେ ପାଳିତ ହୋଇଥିଲା। ଏଥିରେ ମଧ୍ୟପ୍ରଦେଶ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ଯୁଗ୍ମ ନିର୍ଦ୍ଦେଶକ ସ୍ୱର୍ଣ୍ଣିମା ଶୁକ୍ଲା, ଗେନ୍ର ସିନିୟର ପଲିସି ଆଡଭାଇଜର ଡ.ସୁପ୍ରିତ କୌର, ପିରାମଲ ସ୍ୱାସ୍ଥ୍ୟର ଚିଫ୍ ମ୍ୟାନେଜର ଡ.ଦେବିକା ଗାଲି ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ ଟିକଟ ସମ୍ମିଳନୀ ଏକାମ୍ର ପେକ୍ସ ଉଦ୍ଯାପିତ

ଭୁବନେଶ୍ୱର,୧୭।୧୧

ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟରେ ଦୁଇଦିନ ଧରିଚାଲିଥିବା ଜିଲ୍ଲାସ୍ତରୀୟ ଡାକ ଟିକଟ ସମ୍ମିଳନୀ ଏକାମ୍ରପେକ୍ସ-୨୦୨୧ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀ ଭାରତର ସାଂସ୍କୃତିକ ଐତିହ୍ୟ ଉପରେ ପର୍ଯ୍ୟବେସିତ ଥିଲେ। ପ୍ରଥମ ଥର ଲାଗି ଭର୍ଚୁଆଲ ଭାବେ ଏହାକୁ ଆୟୋଜନ କରାଯାଇଥିଲା। ଉଦଯାପନୀ ସମାରୋହ ଅବସରରେ ଓଡ଼ିଶା ଡାକ ପରିମଣ୍ଡଳର ନିର୍ଦ୍ଦେଶକ ଆଦିତ୍ୟ କୁମାର ନାୟକ ଚିଠି ଓ ଡାକ ଟିକସର ପୂର୍ବ ଗୌରବ ଫେରାଇ ଆଣିବା ଲାଗି ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି ମତ ରଖିଛନ୍ତି। ସମ୍ମାନୀତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ଶତପଥି, ବିଶିଷ୍ଟ ଫିଲାଟେଲିଷ୍ଟ ଅଜୟ କୁମାର ବାରିକ ଯୋଗଦାନ କରିଥିଲେ। ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉପରେ ସ୍ୱତନ୍ତ୍ର ରଦ୍ଦକରଣ କରାଯାଇଥିଲା। ଅତ୍ରି ଉଷ୍ମ ପ୍ରସ୍ରବଣ ଓ ଚୌଷଠି ଯୋଗିନୀ ମନ୍ଦିର ଉପରେ ସ୍ୱତନ୍ତ୍ର ଲଫାପା ଉନ୍ମୋଚନ କରାଯାଇଥିଲା। ଖଣ୍ଡଗିରି ଉଦୟଗିରି ଉପରେ ପର୍ଯ୍ୟବେସିତ ଛବି ପୋଷ୍ଟକାର୍ଡ ରଦ୍ଦକରଣ ସହ ଅନାବରଣ କରାଯାଇଥିଲା।

## ଫୁର୍ସତ୍

# ଦୁନିଆର ଶେଷ ରାସ୍ତା




**ଓସ୍ଲୋ:** ଏମିତି ବି ରାସ୍ତା ଅଛି, ଯାହାକୁ ବିଶ୍ୱର ଶେଷ ରାସ୍ତା ଭାବରେ ବିବେଚନା କରାଯାଏ, ଯାହାର ଲମ୍ବ ପ୍ରାୟ ୧୪ କିଲୋମିଟର। ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏହି ରାଜପଥରେ ଏକୁଟିଆ ଚାଲିବା ଏପରିକି ଗାଡ଼ି ଚଳାଇବା ମଧ୍ୟ ନିଷେଧ। ଉତ୍ତରମେରୁ ବିଷୟରେ ପ୍ରାୟ ସମସ୍ତେ ଶୁଣିଥିବେ। ଯାହା ପୃଥିବୀର ସବୁଠାରୁ ଦୂରରେ ଉତ୍ତର ବିନ୍ଦୁ ଅଟେ। ଯେଉଁଠି ପୃଥିବୀ ଘୂର୍ଣ୍ଣନ କରେ। ଏହା ହେଉଛି ନରୱେର ଶେଷ। ଏଠାରୁ ଯାଇଥିବା ରାସ୍ତାକୁ ଦୁନିଆର ଶେଷ ରାସ୍ତା ବୋଲି ବିବେଚନା କରାଯାଏ। ଯାହା ପୃଥିବୀ ଏବଂ ନରୱେକୁ ସଂଯୋଗ କରେ। ଏହା ଆଗକୁ କେବଳ ବରଫ ଏବଂ ସମୁଦ୍ର ରହିଛି। ଏଠାକୁ ଏକ ଦଳରେ ଯିବାକୁ ପଡ଼ିବ। କାରଣ ତୁଷାରପାତ ହେତୁ ଲୋକେ ରାସ୍ତା ଭୁଲିଯାଆନ୍ତି। ଏଠାରେ କେବଳ ଶୀତ ଋତୁ ହୋଇଥାଏ। ଏଠାରେ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଦୃଶ୍ୟମାନ ହୁଅନ୍ତି ନାହିଁ। ଗ୍ରୀଷ୍ମ ଋତୁରେ ବି ଏଠାରେ ତାପମାତ୍ରା ଶୂନ ଡିଗ୍ରୀ ସେଲ୍ସିୟସ ରହିଥାଏ।

# ଚୁମ୍ବନ ଦେବାବେଳେ ଡରି ଯାଇଥିଲେ



ସୈଫ ଅଲ୍ଲୀ ଖାନ୍

**ମୁମ୍ବାଇ:** ବଲିଉଡ ଅଭିନେତା ସୈଫ ଅଲ୍ଲୀ ଖାନ୍ ଏବଂ ଅଭିନେତ୍ରୀ ରାଣୀ ମୁଖାର୍ଜୀ ତାଙ୍କର ଆଗାମୀ ଫିଲ୍ମ 'ବଣ୍ଟି ଔର ବବ୍ଲି ୨'କୁ ନେଇ ଏବେ ଚର୍ଚ୍ଚାରେ। ଏହି ଫିଲ୍ମର ପ୍ରମୋଶନ ସମୟରେ ଦୁହେଁ କିଛି ଲୁକ୍କାୟିତ କଥା ସାମ୍ନାକୁ ଆଣିଛନ୍ତି। ରାଣୀ ଏବଂ ସୈଫ ଯଶରାଜ ଫିଲ୍ମର ଏକ ୟୁଟ୍ୟୁବ ଭିଡିଓ ଜରିଆରେ ଶେୟାର କରିଛନ୍ତି। ସୈଫ୍ ଏହି ଭିଡିଓରେ ରାଣୀଙ୍କୁ ପଚାରୁଛନ୍ତି, 'ତୁମର ମନେ ଅଛି ତ 'ହମ ତୁମ' ଫିଲ୍ମ ଶୁଟିଂ ସେଟ୍ରେ ମୋତେ କିସ କରିବାକୁ ଅସହଜ ମନେ କରିଥିଲ। ତେବେ କାହିଁକି ଏମିତି ଅସହଜ ବୋଧ ମନେ କଲ ଦର୍ଶକଙ୍କୁ କୁହ। ଏହା ପରେ ସୈଫ କହିଥିଲେ, ମୋତେ ପଚାରନି କାହିଁକି କିନ୍ତୁ ଡାଇରେକ୍ଟର କହିବାରୁ ମୁଁ ଏହି ସିନ୍ କରିଥିଲି'। ସୈଫ କହିଛନ୍ତି, ସେ ରାଣୀଙ୍କ ସହିତ ବହୁତ ଫିଲ୍ମରେ କାମ କରିଛନ୍ତି। ୨୦୦୪ରେ ଦୁଇଜଣ ପ୍ରଥମଥର ପାଇଁ ଫିଲ୍ମ 'ହମ ତୁମ'ରେ କାମ କରିଥିଲେ। ଏହା ଏକ ରୋମାଣ୍ଟିକ ଡ୍ରାମା ଫିଲ୍ମ ଥିଲା। ଏହି ଫିଲ୍ମରେ ଦୁହିଁଙ୍କର ଏକ କିସିଂ ସିନ୍ ଥିଲା। ଯାହାକୁ ସୈଫ ଆଜି ପର୍ଯ୍ୟନ୍ତ ଫିଲ୍ମ ଇତିହାସରେ ସବୁଠାରୁ ଖରାପ କିସିଂ ସିନ୍ କହିଛନ୍ତି। ସୈଫ କହିଛନ୍ତି, ଏହି ଦୃଶ୍ୟ ଶୁଟ କରିବାକୁ ସେ ବହୁତ ଡରି ଯାଇଥିଲେ। ଯେତେବେଳେ ସେଟ୍ରେ ପହଞ୍ଚିଥିଲେ ରାଣୀଙ୍କୁ କିସ୍ କରିବାକୁ ଅସହଜ ମନେ କରିଥିଲେ। ପରେ ନିର୍ଦ୍ଦେଶକ କହିବାରୁ ସେ ଡରି ଡରି କିସ୍ କରିଦେଇଥିଲେ। ସୈଫ ତାଙ୍କୁ ଚୁମ୍ବନ ଦେବାକୁ ଚାହାଁନ୍ତି ନାହିଁ ବୋଲି ବାହାରେ କହିବାକୁ ରାଣୀ ମୁଖାର୍ଜୀ ଚାହୁଁଥିଲେ। କିନ୍ତୁ ସୈଫ ମନା କରିଦେଇଥିଲେ। ତାଙ୍କ ବସ୍ଙ୍କ ନିର୍ଦ୍ଦେଶ ମାନିବାକୁ ପଡ଼ିବ ବୋଲି ମଧ୍ୟ ସୈଫ ରାଣୀଙ୍କୁ କହିଥିଲେ। ବହୁତ କଷ୍ଟରେ ଏଥିପାଇଁ ଉଭୟେ ପ୍ରସ୍ତୁତ ହୋଇଥିଲେ ବୋଲି ସୈଫ କହିଛନ୍ତି। 'ହମ୍ ତୁମ୍' ପାଇଁ ସୈଫ ଅଲ୍ଲୀ ଖାନ୍ ଜାତୀୟ ପୁରସ୍କାର ପାଇଥିଲେ। ଅଭିଷେକ ବଚ୍ଚନ ଏବଂ ରାଣୀ ମୁଖାର୍ଜୀଙ୍କ ଅଭିନୀତ 'ବଣ୍ଟି ଔର ବବ୍ଲି'ର ସ୍ୱିକେଲ ହେଉଛି 'ବଣ୍ଟି ଔର ବବ୍ଲି ୨'।

# ୬ ହଜାର ଫୁଟ ଉଚ୍ଚରେ ହୋଟେଲ



**କୁନାଉ:** ପୃଥିବୀପୃଷ୍ଠରୁ ପ୍ରାୟ ୬୦୦୦ ଫୁଟ ଉଚ୍ଚରେ ଆଲାସ୍କାର ରୁଥ ଗ୍ଲେସିଅରରେ ନିର୍ମାଣ ହୋଇଛି ଏକ ହୋଟେଲ। ଆମେରିକାର ଆଲାସ୍କାର ଡେନାଲି ଜାତୀୟ ଉଦ୍ୟାନ ନିକଟରେ ଏହି ହୋଟେଲ ରହିଛି। ଏହାର ଚାରିଆଡ଼େ ଖାଲି ବରଫ। ହୋଟେଲ ନିର୍ମାଣ ହୋଇଥିବା ସ୍ଥାନରେ ପହଞ୍ଚିବା ମଧ୍ୟ ସହଜ ନୁହେଁ। ଏହି ହୋଟେଲଟି ରୋବର୍ଟ ଏବଂ କେଟ ଶେଲଡନଙ୍କ ଦ୍ୱାରା ୨୦୧୮ ମସିହାରେ ନିର୍ମାଣ ହୋଇଥିଲା। ଏହାକୁ ତାଙ୍କ ପିତାଙ୍କ ନାମରେ ନାମିତ କରିଥିଲେ। ଏହି ହୋଟେଲ ପାଇଁ ଅନୁମତି ପାଇବାକୁ ପ୍ରାୟ ୧୦ ବର୍ଷ ସମୟ ଲାଗିଥିଲା। ଲୋକମାନେ ବ୍ୟକ୍ତିଗତ ହେଲିକପ୍ଟର ଯୋଗେ ଏଠାରେ ପହଞ୍ଚିଥାନ୍ତି। ଏଠାରେ ୩ ଦିନ ରହିବାକ ୨୬ ଲକ୍ଷରୁ ଅଧିକ ଟଙ୍କା ଦେବାକୁ ପଡ଼ିଥାଏ। ଏଠାରେ ଥରକେ କେବଳ ୧୦ ଜଣ ରହିବା ପାଇଁ ବ୍ୟବସ୍ଥା ଅଛି। ହୋଟେଲ ସୌନ୍ଦର୍ଯ୍ୟ ବେଶ ମନୋରମ। ଆଲାସ୍କାନ ରୋଷେୟାମାନେ ଏଠାରେ ଖାଦ୍ୟ ପ୍ରସ୍ତୁତ କରନ୍ତି। ହୋଟେଲର ଛାତ ଉପରେ ସୂର୍ଯ୍ୟାଲୋକରେ ସ୍ନାନର ମଧ୍ୟ ବ୍ୟବସ୍ଥା ରହିଛି।

# ଦ୍ୱୀପରେ ୫ କୋଟି ନରଭକ୍ଷୀ କଙ୍କଡ଼ା

**ମେଲବୋର୍ନ:** ଅଷ୍ଟ୍ରେଲିଆର ଖ୍ରୀଷ୍ଟମାସ୍ ଦ୍ୱୀପରେ ୫ କୋଟିରୁ ଅଧିକ ଲାଲ ରଙ୍ଗର ନରଭକ୍ଷୀ କଙ୍କଡ଼ା ଜମା ହୋଇଛନ୍ତି। କଙ୍କଡ଼ା ବ୍ରିଜ ପାର୍ ହୋଇ ରାସ୍ତାକୁ ପଳାଇ ଆସିଛନ୍ତି। ଏହାକୁ ନେଇ ଅଷ୍ଟ୍ରେଲିଆରେ ଥିବା ପର୍ଯ୍ୟଟକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏହି କଙ୍କଡ଼ା ପ୍ରତିବର୍ଷ ଉତ୍ତର ପଶ୍ଚିମ ଅଷ୍ଟ୍ରେଲିଆର ଜଙ୍ଗଲରୁ ଜାତୀୟ ଉଦ୍ୟାନ କୂଳକୁ ଅଣ୍ଡା ଦେବାକୁ ଆସିଥାନ୍ତି। ଫଳରେ ସମ୍ପୂର୍ଣ୍ଣ ଦ୍ୱୀପ ଲାଲ ହୋଇଯାଇଥାଏ । ଏତେ ସଂଖ୍ୟକ ଲାଲ କଙ୍କଡ଼ା ଦେଖି ସେଠାରେ ଉପସ୍ଥିତ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକମାନେ ଦୂରରୁ ଭିଡିଓ ଏବଂ ଫଟୋ ଉଠାଇ ଏହାକୁ ସୋସିଆଲ ମିଡିଆରେ ଅପଲୋଡ କରିଛନ୍ତି। ଡକ୍ଟର ତାନିଆ ଡେଟ୍ଟୋ ଡେଲି ମେଲ୍ ଅଷ୍ଟ୍ରେଲିଆକୁ କହିଛନ୍ତି, ଯେ ୨୦୦୫ ପରଠାରୁ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ କଙ୍କଡ଼ା ଏହି ଅଞ୍ଚଳକୁ ଆସିଛନ୍ତି। ୫ କୋଟିରୁ ଅଧିକ କଙ୍କଡ଼ା ନିୟନ୍ତ୍ରଣ କରିବା ଲାଗି ସ୍ଥାନୀୟ ପରିବେଶବିତ୍ଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଛି। କିଛି କଙ୍କଡ଼ା ଲୋକଙ୍କ ଘର ଉପରକୁ ମଧ୍ୟ ଚଢ଼ିଛନ୍ତି। ପ୍ରତିବର୍ଷ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ପ୍ରଥମ ବର୍ଷା ପରେ ଏହି କଙ୍କଡାମାନେ ଅଣ୍ଡା ଦେବାକୁ ସ୍ଥଳଭାଗ ମୁହାଁ ହୋଇଥାନ୍ତି।



## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ ଦେବାଶିଷ ସ୍ୱାଇଁ (ଚୁନୁ)
ଆବିର୍ଭାବ-୦୫।୧୦।୧୯୯୨
ତିରୋଧାନ- ୨୮।୧୧।୨୦୨୦
ଆମକୁ ଛାଡି ଚାଲିଯିବାର ବିତିଗଲା ଏକବର୍ଷ। ଏହି ସମଗ୍ର ସମୟ ତୋର ସ୍ମୃତି ବିଜଡିତ କ୍ଷଣକୁ ସଜଳ ନୟନରେ ମନେ ପକାଇ ଚାଲିଛୁ ଆମେ । ବହୁତ କିଛି ବଦଳି ଗଲାଣି ଏଇ ଭିତରେ । ଯାହା ବଦଳି ନାହିଁ, ତାହା ହେଉଛି ତୋରି ଅବର୍ତ୍ତମାନରେ ଆମର ଶେଷହୀନ ସନ୍ତାପ । ଆମେ ଜାଣୁ ଆଜି ତୁ ଥିବୁ ଈଶ୍ୱରଙ୍କ ନନ୍ଦନକାନନରେ । ତୁ ସେଠି ଶାନ୍ତିରେ ଥାଆ, ଏତିକି ପ୍ରାର୍ଥନା ।
ବାପା, ବୋଉ, ଭଉଣୀ- ଲିପି ଅପା, ଲିକି ଅପା, ପିଙ୍କି ଅପା, ଭିଣୋଇ- ଜିତୁ ଭାଇ, ପପୁ ଭାଇ, ମିଲୁ ଭାଇ, ଭଣଜା-ଆରୁଷ, ଭାଣିଜୀ- ରିଦ୍ଧ୍ୟା, ପ୍ରଭ୍ୟା, ମାମୁନ୍, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ ।
ଧ-୬୮୮୯

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ବେଙ୍ଗଲତା ସାହୁ
ଆବିର୍ଭାବ- ୧।୧।୧୯୪୪
ତିରୋଧାନ- ୮।୧୧।୨୦୨୧
ଚାହୁଁ ଚାହୁଁ ୧୧ ଦିନ ବିତିଗଲା । ଏବେ ବି ବିଶ୍ୱାସ ହେଉନାହିଁ ତୁମେ ଆମ୍ଭମାନଙ୍କ ଭିତରେ ନାହଁ । ତୁମ୍ଭେ ଯେଉଁଠି ଥାଅ ଭଲରେ ଥାଅ , ତୁମ୍ଭ ଅମର ଆତ୍ମାର ସଦ୍‌ଗତି ହେଉ ।
- ଇତି -
ବନ୍ଧୁ ଓ ପରିବାରବର୍ଗ
ଧ-୨୨୩୦୩

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9953557897 / 9432985505
Whatsapp : 9953557897

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

# ଭୁବନେଶ୍ୱରରେ ଆର୍ଜେଣ୍ଟିନା, ନେଦରଲାଣ୍ଡ, ଫ୍ରାନ୍ସ ଦଳ





ଜୁନିୟର ହକି ବିଶ୍ୱକପ୍ ଖେଳିବା ପାଇଁ ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବା ଆର୍ଜେଣ୍ଟିନା, ଫ୍ରାନ୍ସ ଓ ନେଦରଲାଣ୍ଡ ଦଳ।

**ଭୁବନେଶ୍ୱର, ୧୭।୧୧(କ୍ରୀଡ଼ା ପ୍ରତିନିଧି)** ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ଖେଳିବା ପାଇଁ ଆର୍ଜେଣ୍ଟିନା, ନେଦରଲାଣ୍ଡ ଓ ଫ୍ରାନ୍ସ ଦଳ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ମଙ୍ଗଳବାର ପ୍ରଥମ ବିଦେଶୀ ଦଳ ଭାବେ ବେଲ୍‌ଜିୟମ ଆସିଥିଲା। ଫଳରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍), ହକି ଇଣ୍ଡିଆ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଆୟୋଜନ ହେବାକୁ ଯାଉଥିବା ପ୍ରତିଯୋଗିତା ପାଇଁ ସ୍ୱତଃ ଉତ୍ସାହ ବଢ଼ିଛି।

ଫ୍ରାନ୍ସ ପୁଲ୍ 'ବି'ରେ ଆୟୋଜକ ଭାରତ ସହିତ ସ୍ଥାନ ପାଇଛି। ଏହି ପୁଲ୍‌ରେ ଥିବା ଆଉ ୨ଟି ଦଳ ହେଲେ କାନାଡ଼ା ଓ ପୋଲାଣ୍ଡ। ଫ୍ରାନ୍ସ ଏହାର ପ୍ରଥମ ମ୍ୟାଚ ଭାରତ ବିପକ୍ଷରେ ୨୪ ତାରିଖ ଦିନ ଖେଳିବ। ଏହାପରେ ୨୫ରେ ପୋଲାଣ୍ଡକୁ ଏବଂ ୨୭ରେ କାନାଡ଼ା ସହିତ ମୁକାବିଲା କରିବ। ଲିଗ୍ ମ୍ୟାଚ ପରେ ଏହି ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ନେଦରଲାଣ୍ଡ ପୁଲ୍ 'ସି'ରେ ଦକ୍ଷିଣ କୋରିଆ, ସ୍ପେନ ଓ ଆମେରିକା ସହିତ ସ୍ଥାନିତ ହୋଇଛି। ୨୫ ତାରିଖରେ ଏହି ଦଳର ଅଭିଯାନ ଆରମ୍ଭ ହେବ। ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ଦକ୍ଷିଣ କୋରିଆ। ପରେ ନେଦରଲାଣ୍ଡ ୨୬ରେ ସ୍ପେନ୍ ଏବଂ ୨୮ରେ ଆମେରିକାକୁ ଭେଟିବ। ଆର୍ଜେଣ୍ଟିନା ପୁଲ୍ 'ଡି'ରେ କଷ୍ଟସାଧ୍ୟ ଗ୍ରୁପରେ ରହିଛି। ଏହି ପୁଲ୍‌ର ଅନ୍ୟ ଦଳଗୁଡ଼ିକ ହେଲେ ଜର୍ମାନୀ, ପାକିସ୍ତାନ ଓ ଇଜିପ୍ଟ। ୨୫ ତାରିଖରେ ଦଳ ଇଜିପ୍ଟ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ଏହାପରେ ୨୬ରେ ଜର୍ମାନୀ ଓ ୨୮ରେ ପାକିସ୍ତାନ ସହିତ ମୁକାବିଲା କରିବ।

ବିଶ୍ୱର ଶ୍ରେଷ୍ଠ ୧୬ ଦଳକୁ ନେଇ ଏହି ପ୍ରତିଯୋଗିତା ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଭାରତ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ କରି ନିଜକୁ ପ୍ରସ୍ତୁତ କରୁଛି। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଏଥର କିଛିଟା କଟକଣା ଲଗାଯାଇଛି। ଓଡ଼ିଶା ସରକାର ପ୍ରସ୍ତୁତ କରିଥିବା ଗାଇଡଲାଇନ୍ ଅନୁସାରେ କାର୍ଯ୍ୟ ଆଗେଇ ଚାଲିଛି। ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ବିନା ଦର୍ଶକରେ ମ୍ୟାଚ ଖେଳାଯିବ। ତେଣୁ ଦର୍ଶକ କୋଳାହଳ ଶୁଣିବାକୁ ମିଳିବ ନାହିଁ। ଏଥିରେ ଓଡ଼ିଶାର ହକିପ୍ରେମୀ ନିରାଶ ହୋଇଥିଲେ ହେଁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏପରି କେତେକ କଠୋର ନିଷ୍ପତ୍ତି ନିଆଯାଇଛି।

## ଆର୍ସେଲର ମିତ୍ତଲ ଓ ନିପନ ଷ୍ଟିଲ ଇଣ୍ଡିଆ ଅଫିସିଆଲ ପାର୍ଟନର

**ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶ୍ୱର ଅଗ୍ରଣୀ ଇସ୍ପାତ ପ୍ରସ୍ତୁତକାରୀ ସଂସ୍ଥା ଆର୍ସେଲର ମିତ୍ତଲ ଓ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଏଫ୍‌ଆଇଏଚ୍ ଓଡ଼ିଶା ଜୁନିୟର ପୁରୁଷ ହକି ବିଶ୍ୱକପ୍‌ର ଅଫିସିଆଲ ପାର୍ଟନର ହୋଇଛନ୍ତି। ହକି ଜଗତର ମୁଖ୍ୟ ଇଭେଣ୍ଟ ଓଡ଼ିଶା ଆୟୋଜନ କରିବାକୁ ଯାଉଥିବାବେଳେ ଆମେ ହକି ଇଣ୍ଡିଆ ସହିତ ସହଭାଗୀ ହୋଇ ଖୁବ୍ ଆନନ୍ଦିତ ଏବଂ ଏହି ଅନ୍ତର୍ଜାତୀୟ ଖେଳକୁ ଦେଶ ବିଦେଶର ଦର୍ଶକ ଏବଂ ପ୍ରଶଂସକଙ୍କୁ ଆକୃଷ୍ଟ କରିବା ଦିଗରେ ସହାୟକ ହେବୁ। ଭାରତୀୟ ହକି ଦଳର ସଫଳତା ସହ ଓଡ଼ିଶାର ନାମ ଜଡ଼ିତ। ହକି ଖେଳର ବିକାଶରେ ଆମେ ଭାଗୀଦାର ହେବାର ସୁଯୋଗ ପାଇଥିବାରୁ ଖୁବ୍ ଗର୍ବିତ ବୋଲି ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଲୀପ ଓମେନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ ଭୁବନେଶ୍ୱର ୨୦୨୧ର ଅଫିସିଆଲ ପାର୍ଟନର ଭାବେ ଆର୍ସେଲର ମିତ୍ତଲ ଓ ନିପନ ଷ୍ଟିଲ୍ ଇଣ୍ଡିଆକୁ ପାଇ ଖୁବ୍ ଖୁସି ବୋଲି ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ର ନିଙ୍ଗୋମ୍‌ବାମ୍ କହିଛନ୍ତି।

## ପ୍ରମୋଦ ବିଜୟୀ

**ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି):** ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶାର ପ୍ରମୋଦ ଭଗତ ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ଏସଏଲ-୩ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସେ ସେଠାକାର ସ୍ଥାନୀୟ ଖେଳାଳି ଗଡ୍‌ଫ୍ରେ କାଟାଲୋଙ୍କୁ ୨୧-୮, ୨୧-୧୦ରେ ପରାସ୍ତ କରିଛନ୍ତି।

## ବିଜୟରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର,୧୭।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ ଟି୨୦ କ୍ରିକେଟରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ପ୍ରଥମ ଦିବସରେ ତାମିଲନାଡୁ ବିପକ୍ଷରେ ଓଡ଼ିଶା ବୃହତ୍ ବିଜୟ ହାସଲ କରିଛି। ତାମିଲନାଡୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଦଳର ଅର୍ଜୁନ କୁମାର ୫୧ ରନକରିଥିବା ବେଳେ ଓଡ଼ିଶାର ପଙ୍କଜ ଭୁଏ ୩ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ୧୧.୧ ଓଭରରେ ୧୨୯ ରନକରି ୭ ଉଇକେଟରେ ବିଜୟୀ ହୋଇଥିଲା। ଓଡ଼ିଶାର ସୁଖରାମ ମାଝି ୩୩ ବଲରୁ ୫୮ ରନକରି ଅପରାଜିତ ରହିଥିଲେ। ପ୍ରଭାବୀ ବୋଲିଂ କରି ପଙ୍କଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

## ଓଡ଼ିଶା କ୍ରିକେଟ ଦଳର ଜର୍ସି ଉନ୍ମୋଚିତ




ବୁଧବାର ଓଡ଼ିଶା କ୍ରିକେଟ ଦଳର ଜର୍ସି ଉନ୍ମୋଚନ ଅବସରରେ ଓସିଏ କର୍ମକର୍ତ୍ତା, ମୁଖ୍ୟ କୋଚ୍ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୭।୧୧(କ୍ରୀଡ଼ା ପ୍ରତିନିଧି)** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଏହାର କନ୍‌ଫରେନ୍ସ ହଲ୍‌ରେ ବୁଧବାର ଓଡ଼ିଶା କ୍ରିକେଟ ଦଳର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମଜିଏମ ମିନେରାଲ୍ସ ଲିମିଟେଡ ଓଡ଼ିଶା କ୍ରିକେଟ ଆସୋସିଏଶନର ଆପାରେଲ ପାର୍ଟନର ହୋଇଛି। ଏହା ବ୍ୟତୀତ ଏମ୍‌ଜିଏମ୍ ମିନେରାଲ୍ସ ୨୦୨୧-୨୨ ସିଜନ ପାଇଁ ଓଡ଼ିଶା କ୍ରିକେଟ ଦଳର ଅଫିସିଆଲ ସ୍ପୋନସର ମଧ୍ୟ ହୋଇଛି। ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ମୁଖ୍ୟ କୋଚ୍ ୱାସିମ୍ ଜାଫର, ଓଡ଼ିଶା ସିନିୟର କ୍ରିକେଟ ଦଳର ଅଧିନାୟକ ରାଜେଶ ଧୂପର, ସିନିୟର ମହିଳା କ୍ରିକେଟ ଦଳର ଅଧିନାୟିକା ମଧୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଙ୍ଗୁଲି ଆଇସିସି କ୍ରିକେଟ କମିଟି ଅଧ୍ୟକ୍ଷ

**ଦୁବାଇ,୧୭।୧୧** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଅନ୍ତର୍ଜାତୀୟ କ୍ରିକେଟ କମିଟି (ଆଇସିସି) ପୁରୁଷ କ୍ରିକେଟ କମିଟିର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ନିଜ ଦେଶର ଅନିଲ କୁମ୍ବଲେଙ୍କ ଉତ୍ତରାଧିକାରୀ ଭାବେ ସେ ଏହି ନୂଆ ଦାୟିତ୍ୱ ପାଇଛନ୍ତି ବୋଲି ବୁଧବାର ଆଇସିସି ତରଫରୁ ସୂଚନା ଦିଆଯାଇଛି। ୩ ଥର ୩ ବର୍ଷିଆ କାର୍ଯ୍ୟକାଳ ପୂରଣ କରିବା ପରେ ଅର୍ଥାତ୍ ୯ ବର୍ଷ ଏହି ପଦରେ ରହି କାର୍ଯ୍ୟ କରିବା ପରେ କୁମ୍ବଲେ ପଦରୁ ଇସ୍ତଫା ଦେଇଥିଲେ। ଏହି କମିଟିର ଅଧ୍ୟକ୍ଷ ଭାବେ ଗାଙ୍ଗୁଲିଙ୍କୁ ସ୍ୱାଗତ କରୁଛି ବୋଲି ଆଇସିସି ଅଧ୍ୟକ୍ଷ ଗ୍ରେଗ୍ ବାର୍କଲେ କହିଛନ୍ତି।

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରିକେଟର ଭାବେ ଗାଙ୍ଗୁଲି ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଏହାପରେ ଜଣେ କ୍ରିକେଟ ପ୍ରଶାସକ ଭାବେ ମଧ୍ୟ ତାଙ୍କର ଭଲ ଅଭିଜ୍ଞତା ରହିଛି। ତେଣୁ ସେ ନୂଆ ଦାୟିତ୍ୱକୁ ସଫଳତାର ସହ ତୁଲାଇବେ। ଦୀର୍ଘ ୯ ବର୍ଷ ଧରି କୁମ୍ବଲେ ମଧ୍ୟ ଏହି ପଦରେ ରହି ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି ବୋଲି ବାର୍କଲେ କହିଛନ୍ତି।

## ଫିଫା ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କଲା ଆର୍ଜେଣ୍ଟିନା

**ସାଓ ପାଉଲୋ, ୧୭।୧୧:** ୨୦୨୨ରେ କାତାରରେ ହେବାକୁ ଥିବା ଫିଫା ବିଶ୍ୱକପ୍ ପାଇଁ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଯୋଗ୍ୟତା ଅର୍ଜନ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବ୍ରାଜିଲ ଓ ଆର୍ଜେଣ୍ଟିନା ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ଚିଲି ୦-୨ରେ ଇକ୍ୱେଡରଠାରୁ ପରାସ୍ତ ହେବା ପରେ ଆର୍ଜେଣ୍ଟିନା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଆର୍ଜେଣ୍ଟିନା ୧୩ଟି ମ୍ୟାଚ୍ ଖେଳି ୮ ବିଜୟ ଓ ୫ ଡ୍ର ସହ ୨୯ ପଏଣ୍ଟ ହାସଲ କରି ଦକ୍ଷିଣ ଆମେରିକା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟର ଦ୍ୱିତୀୟ ସ୍ଥାନରେ ରହିଛି। ଇକ୍ୱେଡର ୧୪ ମ୍ୟାଚ୍ ଖେଳି ୭ ବିଜୟ, ୨ ଡ୍ର ଓ ୫ ପରାଜୟ ସହ ୨୩ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ବ୍ରାଜିଲ ୧୩ଟି ମ୍ୟାଚ୍ ଖେଳି ୧୧ ବିଜୟ, ୨ ଡ୍ର ସହ ସର୍ବାଧିକ ୩୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଛି। କଲମ୍ବିଆ ୧୪ଟି ମ୍ୟାଚ୍ ଖେଳି ୩ ବିଜୟ, ୮ ଡ୍ର ଓ ୩ ପରାଜୟ ସହ ୧୭ ପଏଣ୍ଟ ହାସଲ କରି ଚତୁର୍ଥ ଓ ପେରୁ ୧୪ଟି ମ୍ୟାଚ୍ ଖେଳି ୫ ବିଜୟ, ୨ ଡ୍ର ଓ ୭ ପରାଜୟ ସହ ସମାନ ୧୭ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ରହିଛି।

## ମହିଳା ବିଗ୍‌ବାଶ୍ ଲିଗ୍‌ରେ ମନ୍ଧାନାଙ୍କ ଶତକ




ଶତକ ହାସଲ ପରେ ସ୍ମୃତି ମନ୍ଧାନା।

**ମ୍ୟାକକେ, ୧୭।୧୧(ପି.ଟି.)** ପ୍ରଥମ ଭାରତୀୟ ଭାବେ ସ୍ମୃତି ମନ୍ଧାନା ମହିଳା ବିଗ୍‌ବାଶ୍ ଲିଗ୍‌ରେ ଶତକ ହାସଲ କରିଛନ୍ତି। ସେ ରେକର୍ଡ ସମକକ୍ଷ ୧୧୪ ରନରେ ଅପରାଜିତ ରହିଥିଲେ ହେଁ ତାଙ୍କ ଦଳ ସିଡ୍‌ନୀ ଥଣ୍ଡର୍ସ ବିଜୟ ହାସଲ କରି ପାରିନାହିଁ। ତେବେ ବିସ୍ଫୋରକ ଇନିଂସ ପାଇଁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି।

ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମେଲବୋର୍ନ ରେନେଗେଡ୍ସ ୨୦ ଓଭରରେ ୪ ଉଇକେଟ ହରାଇ ୧୭୫ ରନ କରିଥିଲା। ଭାରତର ହରମନପ୍ରୀତ କୌର ୫୫ ବଲ୍‌ରୁ ୧୧ ଚୌକା ଓ ୨ ଛକା ସହାୟତାରେ ୮୧ ରନରେ ଅପରାଜିତ ରହି ଟପ୍ ସ୍କୋରର ବିବେଚିତ ହୋଇଥିଲେ। ଇଭ୍ ଜୋନ୍ସ ୪୨ ଓ ଜେସ୍ ଡୁଫିନ ୩୩* ରନ କରିଥିଲେ। ଜବାବରେ ସିଡ୍‌ନୀ ଥଣ୍ଡର୍ସ ମନ୍ଧାନାଙ୍କ ୬୪ ବଲ୍‌ରୁ ୧୧୪ (୧୪ ଚୌକା, ୩ ଛକା) ରନର ଦ୍ରୁତ ଶତକ ସତ୍ତ୍ୱେ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ୪ ରନରେ ମ୍ୟାଚ ହାରି ଯାଇଥିଲା। ଦଳ ୨୦ ଓଭରରେ ୨ ଉଇକେଟ ହରାଇ ୧୭୧ ରନରେ ସୀମିତ ରହିଥିଲା। ତାହଲିଆ ୱିଲସନ ୩୯ ବଲ୍‌ରୁ ୩୮ ରନରେ ଅପରାଜିତ ରହିଥିଲେ। ଭାରତର ହରମନପ୍ରୀତ ଗୋଟିଏ ଉଇକେଟ ନେଇଥିଲେ। ଶେଷ ୫ ଓଭରରୁ ସିଡ୍‌ନୀ ଦଳ ୬୩ ରନ ଆବଶ୍ୟକ କରୁଥିଲା। ହୋଲି ଫେର୍ଲିଂ ବୋଲିଂ କରିଥିବା ୧୮ତମ ଓଭରରେ ମନ୍ଧାନା ୨୪ ରନ ସଂଗ୍ରହ କରିଥିଲେ। ତେଣୁ ଶେଷ ୨ ଓଭରରୁ ୨୨ ରନ ଆବଶ୍ୟକ ହେଉଥିଲା। ୧୯ତମ ଓଭରରେ ରେନେଗେଡେସ ଅଧିନାୟିକା ସୋଫି ମୋଲିନକ୍ସ ୯ ରନ ଦେଇ ମ୍ୟାଚକୁ ରୋମାଞ୍ଚକ କରିଥିଲେ। ଶେଷ ଓଭର ବୋଲିଂ କରିଥିଲେ ଭାରତୀୟ ଟି୨୦ ଦଳର ଅଧିନାୟିକା ହରମନପ୍ରୀତ କୌର। ଅଫ୍ ସ୍ପିନ୍ ପକାଉଥିବା ହରମନପ୍ରୀତଙ୍କ ଅନ୍ତିମ ବଲ୍‌ରୁ ସ୍ମୃତି ବିଜୟ ସୂଚକ ଛକା ମାରିବାରେ ସମର୍ଥ ହୋଇ ନ ଥିଲେ। ଫଳରେ ସିଡ୍‌ନୀ ଥଣ୍ଡର୍ସ ଫାଇନାଲ ପ୍ରବେଶରେ ବିଫଳ ହୋଇଥିଲା। ମହିଳା ବିଗ୍‌ବାଶ୍ ଲିଗ୍‌ରେ ପୂର୍ବରୁ ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର ୧୧୪ ରନ କରିଥିଲେ। ତେଣୁ ବ୍ୟକ୍ତିଗତ ସର୍ବାଧିକ ସ୍କୋରରେ ସ୍ମୃତି ତାଙ୍କ ସମକକ୍ଷ ହୋଇଛନ୍ତି।

# ପ୍ରଥମ ଟି୨୦ ଜିତିଲା ଭାରତ

**ଜୟପୁର, ୧୭।୧୧** ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ସିରିଜର ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୫ ଉଇକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୬୪ ରନ କରିଥିଲା। ଭାରତ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। ଏଥିସହ ରାହୁଲ ଦ୍ରାବିଡଙ୍କ ପ୍ରଶିକ୍ଷଣ ଏବଂ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀଲାଭ କରିଛି।

୧୬୫ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ଓପନିଂ ଯୋଡ଼ିରେ ୩୧ ବଲ୍‌ରୁ ୫୦ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ଲୋକେଶ ରାହୁଲ ୧୪ ବଲ୍‌ରୁ ୧୫(୧ ଚୌକା, ୧ ଛକା) ରନ କରି ମିଚେଲ ସାଣ୍ଟନରଙ୍କ ଶିକାର ହୋଇଥିଲେ। ରୋହିତ ଓ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ଉଇକେଟରେ ୪୯ ବଲ୍‌ରୁ ୫୯ ରନ ସଂଗ୍ରହ କରିଥିଲେ। ଫଳରେ ଭାରତ ବିଜୟ ପଥରେ ଅଗ୍ରସର ହୋଇଥିଲା। ତେବେ ରୋହିତ ଅର୍ଦ୍ଧଶତକ ହାସଲଠାରୁ ୨ ରନ ଦୂରରେ ଥିବାବେଳେ ଟ୍ରେଣ୍ଟ ବୋଲ୍ଟଙ୍କ ସ୍ଲୋ ବାଉନ୍ସରକୁ ଖେଳିବାରେ ତ୍ରୁଟି କରି ଶର୍ଟ ବ୍ୟାକ୍‌ୱାର୍ଡ ସ୍କୋୟାରରେ ରଚିନ ରବୀନ୍ଦ୍ରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେ ୩୬ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୪୮ ରନ କରିଥିଲେ। ବ୍ୟକ୍ତିଗତ ୪୫ ରନ କରିଥିବାବେଳେ ସୂର୍ଯ୍ୟକୁମାର ଲୋକି ଫର୍ଗୁସନଙ୍କୁ ଛକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଭାରତ ବିଜୟଠାରୁ ୨୧ ରନ ଦୂରରେ ଥିବାବେଳେ ସେ ଟ୍ରେଣ୍ଟ ବୋଲ୍ଟଙ୍କ ଫୁଲ୍ ଲେନ୍ଥ ବଲ୍‌କୁ ସୁଇପ୍ କରିବାକୁ ଯାଇ ବୋଲ୍ଡ ହୋଇଥିଲେ। ୪୦ଟି ବଲ୍ ଖେଳିଥିବା ସୂର୍ଯ୍ୟକୁମାର ୬ ଚୌକା ଓ ୩ ଛକା ସହ ସର୍ବାଧିକ ୬୨ ରନ ସ୍କୋର କରିଥିଲେ। ୧୭ତମ ଓଭରରେ ୨ ରନ ଗୋଟିଏ ଉଇକେଟ, ୧୮ତମ ଓଭରରେ ୫ ରନ ଏବଂ ୧୯ତମ ଓଭରରେ ୬ ରନରେ ୧ ଉଇକେଟ ହରାଇ ଭାରତ ବିପଦରେ ପଡ଼ିଥିଲା। ଶ୍ରେୟାସ ଆୟାର ୬ ବଲ୍‌ରୁ ମାତ୍ର ୫ ରନ କରି ଆଉଟ ହୋଇଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୦ ରନ ଆବଶ୍ୟକ ହେଉଥିଲା। ଡାରିଲ ମିଚେଲ ପ୍ରଥମ ବଲ୍‌କୁ ୱାଇଡ ପକାଇଥିବାବେଳେ ପରବର୍ତ୍ତୀ ବଲ୍‌କୁ ଚୌକାରେ ପରିଣତ କରିଥିଲେ ପଦାର୍ପଣକାରୀ ଭେଙ୍କଟେଶ ଆୟାର। ମାତ୍ର ୨ୟ ବଲ୍‌କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ଶର୍ଟ ବ୍ୟାକ୍‌ୱାର୍ଡ ପଏଣ୍ଟରେ ରବୀନ୍ଦ୍ରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ବଲ୍ ୱାଇଡ ହୋଇଥିବାବେଳେ ପରବର୍ତ୍ତୀ ବଲ୍‌ରେ ଅକ୍ଷର ପଟେଲ ୧ ରନ ନେଇଥିଲେ। ୪ର୍ଥ ବଲ୍‌କୁ ଚୌକାରେ ପରିଣତ କରି ରିଷଭ ପନ୍ତ ଉତ୍କଣ୍ଠାର ଅବସାନ ଘଟାଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ସୂର୍ଯ୍ୟକୁମାର ଯାଦବ।

ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ନ୍ୟୁଜିଲାଣ୍ଡ ପ୍ରଥମ ଓଭରରେ ମାତ୍ର ୧ ରନରେ ଡାରିଲ ମିଚେଲଙ୍କ ଉଇକେଟ ହରାଇଥିଲେ ହେଁ ମାର୍ଟିନ ଗୁପଟିଲ ଓ ମାର୍କ ଚାପ୍‌ମ୍ୟାନଙ୍କ ଶତକୀୟ ଭାଗୀଦାରି ବଳରେ ବଡ଼ ସ୍କୋର ଦିଗରେ ଅଗ୍ରସର ହୋଇଥିଲା। ଦ୍ୱିତୀୟ ଉଇକେଟରେ ଦୁହେଁ ୭୭ ବଲ୍‌ରୁ ୧୦୯ ରନ ସଂଗ୍ରହ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଫଳରେ ନ୍ୟୁଜିଲାଣ୍ଡ ୧୮୦ରୁ ଊର୍ଦ୍ଧ୍ୱ ସ୍କୋର କରିବା ଆଶା ଉଜ୍ଜୀବିତ ହୋଇଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ନ୍ୟୁଜିଲାଣ୍ଡର ପରବର୍ତ୍ତୀ ବ୍ୟାଟରମାନେ ଆଶାନୁରୂପ ଖେଳି ନ ପାରିବାରୁ ସ୍କୋର ୧୬୪ ରନରେ ସୀମିତ ରହିଥିଲା। ମାର୍ଟିନ ଗୁପଟିଲ ଦଳ ପକ୍ଷରୁ ସର୍ବାଧିକ ୭୦(୪୨ ବଲ, ୩ ଚୌକା, ୪ ଛକା) ଏବଂ ହଂକଂ ଜନ୍ମିତ ଚାପ୍‌ମ୍ୟାନ ୫୦ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୬୩ ରନ ସ୍କୋର କରିଥିଲେ। ଗ୍ଲେନ ଫିଲିପ୍ସ ଖାତା ଖୋଲିପାରି ନ ଥିବାବେଳେ ଟିମ୍ ସିଫର୍ଟ ୧୨, ରାଚିନ ରବୀନ୍ଦ୍ର ୭, ମିଚେଲ ସାଣ୍ଟନର ୪ ରନ କରିଥିଲେ। ଭାରତର ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୧୪ତମ ଓଭରରେ ୨ଟି ଉଇକେଟ ନେଇ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। ଭୁବନେଶ୍ୱର କୁମାର ୨ଟି ଉଇକେଟ ନେଇଥିବାବେଳେ ଦୀପକ ଚହର ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଏହି ମ୍ୟାଚରେ ଭାରତର ଭେଙ୍କଟେଶ୍ ଆୟାର ଅନ୍ତର୍ଜାତୀୟ ଟି୨୦ କ୍ୟାରିୟର ଆରମ୍ଭ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୪/୬(ମାର୍ଟିନ ଗୁପଟିଲ-୭୦, ମାର୍କ ଚାପ୍‌ମ୍ୟାନ-୬୩, ରବିଚନ୍ଦ୍ରନ ଅଶ୍ୱିନ-୨/୨୩, ଭୁବନେଶ୍ୱର କୁମାର-୨/୨୪, ମହମ୍ମଦ ସିରାଜ-୧/୩୯, ଦୀପକ ଚହର-୧/୪୨)। ଭାରତ ୧୯.୪ ଓଭରରେ ୧୬୬/୫(ସୂର୍ଯ୍ୟକୁମାର ଯାଦବ-୬୨, ରୋହିତ ଶର୍ମା-୪୮, ଟ୍ରେଣ୍ଟ ବୋଲ୍ଟ-୨/୩୧, ଡାରିଲ ମିଚେଲ-୧/୧୧, ମିଚେଲ ସାଣ୍ଟନର-୧/୧୯, ଟିମ୍ ସୌଦୀ-୧/୪୦ )।

## କୋଭିଡ୍ ନିୟମର ବ୍ୟାପକ ଉଲ୍ଲଂଘନ

**ଜୟପୁର, ୧୭।୧୧:** ଦୀର୍ଘଦିନ ପରେ ଭାରତ ଘରୋଇ ଗ୍ରାଉଣ୍ଡରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛି। କୋଭିଡ୍-୧୯ର ଦ୍ୱିତୀୟ ଲହର ପରେ ଅନ୍ତର୍ଜାତୀୟ କ୍ରିକେଟ ଭାରତକୁ ପ୍ରତ୍ୟାବର୍ତ୍ତନ କରିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ମ୍ୟାଚ୍‌ରେ କୋଭିଡ୍-୧୯ ଗାଇଡଲାଇନ୍‌ର ବ୍ୟାପକ ଉଲ୍ଲଂଘନ ଦେଖିବାକୁ ମିଳିଛି। ମ୍ୟାଚ୍ ପୂର୍ବରୁ ବହୁ ସଂଖ୍ୟାରେ ଦର୍ଶକ ଓ ସ୍ଥାନୀୟ ପୋଲିସ ବିନା ମାସ୍କରେ ଦେଖିବାକୁ ମିଳିଛନ୍ତି। ଷ୍ଟାଡିୟମରେ ପ୍ରବେଶ ନେଇ ଦର୍ଶକଙ୍କ ସଂଖ୍ୟାରେ କୌଣସି କଟକଣା ନ ଥିଲା। ତେବେ ଦର୍ଶକଙ୍କୁ ଟିକାକରଣ କିମ୍ବା ଆରଟି-ପିସିଆର ଟେଷ୍ଟର ନେଗେଟିଭ ସାର୍ଟିଫିକେଟ ଦେଖାଇବା ପରେ ଷ୍ଟାଡିୟମକୁ ପ୍ରବେଶ କରିବାର ଅନୁମତି ଦିଆଯାଇଥିଲା। ମାଚ୍ ପାଇଁ ଅଧା ଟିକେଟ ବିକ୍ରି ହେବ ବୋଲି ଆଶା କରାଯାଉଥିଲା। ତେବେ ମ୍ୟାଚ୍ ଆରମ୍ଭ ହେବାର ଅଧଘଣ୍ଟା ପୂର୍ବରୁ ଅଧା ଷ୍ଟାଡିୟମ ପୂର୍ଣ୍ଣ ହୋଇଯାଇଥିଲା। ଦର୍ଶକମାନେ ମଧ୍ୟ ଷ୍ଟାଡିୟମ ବାହାରେ ଲମ୍ବା ଲାଇନ୍‌ରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ପାଖାପାଖି ଅଧା ଦର୍ଶକ ମାସ୍କ ପିନ୍ଧି ନ ଥିବା ଦେଖାଯାଇଥିଲା।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୮/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, November 18/2021 | ପୃଷ୍ଠା-୧



**ବିବାଦରେ ବୀର ଦାସ**

ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସଙ୍କ 'ଆଇ କମ୍ ଫ୍ରମ୍ ଟୁ ଇଣ୍ଡିଆ' ଶୀର୍ଷକ ମନୋଲଗ୍‌କୁ ନେଇ ବିବାଦ ସୃଷ୍ଟି ହୋଇଛି। ଦିଲ୍ଲୀ ଓ ମୁମ୍ବାଇରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

୦୨

୦୭

**କ୍ୟାରିୟର ପାଇଁ ସିରିୟସ ଅନନ୍ୟା**

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ଏବେ ଫିଲ୍ମରେ ସାଇନ୍ କରିବା ପୂର୍ବରୁ ବହୁ ଭାବିଚିନ୍ତି ନିଷ୍ପତ୍ତି ନେଉଛନ୍ତି।



ଅପହୃତ ସ୍ୱାମୀଙ୍କୁ ମାଓବାଦୀଙ୍କ କବଳରୁ ମୁକୁଳେଇ ଆଣିଲେ ସ୍ତ୍ରୀ।




# ନିଜ ସୁରକ୍ଷା କରିବେ ଗାଁ ଲୋକେ

***ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗାଁ ଲୋକେ ନିଜର ସୁରକ୍ଷା କରିବେ। ଏନେଇ ପ୍ରତ୍ୟେକ ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ସରକାର ପ୍ରତି ଗାଁରେ ପ୍ରାୟ ୨୫ ଜଣ ଯୁବକଙ୍କୁ ଗଠନ କରିବେ ଟାସ୍କଫୋର୍ସ। ପ୍ରାକୃତିକ ବିପର୍ଯ୍ୟୟର ପ୍ରଥମ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ସେହି ସମୟରେ ଦୁର୍ଗମ ଗ୍ରାମାଞ୍ଚଳରେ ସରକାରୀ ସାହାଯ୍ୟ ପହଞ୍ଚିବା ସମ୍ଭବ ହୋଇ ନ ଥାଏ। ଏହି ସମୟରେ କିପରି ଲୋକମାନେ ନିଜ ଜୀବନକୁ ବଞ୍ଚାଇ ରଖିବେ ସେ ନେଇ ଯୋଜନାରେ ବ୍ୟବସ୍ଥା କରାଯାଇଛି।***



## ପ୍ରାକୃତିକ ବିପର୍ଯ୍ୟୟ

- ପ୍ରତି ଗ୍ରାମ ପାଇଁ ବିପର୍ଯ୍ୟୟ ପରିଚାଳନା ଯୋଜନା
- ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଗାଁକୁ ସାମିଲ
- ପ୍ରତ୍ୟେକ ଗାଁରେ ଗଠନ ହେବ ଟାସ୍କଫୋର୍ସ

**ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ)**

ରାଜ୍ୟକୁ ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ଭୟ ଲାଗି ରହିଛି। ଅନେକ ସମୟରେ ବାତ୍ୟା, ବନ୍ୟା, ବଜ୍ରପାତ, ମରୁଡ଼ି ଭଳି ପ୍ରାକୃତିକ ବିପତ୍ତି ରାଜ୍ୟକୁ ଛାରଖାର କରିଦେଉଛି। ଲୋକମାନଙ୍କୁ ବିପର୍ଯ୍ୟୟ ସମୟରେ ବଞ୍ଚାଇବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପ୍ରାକୃତିକ ବିପତ୍ତିରୁ କିପରି ଲୋକେ ନିଜର ସୁରକ୍ଷା କରିପାରିବେ ସେ ନେଇ ରାଜ୍ୟ ସରକାର ଏକ ବୃହତ୍ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ତଦନୁଯାୟୀ ପ୍ରତ୍ୟେକ ଗ୍ରାମରେ ୧୮ରୁ ୩୫ ବର୍ଷର ୨୦ରୁ ୨୫ ଜଣ ବ୍ୟକ୍ତିଙ୍କ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ତାଲିମ ଦିଆଯିବ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓଏସ୍‌ଡିଏମ୍‌ଏ) ଦ୍ୱାରା ତାଲିମପ୍ରାପ୍ତ ବିଶେଷଜ୍ଞ ସେମାନଙ୍କୁ ତାଲିମ ଦେବେ। ପ୍ରତ୍ୟେକ ଗ୍ରାମରେ ଟାସ୍କଫୋର୍ସ ଗଠନ ହେବ। ଗ୍ରାମର ସମସ୍ତ ସୂଚନା ଗୋଟିଏ ବୁକ୍‌ଲେଟ୍‌ରେ ରହିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମର ଲୋକମାନଙ୍କୁ କିପରି ନିରାପଦ ସ୍ଥାନକୁ ନିଆଯିବ, କେଉଁଠି ବାତ୍ୟା, ବନ୍ୟା ଆଶ୍ରୟସ୍ଥଳ ରହିଛି ସେ ବିଷୟରେ ଲୋକମାନଙ୍କୁ ସଚେତନ କରାଯିବ। ଗ୍ରାମର ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା, ଶିଶୁମାନଙ୍କୁ ବିପର୍ଯ୍ୟୟ ପୂର୍ବରୁ କିପରି ସୁରକ୍ଷିତ ସ୍ଥାନକୁ ନିଆଯାଇ ପାରିବ ତାହା ଉପରେ ଅଧିକ ଫୋକସ କରାଯିବ।

ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେବ। ପର୍ଯ୍ୟାୟ କ୍ରମେ ଏହା ରାଜ୍ୟର ୩୦ ଜିଲାରେ ଥିବା ୫୫ ହଜାର ଗ୍ରାମରେ ଏହି ଯୋଜନା କରାଯିବ। ଏହା ଏକ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ। ଗ୍ରାମର ଲୋକମାନେ ଏହି ଯୋଜନାରେ ସାମିଲ ହେବେ। ପଲ୍ଲିସଭା ଜରିଆରେ ଏ ନେଇ ସଚେତନ କରାଯିବ। ସରପଞ୍ଚ, ୱାର୍ଡମେମ୍ବର, ଏନ୍‌ଜିଓଗୁଡ଼ିକ ଏହି ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସହାୟତା କରିବେ। ବନ୍ୟା, ବାତ୍ୟା, ସୁନାମି, ଭୂମିକମ୍ପ ସମୟରେ ଧନଜୀବନକୁ ଯଥାସମ୍ଭବ ହ୍ରାସ କରିବା ଲକ୍ଷ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଓଏସ୍‌ଡିଏମ୍‌ଏର ଜଣେ ଅଧିକାରୀ କହିଛନ୍ତି।

ସୁନାମି ମଧ୍ୟ ଆଉ ଏକ ପ୍ରାକୃତିକ ବିପତ୍ତି ଭାବେ ରାଜ୍ୟ ଆଗରେ ଛିଡ଼ା ହୋଇଛି। ସୁନାମି ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ସମୁଦ୍ରକୂଳିଆ ଲୋକମାନଙ୍କ ପାଇଁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା କରାଯାଇଛି। ବିଶେଷକରି ବାଲେଶ୍ୱର, ଗଞ୍ଜାମ, ଭଦ୍ରକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଆଦି ୬ ଜିଲାର ୩୨୮ ଗ୍ରାମକୁ ସୁନାମି ପ୍ରବଣ ଗ୍ରାମ ଭାବେ ଚିହ୍ନଟ କରାଯାଇଛି। ସେହି ଲୋକମାନଙ୍କୁ ସୁନାମିରୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଉପକୂଳବର୍ତ୍ତୀ ୬ ଜିଲା ସମେତ ପୁରୀ, କୋଣାର୍କ, ପାରାଦୀପ, ଗୋପାଳପୁର ଏବଂ ଗଞ୍ଜାମ ଏନ୍‌ଏସିରେ ତାଲିମ କାର୍ଯ୍ୟକ୍ରମ ଜାରି ରହିଛି। ପ୍ରତ୍ୟେକ ଗ୍ରାମରେ ସୁନାମି ସୂଚନା ଫଳକ ଲଗାଇବାକୁ ନିଷ୍ପତ୍ତି ହୋଇଛି। ସୁନାମି ଆସିବା ପୂର୍ବରୁ ଲୋକମାନେ କିପରି ସୂଚନା ପାଇବେ, କେଉଁ ସ୍ଥାନକୁ ଯିବେ ସେ ନେଇ ଫଳକରେ ଉଲ୍ଲେଖ ରହିବ। ଉଲ୍ଲେଖଯୋଗ୍ୟ ଯେ ଗତ ୨୧ବର୍ଷ ମଧ୍ୟରେ ଓଡ଼ିଶା ଉପକୂଳ ☞ପୃଷ୍ଠା-୫

# ଲାଞ୍ଚ କାରବାର: ୮୨ତମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ, ୧୭।୧୧**

ଲାଞ୍ଚ କାରବାର ଆଶଙ୍କାକୁ ନେଇ କରାଯାଇଥିବା ଏକ ସର୍ଭେରେ ଭାରତ ପୂର୍ବବର୍ଷ ଅପେକ୍ଷା ୫ ସ୍ଥାନ ତଳକୁ ଖସି ୮୨ତମ ସ୍ଥାନରେ ରହିଛି। ଟ୍ରେସ୍ ନାମକ ସଂସ୍ଥା ପକ୍ଷରୁ ୧୯୪ଟି ଦେଶକୁ ନେଇ ଏହି ସର୍ଭେ କରାଯାଇଥିଲା। ୨୦୨୦ରେ ୪୫ ମାର୍କ ସହ ଭାରତ ୭୭ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୪୪ ନମ୍ବର ରଖି ଏହା ୮୨ତମ ସ୍ଥାନକୁ ଖସିଆସିଛି। ଉତ୍ତର କୋରିଆ (୧୯୪), ତୁର୍କମେନିସ୍ତାନ, ଭେନେଜୁଏଲା ଏବଂ ଇରିଟ୍ରେଆରେ ବ୍ୟବସାୟିକ ଲାଞ୍ଚ ଆଶଙ୍କା ସର୍ବାଧିକ ରହିଥିବାବେଳେ ଡେନ୍‌ମାର୍କ, ନରୱେ, ଫିନ୍‌ଲାଣ୍ଡ, ସୁଇଡେନ୍ ଏବଂ ନ୍ୟୁଜିଲାଣ୍ଡରେ ସର୍ବନିମ୍ନ ରହିଛି। ୪ଟି କାରଣକୁ ଆଧାର କରି ଏହି ସ୍କୋର ପ୍ରସ୍ତୁତ କରାଯାଇଥାଏ।



ସେଗୁଡ଼ିକ ହେଲା ସରକାରଙ୍କ ସହ ବ୍ୟବସାୟିକ ଆଲୋଚନା, ଲାଞ୍ଚ ବିରୋଧୀ ପଦକ୍ଷେପ ଓ ଏହାର କାର୍ଯ୍ୟକାରିତା, ସରକାର ଓ ନାଗରିକ ସେବାରେ ସ୍ୱଚ୍ଛତା ଏବଂ ଗଣମାଧ୍ୟମର ଭୂମିକା ସମେତ ସିଭିଲ୍ ସୋସାଇଟିର ପର୍ଯ୍ୟବେକ୍ଷଣ ସାମର୍ଥ୍ୟ।

ବିଶ୍ୱ ଉତ୍କୋଚ ଆଶଙ୍କା ସୂଚକାଙ୍କରେ ଭାରତ ଏହାର ପଡୋଶୀ ଦେଶ ପାକିସ୍ତାନ (୧୫୦), ଚାଇନା (୧୩୫), ନେପାଳ (୧୧୨) ଓ ବାଂଲାଦେଶ (୧୬୭)ଠାରୁ ଭଲ ସ୍ଥିତିରେ ରହିଛି। ଇଜିପ୍ଟ, ଭେନେଜୁଏଲା, ତୁର୍କୀ, ପୋଲାଣ୍ଡ, ହଙ୍ଗେରୀ ଭଳି ଦେଶରେ ଗତ ୧୦ ବର୍ଷ ମଧ୍ୟରେ ବ୍ୟବସାୟିକ ଲାଞ୍ଚ କାରବାର ପରିବେଶ ବହୁତ ଖରାପ ହୋଇଥିବା ଟ୍ରେସ୍ ରିପୋର୍ଟରେ କୁହାଯାଇଛି। ଆମେରିକା(୨୩)ରେ ମଧ୍ୟ ଗତ ୫ ବର୍ଷରେ ଲାଞ୍ଚ କାରବାର ବେଶ୍ ବଢ଼ିଛି। ୨୦୨୦ରୁ ୨୦୨୧ ମଧ୍ୟରେ ଉପସାଗରୀୟ ଦେଶଗୁଡ଼ିକରେ ବ୍ୟବସାୟିକ ଲାଞ୍ଚ କାରବାର ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ଉଜ୍‌ବେକିସ୍ତାନ, ଗାମ୍ବିଆ, ଆର୍ମେନିଆ, ମାଲେସିଆ ଏବଂ ଆଙ୍ଗୋଲାରେ ବ୍ୟବସାୟିକ ଲାଞ୍ଚ କାରବାର ହ୍ରାସ ପାଇଛି। ଭାରତ ସହ ପେରୁ, ଉତ୍ତର ମାସେଡୋନିଆ, ମୋଣ୍ଟେନେଗ୍ରୋ, ବାନୁଆଟୁ ୪୪ ନମ୍ବର ରଖି ସମାନ ର୍ୟାଙ୍କରେ ରହିଛନ୍ତି।



ମାସିକ ପ୍ରୋତ୍ସାହନ ରାଶି ୮ହଜାରରୁ ଊର୍ଦ୍ଧ୍ୱ କରିବା, କୋଭିଡ୍ ସହାୟତା ଓ ବେରୋଜଗାରୀ ଭତ୍ତା ପ୍ରଦାନ ସହ ୫ ଦଫା ଦାବି ନେଇ ଗାଁ ସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପରିବା ଧରି ଅଭିନବ ବିକ୍ଷୋଭ କରାଯାଉଛି।

# ଜାନୁୟାରୀ ସୁଦ୍ଧା ୬ ରାଷ୍ଟ୍ରାୟତ୍ତ କମ୍ପାନୀ ଘରୋଇକରଣ

**ନୂଆଦିଲ୍ଲୀ, ୧୭।୧୧:** ଜାନୁୟାରୀ ସୁଦ୍ଧା ଆଉ ପ୍ରାୟ ୬ ରାଷ୍ଟ୍ରାୟତ୍ତ କମ୍ପାନୀକୁ ଘରୋଇକରଣ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ସେଗୁଡ଼ିକର ଟ୍ରାଞ୍ଜାକଶନ ପ୍ରକ୍ରିୟା ଚଳିତ ଆର୍ଥିକ ବର୍ଷରେ ଶେଷ କରିବାକୁ ଯୋଜନା ରଖାଯାଇଛି। ଏହି ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ପ୍ରଦାନ କରିବା ଲାଗି ଫାଇନାନ୍ସିଆଲ ବିଡ୍ ଆହ୍ୱାନ କରାଯାଇଥିବା ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ) ସଚିବ ତୁହାନକାନ୍ତ ପାଣ୍ଡେ ବୁଧବାର ସୂଚନା ଦେଇଛନ୍ତି। ପ୍ରାୟ ୧୯ ବର୍ଷ ପରେ ଚଳିତ ବର୍ଷ ଏଭଳି ପ୍ରାୟ ୬ ରାଷ୍ଟ୍ରାୟତ୍ତ ସଂସ୍ଥାକୁ କେନ୍ଦ୍ର ସରକାର ଘରୋଇକରଣ ଦିଗରେ ଅଗ୍ରସର ହେଉଥିବା ଗ୍ଲୋବାଲ ଇକୋନୋମିକ ☞ପୃଷ୍ଠା-୫

# ଚଢ଼ାଉ ବେଳେ କୁକୁର ଛାଡ଼ିଦେଲେ ଗଞ୍ଜେଇ ବେପାରୀ

**ସଜନାଗଡ଼, ୧୭।୧୧ (ଡି.ଏନ.ଏ.)**

- ଆକ୍ରମଣରେ ୩ ଅବକାରୀ କର୍ମଚାରୀ ଆହତ
- ୪୩ କେଜି ଗଞ୍ଜେଇ ଜବତ

ଚଢ଼ାଉ କରିବାକୁ ଆସିଥିବା ଅବକାରୀ କର୍ମଚାରୀମାନଙ୍କ ଉପରକୁ ନିଜ ପୋଷା କୁକୁର ଛାଡ଼ିଦେଇଛନ୍ତି ଜଣେ ଗଞ୍ଜେଇ ବେପାରୀ। ଫଳରେ କୁକୁର କାମୁଡ଼ାରେ ୩ ଅବକାରୀ କର୍ମଚାରୀ ଆହତ ହୋଇଛନ୍ତି। ଚଢ଼ାଉ ରୋକିବା ପାଇଁ ଗଞ୍ଜେଇ ବେପାରୀ ଜଣକ ଏଭଳି ପନ୍ଥା ଆପଣାଇଥିଲେ ହେଁ ସେ ବିଫଳ ହୋଇଛନ୍ତି। ତାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୪୩ କେଜି ଗଞ୍ଜେଇ ଜବତ ହୋଇଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ଘାଟଘରସାହି ଅଞ୍ଚଳରେ।

ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଅଧିକାରୀ ବାଲେଶ୍ୱର ଏବଂ ନୀଳଗିରି ଅବକାରୀ କର୍ମଚାରୀଙ୍କ ସହଯୋଗରେ ଗଞ୍ଜେଇ ବେପାରୀ ନିରଞ୍ଜନ ବେହେରାଙ୍କ ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ଚଢାଉରୁ ବଞ୍ଚିବା ପାଇଁ ହଠାତ୍ ନିରଞ୍ଜନ ଘରେ ପାଳିଥିବା ☞ପୃଷ୍ଠା-୫

# ୧୪ ଫର୍ନିଚର ସଂସ୍ଥା ଉପରେ ଜିଏସ୍‌ଟି ଚଢ଼ାଉ

**ଭୁବନେଶ୍ୱର/କଟକ ଅଫିସ, ୧୭।୧୧:** ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ପକ୍ଷରୁ ପ୍ରାୟ ୧୪ ଫର୍ନିଚର ମାନୁଫାକ୍ଚର ଏବଂ ହୋଲ୍‌ସେଲରଙ୍କ ପ୍ରତିଷ୍ଠାନ ଉପରେ ବୁଧବାର ଚଢ଼ାଉ କରାଯାଇଛି। ଏହି ସଂସ୍ଥାଗୁଡ଼ିକ ବିନା କୌଣସି ଟିକସ ଇନ୍‌ଭଏସ୍‌ରେ ଫର୍ନିଚର କିଣାବିକାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ଆସିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚଢ଼ାଉ ପୂର୍ବରୁ ବିଭିନ୍ନ ଡାଟାକୁ ତର୍ଜମା କରାଯିବା ସହ ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ କରାଯାଇଥିଲା। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ଭବାନୀପାଟଣା, ବରଗଡ଼, କେନ୍ଦ୍ରାପଡ଼ା, ଭଦ୍ରକ, କଣ୍ଟାବାଞ୍ଜି ଏବଂ ବାଲେଶ୍ୱର ଭଳି ମୋଟ ୧୧ ସହରରେ ଏଭଳି ଚଢ଼ାଉ କରାଯାଇଛି। ଏହି ସଂସ୍ଥାଗୁଡ଼ିକ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ରହି ଠିକ୍ ଭାବେ ଟିକସ ପ୍ରଦାନ କରି ନ ଥିବା ଅଭିଯୋଗ ଆସିଛି। ☞ପୃଷ୍ଠା-୫

# ବୃହସ୍ପତିଠାରୁ ବଡ଼ ବାହ୍ୟଗ୍ରହର ସନ୍ଧାନ

**ବେଙ୍ଗାଲୁରୁ, ୧୭।୧୧**

ଆମ ସୌରମଣ୍ଡଳ ବାହାରେ ବୃହସ୍ପତିଠାରୁ ମଧ୍ୟ ବଡ଼ ଗ୍ରହର ସନ୍ଧାନ ମିଳିଛି। ଅହମ୍ମଦାବାଦସ୍ଥିତ ଫିଜିକାଲ ରିସର୍ଚ୍ଚ ଲାବରେଟୋରି (ପିଆର୍‌ଏଲ୍)ର ବାହ୍ୟଗ୍ରହ ବା ଏକ୍ସୋପ୍ଲାନେଟ୍ ସନ୍ଧାନ ଏବଂ ଅଧ୍ୟୟନ ଗ୍ରୁପ୍ ଏହାକୁ ଠାବ କରିଛନ୍ତି। ଏହାର ନାମ ଟିଓଆଇ ୧୭୮୯-ବି ରଖାଯାଇଛି। ଏହାର ଷ୍ଟାର-ପ୍ଲାନେଟ୍ ସିଷ୍ଟମକୁ ଟିଓଆଇ ୧୭୮୯ କୁହାଯାଉଛି। ଏହି ଏକ୍ସୋପ୍ଲାନେଟ ବିକଶିତ କିମ୍ବା ଏକ ପୁରୁଣା ତାରା ଚାରିପଟେ ପରିକ୍ରମଣ କରୁଛି। ଏହା ବସ୍ତୁତ୍ୱ ସୂର୍ଯ୍ୟଠାରୁ ଦେଢ଼ ଗୁଣା ଅଧିକ ଏବଂ ପ୍ରାୟ ୭୨୫ ଆଲୋକ ବର୍ଷ ଦୂରରେ ଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ସୂଚନା ଦିଆଯାଇଛି। ପିଆର୍‌ଏଲ୍ ଆଡଭାନ୍ସଡ୍ ରେଡିକାଲ-ଭେଲୋସିଟି ଆବୁ-ସ୍କାଏ ସର୍ଚ୍ଚ (ପିଏଆର୍‌ଏସ୍) ଅପ୍ଟିକାଲ ଫାଇବର-ଫେଡ୍ ସ୍ପେକ୍ଟ୍ରୋଗ୍ରାଫ୍‌ର ବ୍ୟବହାର ଦ୍ୱାରା ଏହି ଆବିଷ୍କାର କରାଯାଇଛି। ପିଆର୍‌ଏସ୍ ଦ୍ୱାରା ବାହ୍ୟଗ୍ରହର ବସ୍ତୁତ୍ୱ ଜଣାପଡ଼ିଥାଏ। ପ୍ରଫେସର ଅଭିଜିତ ଚକ୍ରବର୍ତ୍ତୀ ସନ୍ଧାନର ନେତୃତ୍ୱ ନେଇଥିଲେ। ୧.୨ ମିଟର ମାଉଣ୍ଟ ଆବୁ ଟେଲିସ୍କୋପ୍‌ରେ ପିଏଆର୍‌ଏସ୍ ବ୍ୟବହାର ଦ୍ୱାରା ଦ୍ୱିତୀୟ ଥର କୌଣସି ବାହ୍ୟଗ୍ରହର ସନ୍ଧାନ କରାଯାଇଛି। ନୂତନ ବାହ୍ୟଗ୍ରହର ବସ୍ତୁତ୍ୱ ବୃହସ୍ପତିଠାରୁ ୭୦ ପ୍ରତିଶତ ଅଧିକ ଏବଂ ଆକାରରେ ୧.୪ ଗୁଣା ବଡ଼। ୨୦୧୮ରେ ପୃଥିବୀଠାରୁ ୬୦୦ ଆଲୋକ ବର୍ଷ ଦୂରରେ କେ୨-୨୩୬ବି ନାମରେ ଏକ ସବ୍-ସାର୍ଟନ ବା ଉପ-ଶନି (ଶନି ଗ୍ରହର ବସ୍ତୁତ୍ୱଠାରୁ କମ୍) ଆକାରର ବାହ୍ୟଗ୍ରହର ସନ୍ଧାନ କରାଯାଇଥିଲା। ନୂତନ ଏକ୍ସୋପ୍ଲାନେଟ୍‌କୁ ୨୦୨୦ ଡିସେମ୍ବର ଏବଂ ୨୦୨୧ ମାର୍ଚ୍ଚ ମଧ୍ୟରେ ଠାବ କରାଯାଇଛି। ନିକଟରେ ବିକଶିତ ହୋଇଥିବା ତଥା କିଛି ଯୁବ ତାରକାଙ୍କ ମଧ୍ୟରୁ ଏହା ଅନ୍ୟତମ। ଏଭଳି ବ୍ୟବସ୍ଥାର ପତ୍ତା ମିଳିବା ଦ୍ୱାରା ବ୍ରହ୍ମାଣ୍ଡରେ ନୂଆ ଗ୍ରହର ସୃଷ୍ଟି, ପୃଥିବୀର ଉତ୍ପତ୍ତି ଏବଂ ସେମାନେ କିପରି ଏକ ବିଶାଳକାୟ ତାରା ଚାରିପଟେ ପରିକ୍ରମଣ ଆରମ୍ଭ କରୁଛନ୍ତି ସେ ବାବଦରେ ବହୁ ତଥ୍ୟ ମିଳିପାରିବ ବୋଲି ରୟାଲ ଅଷ୍ଟ୍ରୋନୋମିକାଲ ସୋସାଇଟିର ମନ୍ଥଲି ନୋଟିସେସ୍ ଜର୍ନାଲରେ ପ୍ରକାଶିତ ରିପୋର୍ଟରେ ଅନୁସନ୍ଧାନକାରୀ କହିଛନ୍ତି। ଆବିଷ୍କୃତ ହୋଇଥିବା ନୂଆ ସୌରମଣ୍ଡଳ ସମ୍ପୂର୍ଣ୍ଣ ନିଆରା। ଏଥିରେ ଗ୍ରହଗୁଡ଼ିକ ସେମାନଙ୍କ ତାରକା ଚାରିପଟେ ମାତ୍ର ୩.୨ ଦିନରେ ପରିକ୍ରମା ସମ୍ପୂର୍ଣ୍ଣ କରିପାରନ୍ତି।



# ନବରଙ୍ଗପୁରରେ ବ୍ୟାପୁଛି ସ୍କ୍ରବ୍ ଟାଇଫସ୍

**ନବରଙ୍ଗପୁର, ୧୭।୧୧ (ବି.ପ୍ର.)**

## ୬୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ

ନବରଙ୍ଗପୁର ଜିଲାରେ ସ୍କ୍ରବ ଟାଇଫସ ଜ୍ୱର ବ୍ୟାପୁଛି। ପୂର୍ବରୁ କେବେ ଜିଲାରେ ଏହି ରୋଗୀ ନ ଥିଲେ। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହାର ପ୍ରତିହତ ପାଇଁ ଉଦ୍ୟମ ଚଳାଇଛନ୍ତି। ଚାନ୍ଦାହାଣ୍ଡି ବ୍ଲକ ଧୋଡିପାଣି ଗାଁରେ ୩ଜଣଙ୍କର ଜ୍ୱରରେ ମୃତ୍ୟୁ ହୋଇଥିଲା। ଉକ୍ତ ଗାଁରୁ ସ୍ୱାସ୍ଥ୍ୟ ବିଭାଗ ଚଳିତ ମାସ ୮ରୁ ୩ଟି ପର୍ଯ୍ୟାୟରେ ୬୨ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରାଇଥିଲା। ୩୯ ଜଣଙ୍କଠାରେ ସ୍କ୍ରବ ଟାଇଫସ୍ ଭୁତାଣୁ ଦେଖାଦେଇଛି। ଏହି ରିପୋର୍ଟକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି।

ପ୍ରଥମ ପର୍ଯ୍ୟାୟରେ ସଂଗୃହୀତ ୧୦ ରକ୍ତ ନମୁନାରୁ ୪, ଦ୍ୱିତୀୟ ପର୍ଯ୍ୟାୟରେ ୨୧ରୁ ୧୨ ଓ ତୃତୀୟ ପର୍ଯ୍ୟାୟରେ ୩୧ରୁ ୨୩ଜଣଙ୍କଠାରେ ଏହି ଭୁତାଣୁ ଥିବା ଜଣାପଡିଛି। ଘର ସଫା ସୁତରା ନ ଥିଲେ କିମ୍ବା ଓଡଶ ଭଳି କୀଟ ଶରୀରକୁ କାମୁଡିଲେ ତାହାର ଲାଳ ଅଂଶରେ ଯେଉଁ ଭୁତାଣୁ ଶରୀରକୁ ଯାଏ ତାହା ଦ୍ୱାରା ସ୍କ୍ରବ ଟାଇଫସ ଜ୍ୱର ଦେଖାଦେଇଥାଏ। ସେହିଭଳି କ୍ଷେତ ଓ ଜମିବାଡିରେ କାମ କରିବାକୁ ଗଲାବେଳେ କୌଣସି ଛୋଟ କୀଟପତଙ୍ଗ ଶରୀରକୁ କାମୁଡିବା ଦ୍ୱାରା ଲାଳ ଶରୀରକୁ ପ୍ରବେଶ କଲେ ଏଭଳି ଜ୍ୱର ହେବ ଆଶଙ୍କା ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମାନ କରଯାଉଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଥିବା ରିପୋର୍ଟର ଉତ୍ତର ଆସିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ☞ପୃଷ୍ଠା-୫

# କଶ୍ମୀର କଂଗ୍ରେସରେ ଫାଟ

କଂଗ୍ରେସରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦଙ୍କ ୨୦ ଜଣ ଘନିଷ୍ଠ ସହଯୋଗୀ ନିଜ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଜମ୍ମୁ-କଶ୍ମୀର କଂଗ୍ରେସ କମିଟି ସଭାପତି ଜି.ଏ. ମିର୍‌ଙ୍କୁ ହଟା ନ ଗଲେ ଆଗକୁ ଦଳ ଏକ ବଡ଼ ବିପର୍ଯ୍ୟୟକୁ ସାମ୍ନା କରିବ ବୋଲି ଇସ୍ତଫା ଦେଇଥିବା ବରିଷ୍ଠ ନେତାମାନେ ଚେତାଇଦେଇଛନ୍ତି। ପଞ୍ଜାବ, ଛତିଶଗଡ଼, ରାଜସ୍ଥାନ, କେରଳ ଓ ମହାରାଷ୍ଟ୍ରରେ କଂଗ୍ରେସର ଅନ୍ତର୍କଳହ ହାଟରେ ପଡ଼ି ଦାଣ୍ଡରେ ଗଡୁଥିବାବେଳେ ଜି-୨୩ ନେତାଙ୍କ ଇଙ୍ଗିତରେ ଆଗକୁ ଅନେକ ରାଜ୍ୟରେ ଏଭଳି ଅବସ୍ଥା ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି।

## ପଦ ଛାଡ଼ିଲେ ଆଜାଦ ଶିବିରର ୨୦ ବରିଷ୍ଠ ନେତା


ଜେକେପିସିସି ସଭାପତି ଜି.ଏ. ମିର୍, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ।

ଶ୍ରୀନଗର/ନୂଆଦିଲ୍ଲୀ,୧୭।୧୧

ଜମ୍ମୁ-କଶ୍ମୀରରେ କଂଗ୍ରେସକୁ ବଡ଼ ଝଟକା ଲାଗିଛି। ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦଙ୍କ ଶିବିରର ୨୦ ଜଣ ସିନିୟର ନେତା କେନ୍ଦ୍ରଶାସିତ ଅଞ୍ଚଳରେ ଦଳୀୟ ନେତୃତ୍ୱ ପରିବର୍ତ୍ତନ ଦାବିକରି ଇସ୍ତଫା ଦେଇଛନ୍ତି। ସେମାନେ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇ ନେତା ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଏକକିତା ନକଲ ପ୍ରେରଣ କରିଛନ୍ତି। ଆଗକୁ ବିଧାନସଭା ନିର୍ବାଚନ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ଜେକେପିସିସି କଂଗ୍ରେସ ସଭାପତି ଜି.ଏ. ମିର୍‌ଙ୍କ ନେତୃତ୍ୱରେ ଦଳ ଏକ ବିପର୍ଯ୍ୟୟ ଆଡ଼କୁ ମୁହାଁଉଛି ବୋଲି ଆଜାଦ ସମର୍ଥକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ରାଜ୍ୟ ସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଅନ୍ୟୂନ ୨୦ ଜଣ ବରିଷ୍ଠ ନେତା ନିଜ ନିଜ ପଦ ଛାଡ଼ିଛନ୍ତି। ଜମ୍ମୁ-କଶ୍ମୀର କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସେମାନଙ୍କ ମତରେ କେତେଜଣ ଚାଟୁକାର ପ୍ରଦେଶ କଂଗ୍ରେସ କମିଟିକୁ ହାଇଜାକ୍ କରିନେଇଛନ୍ତି। ଇସ୍ତଫା ଦେଇଥିବା ବରିଷ୍ଠ ନେତାଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ବିଧାୟକ ଜି.ଏମ୍. ସରୁରି, ବିକାର ରସୁଲ, ଡ. ମନୋହରଲାଲ ଶର୍ମା, ଯୁଗଳ କିଶୋର ଶର୍ମା, ଗୁଲାମନବୀ ମୋଙ୍ଗା, ନରେଶ ଗୁପ୍ତା, ମହମ୍ମଦ ଅମିନ ଭଟ୍ଟ, ସୁବାସ ଗୁପ୍ତା। ସେହିପରି ପ୍ରଦେଶ କଂଗ୍ରେସ ଉପସଭାପତି ଅନୱର ଭଟ୍ଟ ଓ କୁଲଗାମ ଜିଲା ବିକାଶ ପରିଷଦ ଅଧ୍ୟକ୍ଷ ଆନୟାତୁଲ୍ଲା ରାଠୋର ମଧ୍ୟ ନିଜ ପଦ ଛାଡ଼ିଛନ୍ତି। କଂଗ୍ରେସ ଏକ ବିପର୍ଯ୍ୟୟ ଦେଇ ଗତି କରୁଛି। ବର୍ତ୍ତମାନ ସୁଦ୍ଧା ୨୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନେତା (ପୂର୍ବତନ ମନ୍ତ୍ରୀ, ବିଧାୟକ, ଜିଲା ସଭାପତି ଏବଂ ଏଆଇସିସି ସଦସ୍ୟଙ୍କ ସମେତ) କଂଗ୍ରେସ ଛାଡ଼ି ଅନ୍ୟ ଦଳରେ ସାମିଲ ହେଲେଣି। ଅନ୍ୟ କେତେଜଣ ନେତା ନୀରବ ରହିବାକୁ ପସନ୍ଦ କରିଥିବା ଜମ୍ମୁ-କଶ୍ମୀର ପ୍ରଭାରୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ରଜନୀ ପାଟିଲ ସୂଚନା ଦେଇଛନ୍ତି।

ଗୁଲାମନବୀ ଆଜାଦ ହେଉଛନ୍ତି ଜି୨୩ ନେତାଙ୍କ ମଧ୍ୟରୁ ଅନ୍ୟତମ। ୨୦୨୦ ଅଗଷ୍ଟରେ ଏହି ଅସନ୍ତୁଷ୍ଟ ଗୋଷ୍ଠୀର ନେତାମାନେ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳୀୟ ନେତୃତ୍ୱ ପରିବର୍ତ୍ତନ ପାଇଁ ଚିଠି ଲେଖିଥିଲେ। ଜାତୀୟ ସ୍ତରରୁ ନେଇ ତୃଣମୂଳ ପର୍ଯ୍ୟନ୍ତ ଦଳର ସାଙ୍ଗଠନିକ ପରିବର୍ତ୍ତନ ଲାଗି ଏମାନେ କେତେକ ପ୍ରସ୍ତାବ ଦେଇଥିଲେ, ଯାହାକୁ ହାଇକମାଣ୍ଡ ଅଣଦେଖା କରିଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଆଜାଦ ଗତ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା କରିଥିଲେ।

# ମୁଁ ନିର୍ଦ୍ଦୋଷ: ଦିବ୍ୟଶଙ୍କର

ଭବାନୀପାଟଣା,୧୭।୧୧(ସ୍ୱ.ପ୍ର.)



**ମମିତା ମେହେର ହତ୍ୟା ଘଟଣା**

■ପୁଣି ମୁହଁ ଖୋଲିଲେ ଗୃହ ରାଷ୍ଟ୍ରମନ୍ତ୍ରୀ, ମୋତେ ଦଣ୍ଡ ଦେବାକୁ ଚାଲିଥିବା ପ୍ରୟାସ ସଫଳ ହେବନି

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ ଦିନକୁ ଦିନ ରାଜନୀତି ଉଷ୍ମତା ବଢିବାରେ ଲାଗିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସ୍କୁଲ ସଭାପତି ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ଏହି ଘଟଣାରେ ଛନ୍ଦି ହୋଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ସିବିଆଇ ତଦନ୍ତ ଦାବିରେ ଗତ ମାସେ ହେଲା ଗର୍ଜୁଛନ୍ତି ବିରୋଧୀ। ଏହି ଘଟଣା ନେଇ ବିରୋଧୀ ହୀନ ରାଜନୀତି କରୁଥିବା କହି ମନ୍ତ୍ରୀ ମିଶ୍ରଙ୍କ ଉପରେ ବିଜେଡି ପକ୍ଷରୁ ସବୁଜ ସଙ୍କେତ ଦିଆଯାଇଛି। ଫଳରେ ମନ୍ତ୍ରୀ ମିଶ୍ର ପୁଣି ଥରେ ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରି ଲୋକଙ୍କ ପ୍ରିୟଭାଜନ ଓ ନିକଟତର ହେବାରେ ଲାଗି ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ନୂଆପଡା ଜିଲା ଗସ୍ତରେ ଯାଇ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ର ଗଣମାଧ୍ୟମ ଜରିଆରେ ମମିତା ହତ୍ୟା ଘଟଣା ସମ୍ପର୍କରେ ପୁଣି ଥରେ ମୁହଁ ଖୋଲିଛନ୍ତି। ଏହି ହତ୍ୟା ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ମୁଁ ଭାରତୀୟ ବାୟୁସେନାର ଜଣେ ପାଇଲଟ୍, ଦେଶ ପାଇଁ ଲଢିଛି। ମୋ ଦ୍ୱାରା କୌଣସି ଘୃଣ୍ୟ, ବେଆଇନ କାମ ହୋଇପାରିବ ନାହିଁ। ଘଟଣା ଘଟିଛି ମହାଲିଙ୍ଗ ଘରୋଇ ପବ୍ଲିକ ସ୍କୁଲରେ, ଯେଉଁଠାକୁ ମୁଁ କେବେବି ଯାଇନାହିଁ। ସ୍ଥାନୀୟ ବିଧାୟକ ଭାବେ ମୁଁ ମହାଲିଙ୍ଗ କଲେଜର ଗଭର୍ନିଂ ବଡିର ସଭାପତି। ଘରୋଇ ସ୍କୁଲ ମାଲିକ ଉକ୍ତ ଗଭର୍ଣ୍ଣିଂ ବଡିର ଜଣେ ସଦସ୍ୟ। ଏହାକୁ ଯୋଡି ରାଜନୈତିକ ଷଡଯନ୍ତ୍ର କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଁ ନିର୍ଦ୍ଦୋଶ, ମୋତେ ଦଣ୍ଡ ଦେବାକୁ ଚାଲିଥିବା ପ୍ରୟାସ କେବେ ସଫଳ ହେବନାହିଁ। ମମିତା ହତ୍ୟା ଘଟଣାରେ ଯିଏ ବି ଦୋଷୀ ସେ ନିଶ୍ଚିତ ଭାବେ ଦଣ୍ଡ ପାଇବ ବୋଲି ମନ୍ତ୍ରୀ ମିଶ୍ର ଗଣମାଧ୍ୟମକୁ କହିଛନ୍ତି। ଅନ୍ୟପଟେ ମଙ୍ଗଳବାର ମମିତା ହତ୍ୟା ଘଟଣାରେ ମମିତାଙ୍କ ପରିବାର ସଦସ୍ୟ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ଶେଷ କରିବାକୁ ସେମାନେ ହାଇକୋର୍ଟରେ ନିବେଦନ କରିଛନ୍ତି। ଏଥିରେ ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ବଲାଙ୍ଗୀର ଜିଲାପାଳ ଓ ଏସ୍‌ପି ଏବଂ ସିନ୍ଧକେଲା ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ହାଇକୋର୍ଟ ମମିତା ହତ୍ୟା ମାମଲାର ତଦନ୍ତ ହାତକୁ ନିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

■ ଦିବ୍ୟଶଙ୍କରଙ୍କ ସଫେଇ ଅତ୍ୟନ୍ତ ହାସ୍ୟାସ୍ପଦ

■ନ୍ୟାୟ ନ ମିଳିବା ଯାଏ ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଶୁଆଇ ଦେବୁନି

ମମିତା ମେହେର ହତ୍ୟା ଘଟଣାକୁ ନେଇ କଂଗ୍ରେସ ଆନ୍ଦୋଳନ ଜାରି ରଖିଛି। ଏହି ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ତାଙ୍କ ବହିଷ୍କାର ଓ ଗିରଫ ଦାବି କରି ଆସୁଛି। ତେବେ ପଦକ୍ଷେପ ନ ନେଇ ମଞ୍ଚରେ ପାଖରେ ବସାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟାର୍ଗେଟକୁ ଆସିଛନ୍ତି। କିନ୍ତୁ ସନ୍‌ସାଇନ ସ୍କୁଲକୁ କେବେ ଯାଇ ନ ଥିବା ମନ୍ତ୍ରୀ ଦିବ୍ୟଶଙ୍କର କହିବା ପରେ ବୁଧବାର ପୁଣି ପାଲଟା ଆକ୍ରମଣ କରିଛି କଂଗ୍ରେସ। ମମିତାଙ୍କ ପରିବାର ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନିରପେକ୍ଷ ତଦନ୍ତ ଓ ତ୍ୱରିତ ନ୍ୟାୟ ନିମନ୍ତେ ପ୍ରାର୍ଥନା କରିବା ପରେ ମନ୍ତ୍ରୀ ମିଶ୍ରଙ୍କ ସଫେଇ ଅତ୍ୟନ୍ତ ହାସ୍ୟାସ୍ପଦ। ଘଟଣାର ଗମ୍ଭୀରତାକୁ ଅନୁଭବ କରି ରାଜ୍ୟ ଉଚ୍ଚ ନ୍ୟାୟାଳୟ ସ୍ୱତଃ ସଂଜ୍ଞାନ ପୂର୍ବକ ତଦନ୍ତ ନିଜ ହାତକୁ ନେବାକୁ କଂଗ୍ରେସ ନିବେଦନ କରିଛି।

କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ପଦ୍ମାକର ଗୁରୁ କହିଛନ୍ତି, ଘଟଣାର ୩୯ ଦିନ ବିତିଯାଇଥିବାବେଳେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଫେଇକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅକ୍ଟୋବର ୮ରେ ଘଟିଥିବା ଘଟଣାର ସାକ୍ଷୀ ପ୍ରମାଣକୁ ନଷ୍ଟ କରାଯିବା ପରେ ଦିଆଯାଇଥିବା ସଫେଇ ବର୍ତ୍ତମାନ ସମୟରେ କୌଣସି ମୂଲ୍ୟ ବହନ କରୁନାହିଁ। ମୁଖ୍ୟମନ୍ତ୍ରୀ ନିରନ୍ତର ମନ୍ତ୍ରୀ ମିଶ୍ରଙ୍କୁ ଘଣ୍ଟ ଘୋଡ଼ାଇବା, ମୌନ ରହି ପ୍ରତ୍ୟକ୍ଷ ସମର୍ଥନ କରିବା ଛାଡି ତାଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ। ଯଦି ମନ୍ତ୍ରୀଙ୍କର ସତ୍‌ସାହସ ଅଛି ତେବେ ଏକ ଖବରଦାତା ସମ୍ମିଳନୀ ଡକାଇ ନିଜକୁ ପକ୍ଷଭୁକ୍ତ କରିବାର ଲିଖିତ ଆବେଦନ ଉଚ୍ଚନ୍ୟାୟାଳୟଙ୍କ ନିକଟରେ କଲେ ଓଡ଼ିଶାବାସୀ ହୁଏତ କିଛି ମାତ୍ରାରେ ତାଙ୍କୁ କ୍ଷମା ଦେଇପାରନ୍ତି ବୋଲି ଗୁରୁ କହିଛନ୍ତି। ଉତ୍ତର ପ୍ରଦେଶର ଲଖିମପୁର ଖେରି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ୱତଃପ୍ରବୃତ୍ତ ସଂଜ୍ଞାନ ନେବା ପରି ଏହି ଘଟଣାରେ ଉଚ୍ଚନ୍ୟାୟାଳୟ ମଧ୍ୟ ସ୍ୱତଃ ସଂଜ୍ଞାନ ପୂର୍ବକ ତଦନ୍ତ ନିଜ ହାତକୁ ନେଇ ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ପ୍ରାର୍ଥନା କରୁଛି। ନ୍ୟାୟ ନ ମିଳିବା ଯାଏ କଂଗ୍ରେସ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଶୋଇବାକୁ ଦେବନାହିଁ ବୋଲି ଗୁରୁ କହିଛନ୍ତି।

# ଏଲ୍‌ପିଜି ଦରବୃଦ୍ଧି ପ୍ରତିବାଦ: ବିଜେଡିର ଆନ୍ଦୋଳନ ଡାକରା


ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

■ ଆନ୍ଦୋଳନର ମଙ୍ଗ ଧରିବେ ମହିଳା, ଯୁବ ଓ ଛାତ୍ର ସଂଗଠନ

■ନଭେମ୍ବର ୨୨, ୨୩ ଓ ୨୪ରେ ୩ ଆରଡିସି କାର୍ଯ୍ୟାଳୟ ଆଗରେ ଧାରଣା

■ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦିଆଯିବ ସ୍ମାରକପତ୍ର

■ଦର ହ୍ରାସ ନ ହେଲେ ଆନ୍ଦୋଳନ ତୀବ୍ର କରିବାର ଚେତାବନୀ

ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବିରୋଧରେ ବିଜୁ ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବ। ବିଜେଡିର ୩ ଶାଖା ମହିଳା, ଛାତ୍ର ଓ ଯୁବ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ। ରନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧି ଏବଂ ଉଜ୍ଜ୍ୱଳା ଯୋଜନାର ବିଫଳତା ନେଇ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ । ଦଳର ବରିଷ୍ଠ ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଏବଂ ଦେବୀରଞ୍ଜନ ତ୍ରିପାଠୀ ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ରାଜ୍ୟର ୩ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ, ଧାରଣା ଏବଂ ଘେରାଉ କାର୍ଯ୍ୟକ୍ରମ କରାଯିବ। ନଭେମ୍ବର ୨୨ରେ କଟକରେ ଥିବା କେନ୍ଦ୍ରାଞ୍ଚଳ ଆରଡିସି କାର୍ଯ୍ୟାଳୟ ,୨୩ରେ ସମ୍ବଲପୁର ଉତ୍ତରାଞ୍ଚଳ ଆରଡିସି କାର୍ଯ୍ୟାଳୟ ଏବଂ ୨୪ରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଆରଡିସିଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବା ସହ ଓଡ଼ିଶା ଏବଂ ଭାରତର ମହିଳାମାନଙ୍କ ଏହି କଷ୍ଟ ପ୍ରତି ଧ୍ୟାନ ଆକର୍ଷଣ କରି ମୂଲ୍ୟ ହ୍ରାସ କରିବାକୁ କେନ୍ଦ୍ର ଉପରେ ଚାପ ପକାଇବା ପାଇଁ ହସ୍ତକ୍ଷେପ ଲୋଡ଼ାଯିବ। ଯଦି କେନ୍ଦ୍ର ଦାବି ପ୍ରତି ଧ୍ୟାନ ଦେବ ନାହିଁ, ତେବେ କେନ୍ଦ୍ରର ବିଫଳତା ସହିତ ଏଲପିଜି ଦର ବୃଦ୍ଧି ଯୋଗୁ ରୋଷେଇ ଘରେ ଆମର ମା' ଭଉଣୀମାନେ ଭୋଗୁଥିବା କଷ୍ଟ ସଂକ୍ରାନ୍ତରେ କେନ୍ଦ୍ରର ମୁଖା ଖୋଲିବା ପାଇଁ ସମଗ୍ର ରାଜ୍ୟରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିଜେଡିର ତିନି ନେତା ଦେଇଛନ୍ତି ।

# ଲଢ଼ିପାରିବେ ଝିଅ: ପ୍ରିୟଙ୍କା

ଚିତ୍ରକୂଟ,୧୭।୧୧

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ଉତ୍ତର ପ୍ରଦେଶର ଚିତ୍ରକୂଟ ଗସ୍ତ କରି ମହିଳାମାନଙ୍କ ମନୋବଳ ବଢ଼ାଇଛନ୍ତି। 'ଲଡ୍‌କି ହୁଁ, ଲଡ଼ସକ୍ତି ହୁଁ' ବା ମୁଁ ଜଣେ ଝିଅ, ଲଢ଼ିପାରିବି କାର୍ଯ୍ୟକ୍ରମରେ ପ୍ରିୟଙ୍କା ମହିଳାଙ୍କୁ ଆଗାମୀ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରିବା ପାଇଁ ଅନୁରୋଧ କରିଥିଲେ। ବର୍ତ୍ତମାନର ଯୋଗୀ ଆଦିତ୍ୟନାଥ ସରକାର ମହିଳାଙ୍କ ପାଇଁ କିଛି କରୁ ନ ଥିବାରୁ ସେମାନେ ଭାଜପାକୁ କାହିଁକି ସାହାଯ୍ୟ କରିବେ ବୋଲି ସେ ପ୍ରଶ୍ନ କରିଥିଲେ। ଏହା ପୂର୍ବରୁ କଂଗ୍ରେସ ପକ୍ଷରୁ ଅଗାମୀ ନିର୍ବାଚନରେ ୪୦% ମହିଳାଙ୍କୁ ଟିକେଟ ଦିଆଯିବ ବୋଲି ପ୍ରିୟଙ୍କା ଘୋଷଣା କରିସାରିଛନ୍ତି।


କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଜଣେ ମହିଳା ଫୁଲମାଳ ପିନ୍ଧାଇ ସ୍ୱାଗତ କରୁଛନ୍ତି।

# ମୁଁ ଦୁଇ ଭାରତରୁ ଆସିଛି

ନୂଆଦିଲ୍ଲୀ,୧୭।୧୧

## ବିବାଦରେ ବୀର ଦାସ



ଜଣାଶୁଣା ଷ୍ଟାଣ୍ଡଅପ୍ କମେଡିଆନ୍ ବୀର ଦାସଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଏହାର ସମର୍ଥନ ଓ ବିରୋଧରେ ଲୋକେ ନାନା ପ୍ରତିକ୍ରିୟା ଦେଉଛନ୍ତି। ଦିଲ୍ଲୀ ଓ ମୁମ୍ବାଇରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଜନ୍ମିତ ୪୨ ବର୍ଷୀୟ ବ୍ୟଙ୍ଗକାର ବୀର ଦାସ ସୋମବାର ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ୬ ମିନିଟର ଏକ ଭିଡିଓ ଶେୟାର କରିଥିଲେ। ଉକ୍ତ ଭିଡିଓଟି ହେଉଛି ଆମେରିକାର ୱାଶିଂଟନ ଡିସିସ୍ଥିତ ଜନ୍ କେନେଡି ସେଣ୍ଟରରେ ଆୟୋଜିତ ତାଙ୍କର ଏକ ଶୋ'କୁ ନେଇ। ଏଥିରେ ବୀର ଦାସ ଏକ ମନୋଲଗ ପଢୁଥିବା ଦେଖାଯାଉଛି, ଯାହାର ଶୀର୍ଷକ ହେଉଛି 'ଆଇ କମ୍ ଫ୍ରମ୍ ଟୁ ଇଣ୍ଡିଆ' ଅର୍ଥାତ୍ ମୁଁ ଦୁଇ ଭାରତରୁ ଆସିଛି। ଭିଡିଓରେ ବୀର ଦାସ ଭାରତର ବିରୋଧାଭାସକୁ ଉପସ୍ଥାପନ କରିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ମାତ୍ରେ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଏହାକୁ ନେଇ ଆସିଥିବା ପ୍ରତିକ୍ରିୟାଗୁଡ଼ିକ ଦୁଇ ପ୍ରକାର। ବୀର ଦାସ ଏହି କଥା ଖୋଲାଖୋଲି ଭାବେ କହିଥିବାରୁ କେତେଜଣ ୟୁଜର୍ସ ତାଙ୍କୁ ପ୍ରଶଂସା କରିଥିବାବେଳେ ଆଉ କେତେକେ ଏହାକୁ ଦେଶବିରୋଧୀ ମନ୍ତବ୍ୟ ଭାବେ ଅଭିହିତ କରି ବୀର ଦାସଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମୁମ୍ବାଇର ଆଇନଜୀବୀ ଆଶୁତୋଷ ଦୁବେ ସ୍ଥାନୀୟ ଏକ ଥାନାରେ ବୀର ଦାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ବୀର ଦାସ ଭାରତ ବିରୋଧରେ ଅଶାଳୀନ ଟିପ୍ପଣୀ ଦେଇଛନ୍ତି। ତାଙ୍କ କଥାରୁ ମନେହେଉଛି ଯେପରି ଭାରତର ଗଣତନ୍ତ୍ର ବିପଦରେ ପଡ଼ିଯାଇଛି ଏବଂ ଦେଶ ଦୁଇଭାଗରେ ବିଭକ୍ତ ହୋଇଯାଇଛି। ଏଭଳି ଟିପ୍ପଣୀ ଭିତ୍ତିହୀନ ବୋଲି ଏତଲାରେ ସେ ଉଲ୍ଲେଖ କରିଛନ୍ତି। ସେହିପରି ନୂଆଦିଲ୍ଲୀର ତିଲକ ମାର୍ଗ ଥାନାରେ ମଧ୍ୟ ବୀର ଦାସଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଦିଲ୍ଲୀ ଭାଜପା ଉପାଧ୍ୟକ୍ଷ ଆଦିତ୍ୟ ଝା ନିଜ ଏତଲାରେ ଲେଖିଛନ୍ତି, ଆମେରିକାରେ ଆୟୋଜିତ କାର୍ଯ୍ୟକ୍ରମରେ କମେଡିଆନ୍ ଦେଶ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ବୀର ଦାସ ଭାରତ ବିଷୟରେ ସତ କହିଥିବାରୁ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ତାଙ୍କୁ ପ୍ରଶଂସା କରିଥିବାବେଳେ ବଲିଉଡ୍‌ର ବିବାଦୀୟ ଅଭିନେତ୍ରୀ କଙ୍ଗନା ରାଣାୱତ୍ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ବର୍ତ୍ତମାନ ଆମେରିକାରେ ଥିବା ବୀର ଦାସ ଟୁଇଟରରେ ବିବୃତି ଜାରି କରି କହିଛନ୍ତି, ୟୁଟ୍ୟୁବ୍‌ରେ ଶେୟାର କରିଥିବା ଭିଡିଓକୁ ନେଇ ଅନେକ ପ୍ରତିକ୍ରିୟା ଆସିବାରେ ଲାଗିଛି। ଏହି ଭିଡିଓ ଭାରତର ଦୋହରାପଣକୁ ନେଇ ପ୍ରସ୍ତୁତ। ଦୁଇଟି ପକ୍ଷ ଯାହା ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ମୁଁ ମୋ ଦେଶକୁ ନେଇ ଗର୍ବିତ। ମୁଁ ଆପଣମାନଙ୍କୁ ତାହା ହିଁ କହୁଛି, ଯାହା ସେହି ଦର୍ଶକମାନଙ୍କୁ କହିଥିଲି। ପ୍ରତ୍ୟେକ ଦେଶର ଉଭୟ ଆଲୋକ ଓ ଅନ୍ଧକାର ଦିଗ ରହିଥାଏ। ଆମକୁ ଆଲୋକ ଉପରେ ଫୋକସ୍ କରିବାକୁ ପଡ଼ିବ, ଆମେ କାହିଁକି ମହାନ୍ ତାହା ମନେରଖିବାକୁ ପଡ଼ିବ ଏବଂ ଲୋକଙ୍କ ମଧ୍ୟରେ ସ୍ନେହ ବାଣ୍ଟିବାକୁ ହେବ। ଭାରତକୁ ଅପମାନିତ କରିବା ମୋର ଉଦ୍ଦେଶ୍ୟ ନୁହେଁ ବୋଲି ସେ ସଫେଇ ଦେଇଛନ୍ତି।

## ଭିଡିଓରେ କ'ଣ ଅଛି

ମୁଁ ସେହି ଭାରତରୁ ଆସିଛି,
ଯେଉଁଠି ପିଲାମାନେ ପରସ୍ପରର ହାତ ବି ମାସ୍କ ପିନ୍ଧି ଧରିଥାନ୍ତି, କିନ୍ତୁ ନେତାମାନେ ବିନା ମାସ୍କରେ ପରସ୍ପରକୁ ଆଲିଙ୍ଗନ କରନ୍ତି।
ଯେଉଁଠି ଏକ୍ୟୁଆଇ ୯୦୦୦ ଅଛି। ଏହାସତ୍ତ୍ୱେ ରାତିରେ ଆମେ ନିଜ ଛାତ ଉପରେ ଶୋଇ ତାରା ଦେଖିଥାଉ।
ଯେଉଁଠି ଆମେ ଦିନରେ ମହିଳାଙ୍କୁ ପୂଜାକରୁ ଏବଂ ରାତିରେ ସେମାନଙ୍କୁ ଗଣବଳାତ୍କାର କରାଯାଏ।
ଯେଉଁଠି ସାମ୍ବାଦିକତା ଶେଷ ହୋଇଯାଇଛି, ପୁରୁଷ ଖବରଦାତା ପରସ୍ପରକୁ ପ୍ରଶଂସା କରନ୍ତି ଏବଂ ମହିଳା ଖବରଦାତାମାନେ ରାସ୍ତା ଉପରେ ଲାପ୍‌ଟପ୍ ଧରି ବସିଛନ୍ତି, ସତ ବତାଉଛନ୍ତି।
ଯେଉଁଠି ଆମର ହସକୁ ଘରର ଚାରିକାନ୍ଥ ବାହାରେ ବି ଆପଣ ଶୁଣିପାରିବେ।
ଯେଉଁଠି କମେଡି କ୍ଲବ୍‌ର କାନ୍ଥ ଭାଙ୍ଗିଦିଆଯାଏ, ଯେତେବେଳେ ତା' ଭିତରୁ ହାସ୍ୟରୋଳ ଆସିଥାଏ।
ଯେଉଁଠି ସଂଖ୍ୟାଧିକ ଲୋକଙ୍କ ବୟସ ୩୦ ବର୍ଷରୁ କମ୍, କିନ୍ତୁ ଆମେ ୭୫ ବର୍ଷୀୟ ନେତାମାନଙ୍କ ୧୫୦ ବର୍ଷ ପୁରୁଣା ଆଇଡିଆ ଶୁଣିବା ବନ୍ଦ କରି ନ ଥାଉ।
ଯେଉଁଠି ଆମକୁ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ସବୁ ସୂଚନା ଦିଆଯାଇଥାଏ, କିନ୍ତୁ ପିଏମ୍‌କେୟାର୍ସର କୌଣସି ସୂଚନା ମିଳି ନ ଥାଏ।
ଯେଉଁଠି ମହିଳାମାନେ ଶାଢ଼ି ଓ ସ୍ନିକର ପିନ୍ଧନ୍ତି ଏବଂ ଏହାସତ୍ତ୍ୱେ ତାଙ୍କୁ ଜଣେ ବରିଷ୍ଠଙ୍କ ପରାମର୍ଶ ନେବାକୁ ପଡ଼ିଥାଏ, ଯିଏ ସାରା ଜୀବନ ଶାଢ଼ି ପିନ୍ଧନ୍ତି ନାହିଁ।
ଯେଉଁଠି ଆମେ ଶାକାହାରୀ ହେବାରେ ଗର୍ବ କରିଥାଉ, କିନ୍ତୁ ପରିପରିବା ଚାଷ କରୁଥିବା କୃଷକମାନଙ୍କୁ ଗାଡ଼ି ମଡ଼ାଇଦେଉ।
ଯେଉଁଠି ଯବାନମାନଙ୍କୁ ଆମେ ପୂରା ସମର୍ଥନ ଦେଇଥାଉ ସେତେବେଳ ଯାଏ, ଯେତେବେଳେ ସେମାନଙ୍କ ପେନ୍‌ସନ ଉପରେ କଥା ନ ଉଠେ।
ଯିଏ ଚୁପ୍ ବସିବ ନାହିଁ, କିଛି କହିବ ମଧ୍ୟ ନାହିଁ।
ଯିଏ ମୋତେ ଆମର ଖରାପ କଥା କହିଲେ ତାଗିଦ କରିବ।
ଯେଉଁଠି ଲୋକେ ନିଜ ଦୁର୍ବଳତା ବିଷୟରେ ଖୋଲାଖୋଲି କୁହନ୍ତି।
ଯିଏ ଏହା ଦେଖିବ ଓ କହିବ, ଏଇଟା କମେଡି ନୁହେଁ... ଜୋକ୍ କେଉଁଠି ଅଛି ?
ମୁଁ ସେହି ଭାରତରୁ ମଧ୍ୟ ଆସିଛି, ଯିଏ ଦେଖିବ ଓ ଜାଣିବ ଯେ, ଏହା ଜୋକ୍ ହିଁ ଅଟେ, ମଜା ନୁହେଁ।

" ବୀର ଦାସ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଦୁଇଟି ଭାରତ ରହିଛି। ଆମେ ଚାହୁଁନୁ ଯେ, ଜଣେ ଭାରତୀୟ ଏହି ବିଷୟରେ ବିଶ୍ୱକୁ ଜଣାନ୍ତୁ। ଆମେ ଅସହିଷ୍ଣୁ ଓ ପ୍ରତାରକ।

**-କପିଲ ସିବଲ, ବରିଷ୍ଠ କଂଗ୍ରେସ ନେତା**

" କେତେଜଣ ବ୍ୟକ୍ତିଙ୍କ ଦୁର୍ଗୁଣକୁ ସାରା ଦେଶର ସନ୍ଦର୍ଭରେ କହିବା ଏବଂ ଦେଶକୁ ଦୁନିଆ ଆଗରେ ବଦନାମ କରିବା ଅନୁଚିତ। ଉପନିବେଶ ଶାସନ ସମୟରେ ଯେଉଁମାନେ ଭାରତକୁ ପାଶ୍ଚାତ୍ୟ ଜଗତ ସାମ୍ନାରେ ସାପୁଆକେଳା ଓ ଲୁଟେରାଙ୍କ ଦେଶ ରୂପେ ଚିତ୍ରିତ କରିଥିଲେ, ସେମାନଙ୍କ ଅସ୍ତିତ୍ୱ ଏବେ ବି ଶେଷ ହୋଇନାହିଁ।

**-ଅଭିଷେକ ମନୁ ସିଂଘଭି, ବରିଷ୍ଠ କଂଗ୍ରେସ ନେତା**

" ଜଣେ ଷ୍ଟାଣ୍ଡ-ଅପ୍ କମେଡିଆନ୍ ଯାହାଙ୍କୁ ଷ୍ଟାଣ୍ଡ-ଅପ୍ ହେବାର ପ୍ରକୃତ ଅର୍ଥ ଜଣା ଅଛି, ଶାରୀରିକ ନୁହେଁ ବରଂ ନୈତିକତା ଆଧାରରେ ଛିଡ଼ା ହେବାର ତାତ୍ପର୍ଯ୍ୟ ଜାଣନ୍ତି। ବୀର ଦାସ ଲକ୍ଷ ଲକ୍ଷ ଲୋକଙ୍କ ତରଫରୁ କହିଛନ୍ତି। ସେ ନିଜ ୬ ମିନିଟର ଭିଡିଓରେ ଦୁଇ ପ୍ରକାର ଭାରତର ଅବତାରଣା କରି କହିଛନ୍ତି ଯେ ସେ କେଉଁ ଭାରତ ପାଇଁ ଛିଡ଼ା ହୋଇଛନ୍ତି। ଏହା ଜୋକ୍ ହୋଇଥିଲେ ହେଁ ଆଦୌ ମଜା ନୁହେଁ।

**-ଶଶୀ ଥରୁର, ଥିରୁଭାନନ୍ତପୁରମ୍ ଏମ୍‌ପି (କଂଗ୍ରେସ)**

" ବୀର ଦାସଙ୍କ କବିତାକୁ ନିଶ୍ଚିତ ଶୁଣନ୍ତୁ। ସେ ଦୁଇଟି ଭାରତ ବିଷୟରେ କହୁଛନ୍ତି, ଯହିଁର ସେ ବାସିନ୍ଦା। ଦୁଃଖର କଥା ହେଉଛି ଆମେ ଏପରି ଏକ ବିନ୍ଦୁରେ ପହଞ୍ଚିଯାଇଛୁ, ଯେଉଁଠି ସତ କହିବା ବି ସାହସିକ କାର୍ଯ୍ୟ ହୋଇଯାଇଛି।

**-ଯୋଗେନ୍ଦ୍ର ଯାଦବ, ସ୍ୱରାଜ ଇଣ୍ଡିଆ ସଂଯୋଜକ**

## ପୋଖରୀରୁ ଉଦ୍ଧାର ହେଲା ମୃତଦେହ

ଆଳି,(ଡି.ଏନ.ଏ.): ଆଳି ଥାନା ସିଙ୍ଗିରି ମହାଦେବ ପୋଖରୀରେ ବୁଡି ନିଖୋଜ ଥିବା ଶିବ ସାହୁଙ୍କ ମୃତଦେହକୁ ବୁଧବାର ଆଳି ଦମକଳ ବାହିନୀ ଉଦ୍ଧାର କରିଛି। କେନ୍ଦୁଝର ଅଞ୍ଚଳର ଶିବ ଆଳି ସିଙ୍ଗିରି ଗ୍ରାମରେ ପରିବାର ସହ ରହୁଥିଲେ। ସେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରନ୍ତି। ମଙ୍ଗଳବାର ପ୍ରାୟ ୧୧ ଟାରେ ଗ୍ରାମବାସୀ ସେହି ପୋଖରୀରୁ ଦଳ ସଫା କରୁଥିଲେ। ସେ ବି ଦଳ ସଫା କରିବା ଉଦ୍ଦେଶ୍ୟରେ ପୋଖରୀ ଭିତରକୁ ପଶି ବୁଡି ଯାଇଥିଲେ। ଗ୍ରାମବାସୀ ଓ ଆଳି ଦମକଳ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ବୁଧବାର ଦମକଳ କର୍ମଚାରୀ ପୋଖରୀରେ ଖୋଜିବା ପରେ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଆଳି ମେଡିକାଲ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ନିମ୍ନମାନର ରାସ୍ତା କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

ବରୀ,୧୭।୧୧(ଡି.ଏନ.ଏ.): ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବଣବାବାଜୀ-କାଇପଡ଼ା ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ ସମ୍ପ୍ରସାରଣ କାର୍ଯ୍ୟ ନିମ୍ନମାନ ହେଉଥିବା ଲୋକେ ଅଭିଯୋଗ କରିବା ସହ କାର୍ଯ୍ୟ ବନ୍ଦ କରିଛନ୍ତି। ଅନ୍ୟପକ୍ଷରେ ରାସ୍ତା କଡ଼ରେ ବିପଜ୍ଜନକ ବିଦ୍ୟୁତ୍ ଖୁଣ୍ଟ ଓ ତାର ଥିବାରୁ ଲୋକେ ଏହାକୁ ସ୍ଥାନାନ୍ତର କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ ବରୀ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ଏ ପର୍ଯ୍ୟନ୍ତ ସ୍ଥାନାନ୍ତର ହୋଇ ପାରିନାହିଁ। ତେଣୁ ଖୁଣ୍ଟ ସ୍ଥାନାନ୍ତର ପରେ କାମ ଠିକ୍‌ରେ କରିବାକୁ ଲୋକେ ଚେତାବନୀ ଦେଇଛନ୍ତି। ଏହା ନ ହେଲେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଲୋକଙ୍କ ଅଭିଯୋଗ ପରେ ବୁଧବାର ବରୀ ବିଦ୍ୟୁତ୍ ବିଭାଗ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ହେଲେ ଖୁଣ୍ଟ ସ୍ଥାନାନ୍ତର ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ନାହିଁ ବୋଲି ବିଭାଗୀୟ ଉପଖଣ୍ଡ ଅଧିକାରୀ ଦୀପ୍ତିରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ନାୟକ କହିଛନ୍ତି, ନିମ୍ନମାନ କାର୍ଯ୍ୟ ହେଉଥିବା ନେଇ ଲୋକଙ୍କ ଅଭିଯୋଗ ମିଳିଛି। ଏହାର ତଦନ୍ତ କରାଯିବ। ଏଥିସହିତ ବିଦ୍ୟୁତ୍ ବିଭାଗ ସହ ଆଲୋଚନା କରାଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଖୁଣ୍ଟ ଓ ତାର ସ୍ଥାନାନ୍ତର କରାଯିବ। ଏହାପରେ କାର୍ଯ୍ୟ ଆରମ୍ଭ ହେବ।

### ଆଦର୍ଶ ବିଦ୍ୟାଳୟ ନିମନ୍ତେ ସରକାରୀ ଜମି ଚିହ୍ନଟ

ରଘୁନାଥପୁର,୧୭।୧୧(ଡି.ଏନ.ଏ.): ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର କୋରକରଠାରେ ବହୁ ପ୍ରତୀକ୍ଷିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ୯ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ମାପି ଉନ୍ମୁକ୍ତ କରାଯାଇଛି। ବୁଧବାର ରଘୁନାଥପୁର ତହସିଲଦାର ରୂପାଲିକା ଦାଶଙ୍କ ନିର୍ଦ୍ଦେଶରେ ଆରଆଇ ସୁପରଭାଇଜର ସୁଦାମ ଚରଣ ଗୁରୁ ଓ ଅମିନ ରବୀନ୍ଦ୍ରନାଥ ରାଉତ ସରକାରୀ ଜମି ମାପି ବାହାର କରିବା ପ୍ରକ୍ରିୟା ଆରମ୍ଭ କରିଥିଲେ। ଆରଆଣ୍ଡବି ବିଭାଗ ପକ୍ଷରୁ ଯନ୍ତ୍ରୀ ବିନୟ କୁମାର ସାହୁ, କର୍ମଚାରୀ ବିଶ୍ୱନାଥ ମହାନ୍ତି, କଳ୍ପତରୁ ରଥ ଓ ମନୋରଞ୍ଜନ ଜେନା ଉପସ୍ଥିତ ଥିଲେ। ୬କୋଟି ୬୬ଲକ୍ଷ ଟଙ୍କା ବ୍ୟୟରେ ଆଦର୍ଶ ବିଦ୍ୟାଳୟର ଦୁଇ ମହଲା ଗୃହ ନିର୍ମାଣ ହେବ।

### ଗଡ଼ିଲା ଭୋଟର ତାଲିକା ସଂଶୋଧନ ସଚେତନତା ରଥ

ଧର୍ମଶାଳା,୧୭।୧୧(ଡି.ଏନ.ଏ.): ଧର୍ମଶାଳା ତହସିଲ ପକ୍ଷରୁ ଅନ୍‌ଲାଇନରେ ରାଜସ୍ୱ ଆଦାୟ ଓ ଭୋଟର ତାଲିକା ସଂଶୋଧନ ପାଇଁ ଏକ ସଚେତନତା ରଥ ବୁଧବାର ଶୁଭାରମ୍ଭ ହୋଇଛି। ବିଡିଓ ଅରବିନ୍ଦ ବେହେରା, ତହସିଲଦାର ସ୍ୱାଗତ ଦାସ, ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ ତହସିଲ କାର୍ଯ୍ୟାଳୟରେ ପତକା ହଲାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ୨ ଦିନ ବ୍ୟାପୀ ଗ୍ରାମାଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରାଇବ। ଲୋକେ ଅନ୍‌ଲାଇନରେ ଖଜଣା ଦାଖଲ କରି ପାଉତି ପାଇପାରିବେ। ଭୋଟର ତାଲିକା ସଂଶୋଧନ ସହ ନୂତନ ଭୋଟରଙ୍କ ନାମ ସଂଯୋଗୀକରଣ ଓ ଭୋଟ କେନ୍ଦ୍ର ପରିବର୍ତ୍ତନ ପାଇଁ ୨୧ ତାରିଖ ପର୍ଯ୍ୟନ୍ତ ନିଜ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଅବେଦନ କରିପାରିବେ।

### ଶିଶିର ସାହିତ୍ୟ ଉତ୍ସବ

ପଟ୍ଟାମୁଣ୍ଡାଇ,୧୭।୧୧(ସ୍ୱ.ପ୍ର.): ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବୋଧାଗାଁ ଓଁ ନମଃ ଶିବାୟ ପୂଜା ମଣ୍ଡପ ପ୍ରାଙ୍ଗଣରେ ଶିଶିର ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜର ସଭାପତି ନିହାରକାନ୍ତ ନାୟକଙ୍କ ପୌରୋହିତ୍ୟ ଓ ଉପଦେଷ୍ଟା ମଳୟ ରଞ୍ଜନ ବାରିକ, ସୌଦାଗର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଗାଳ୍ପିକ ପ୍ରଦୀପ୍ତ ନାୟକ ମୁଖ୍ୟଅତିଥି, କବି ଅନନ୍ତ ଜେନା ମୁଖ୍ୟବକ୍ତା, ସାହିତ୍ୟିକ ସଚିତ୍ର ବେହୁରା, ପ୍ରମୋଦ କୁମାର ସିଂହ, ଗଗନ ପ୍ରସାଦ ବାରିକ, ବ୍ରଜକିଶୋର ସାହୁ, ସାମାଜିକ କର୍ମୀ ପ୍ରଫୁଲ୍ଲ ତରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ସମାଜର ସମ୍ପାଦକ ବିଭୂତି କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ରତିକାନ୍ତ ରାଉତ ଓ ସହସମ୍ପାଦକ ସାଗର ସୂତାର ଭିଡିଓ କନଫରେନ୍ସ ଜରିଆରେ ଉତ୍ସବରେ ଯୋଗ ଦେଇଥିଲେ। ଏଇ ଅବସରରେ ଯୁବ ସମାଜର ସଭାପତି  ନାୟକ ଓ ବାଦ୍ୟକାର ନିରାକାର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। କବି ପ୍ରମୋଦ କୁମାର ତ୍ରିପାଠୀଙ୍କ ରଚିତ ଭକ୍ତି ଶତଦଳ, କବି ଦିଲୀପ କୁମାର ବେହେରାଙ୍କ ରଚିତ ସୁନ୍ଦରୀ କାବ୍ୟ ପୁସ୍ତକର ଉନ୍ମୋଚନ କରାଯାଇଥିଲା।

# ଜଙ୍ଗଲ ଜମିରୁ ଗଛ କାଟିବା ମହଙ୍ଗା ପଡ଼ିଲା

କେନ୍ଦ୍ରାପଡ଼ା ଅଫିସ, ୧୭।୧୧

- ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲା
- ରାଜ୍ୟ ବନ ଓ ପରିବେଶ ବିଭାଗର ସର୍ତ୍ତମୂଳକ ଅନୁମତି
- ମହାକାଳପଡା, ମାର୍ଶାଘାଇର ୨୦୦ ଗାଁକୁ ଯିବ ପାଣି

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପରେ ଏକ ବଡଧରଣର ପରିବର୍ତ୍ତନ ହେବାକୁ ଯାଉଛି। ପ୍ରକଳ୍ପ ସ୍ଥାନ ଜଙ୍ଗଲ କିସମ ଦର୍ଶାଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ହୋଇଥିବା ମାମଲା ପରେ ଏହି ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଏବେ ପ୍ରକଳ୍ପ ଜମି ବଦଳରେ ବଡପାଳଠାରେ ଜଙ୍ଗଲ ସୃଷ୍ଟି ପାଇଁ ଗ୍ରାମୀଣ ଜଳ ଯୋଗାଣ, ରାଜସ୍ୱ ବିଭାଗଙ୍କ ଆବେଦନକୁ ରାଜ୍ୟ ବନ ଓ ପରିବେଶ ବିଭାଗ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ତେବେ ପ୍ରକଳ୍ପ ସ୍ଥାନରେ ଗଛ କାଟିବା ଗ୍ରାମୀଣ ଜଳ ଯୋଗାଣ ବିଭାଗକୁ ମହଙ୍ଗା ପଡିଛି। ନୂତନ ଜଙ୍ଗଲର ୧୦ବର୍ଷର ରକ୍ଷଣାବେକ୍ଷଣ, ଚାରାର ମୂଲ୍ୟଠାରୁ ୩ ଗୁଣା ଅଧିକ ଜରିମାନା ଦେବାକୁ ପଡିବ। ଏହି ପ୍ରକଳ୍ପ ନିର୍ମାଣ ପରେ ମହାକାଳପଡ଼ା ବ୍ଲକର ୧୫୨ ଗ୍ରାମ ଓ ମାର୍ଶାଘାଇର ୪୮ ଗ୍ରାମକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାକାଳପଡ଼ା ବ୍ଲକ ସରୁମୁହିଁଠାରେ ୨୦୧୮ ନଭେମ୍ବର ୯ରେ ପ୍ରକଳ୍ପ ପାଇଁ ଘୋଷଣା କରିଥିଲେ। ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇଥିଲା। ତେବେ ପ୍ରକଳ୍ପ ସ୍ଥାନ ଜଙ୍ଗଲ କିସମ ଥିବାରୁ ଏ ନେଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଆଳୟ ସାମନ୍ତରାୟ ଓ ସମ୍ପଦ ସ୍ୱାଇଁ ଏନ୍‌ଜିଟିରେ


ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ।

ଅଭିଯୋଗ ପତ୍ର (ମାମଲା ନଂ. ୪/୧୯) ଦାଖଲ କରିଥିଲେ। ପ୍ରକଳ୍ପ ସ୍ଥାନଟି ଜଙ୍ଗଲ ଜମି ହୋଇଥିବାରୁ ଏନ୍‌ଜିଟିର ୩ ଜଣିଆ ବେଞ୍ଚ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ପରିବେଶ ବିଭାଗର ଅନୁମତି ନ ଥାଇ ଗଛ କାଟି ଥିବାରୁ ଜରିମାନା ପାଇଁ ଏକ ତଦନ୍ତ କମିଟି ଗଠନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ସ୍ଥାନର ୧.୮୦୯ ହେକ୍ଟର ଜମି ପାଇଁ ଏହି ବ୍ଲକ ଅଧୀନ ବଡପାଳଠାରେ ଥିବା ୧.୮୬୨ ହେକ୍ଟର ଜମିକୁ ବଦଳ କରି ଜଙ୍ଗଲ ସୃଷ୍ଟି କରିବାକୁ ବନ ଓ ପରିବେଶ ବିଭାଗର ଅନୁମତି ମାଗିଥିଲେ। ଗତ ସେପ୍ଟେମ୍ବର ୧୬ରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ବନ ଓ ପରିବେଶ ବିଭାଗ ପକ୍ଷରୁ ସର୍ତ୍ତମୂଳକ ଅନୁମତି ଦିଆଯାଇଛି। ନୂତନ ଜଙ୍ଗଲ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବା, ପ୍ରକଳ୍ପ ସ୍ଥାନର ଗଛକୁ ସୁରକ୍ଷିତ ରଖିବା, ୧୦ବର୍ଷ ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଓ ସୁରକ୍ଷିତ ରଖିବା ଆଦି ୫୦ରୁ ଊର୍ଦ୍ଧ୍ୱ ସର୍ତ୍ତ ଏହି ଚିଠି ନଂ. ୫ ଓଆରବି/୪୪୫/୨୦୨୧/ବିଏଚୟୁ)ରେ ଉଲ୍ଲେଖ ହୋଇଛି। ଏହାକୁ ଦୃଷ୍ଟିରେ ରଖାଯାଇ କେନ୍ଦ୍ରାପଡ଼ା ଜିଲା ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କଟକ ସର୍କଲର ବିଭାଗୀୟ ସହକାରୀ ମୁଖ୍ୟଯନ୍ତ୍ରୀଙ୍କୁ ଜଙ୍ଗଲ ସୃଷ୍ଟି ଓ ଜରିମାନା ବାବଦ ୮୪,୫୨,୬୦୪ ଟଙ୍କା କାମ୍ପା ଆକାଉଣ୍ଟରେ ଜମା କରିବାକୁ ମଙ୍ଗଳବାର ଚିଠି (ନଂ. ୫୯୩୫) କରିଛନ୍ତି। ଏହି ଚିଠି ଅନୁଯାୟୀ କଟକ ବନଖଣ୍ଡ ଅଧୀନ ବଡପାଳଠାରେ ନୂତନ ଗଛ ଚାରା ଓ ୧୦ ବର୍ଷର ସଂରକ୍ଷଣ ଖର୍ଚ୍ଚ ବାବଦ ୧୬,୫୮,୦୦୦ ଟଙ୍କା ହୋଇଥିବା ବେଳେ ପ୍ରକଳ୍ପ ସ୍ଥାନରେ କଟା ହୋଇଥିବା ଗଛ ବାବଦ ୧୧,୩୨,୪୩୪ ଟଙ୍କା ଓ ୫୬,୬୨,୧୭୦ ଟଙ୍କା ଜରିମାନା ବାବଦ ବୋଲି ଦର୍ଶାଯାଇଛି। ସୂଚନାଯୋଗ୍ୟ, ପ୍ରକଳ୍ପ କାର୍ଯ୍ୟ ୪୦ ପ୍ରତିଶତ ସରିଛି। ଜଙ୍ଗଲ ସୃଷ୍ଟି ପାଇଁ ଜମି ଓ ଟଙ୍କା ପ୍ରଦାନ ପରେ ଏ ନେଇ ଥିବା ଅନୁମତିକୁ ଏନ୍‌ଜିଟିରେ ଦାଖଲ ହେବ।

## ବାଇକ୍ ଦୁର୍ଘଟଣା, ଜଣେ ମୃତ

ଆଳି,୧୭।୧୧(ଡି.ଏନ୍.ଏ.)

କଟକ-ଚାନ୍ଦବାଲି ରାସ୍ତାର ଆଳି ଚଣ୍ଡିଆଗଡି ଛକରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ରାଜକନିକା ଥାନା ବରୁଣା ଗାଁର ନିରଞ୍ଜନ ବେହୁରା (୭୦) ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା (୬୫) ପଟ୍ଟାମୁଣ୍ଡାଇ ପଟରୁ ନିଜ ଘର ବରୁଣାକୁ ଫେରୁଥିଲେ। ଆଳି ଚଣ୍ଡିବଜାର ଛକରେ ଏକ ବାଇକ୍ ସହିତ ଦୁର୍ଘଟଣା ଘଟିଥିଲା। ଫଳରେ ଏହି ଦମ୍ପତି ରାସ୍ତାରେ ଝିଙ୍କି ପଡିଥିଲେ। ଶାନ୍ତିଲତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ନିରଞ୍ଜନଙ୍କ ଛାତିରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଏହି ଦମ୍ପତିଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଶାନ୍ତିଲତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ଜଣାପଡିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ନିର୍ବାହୀ ଅଧିକାରୀଙ୍କୁ ତାଲା

ରାଜନଗର,୧୭।୧୧(ଡି.ଏନ.ଏ.)

### ଭୋଟର ତାଲିକାରେ ତ୍ରୁଟିର ପ୍ରତିବାଦ

ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ଓ ନୂତନ ଭୋଟରଙ୍କୁ ସାମିଲ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ପଞ୍ଚାୟତସ୍ତରରେ ଭୋଟର ତାଲିକା ପ୍ରକାଶ କରାଯିବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବ୍ଲକର କର୍ମଚାରୀମାନେ ପଞ୍ଚାୟତସ୍ତରରେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କରୁଛନ୍ତି । ନୂତନ ଭୋଟରଙ୍କୁ ଯୋଗ କରାଯାଉଥିବାବେଳେ ମୃତ ଓ ଅନ୍ୟସ୍ଥାନରେ ଥିବାଭୋଟରଙ୍କୁ ବାଦ୍ ଦିଆଯାଉଛି। ଭୋଟର ତାଲିକାରେ ତ୍ରୁଟି ଥିଲେ ଚଳିତମାସ ୧୬ ରୁ ୨୩ ତାରିଖ ମଧ୍ୟରେ ଅଭିଯୋଗ କରିବାକୁ ସମୟ ସୀମା ଧାର୍ଯ୍ୟ ହୋଇଛି। ରାଜନଗର ବ୍ଲକ ଡେରା ପଞ୍ଚାୟତରେ ମଙ୍ଗଳବାର ୨୦୨୨ ପଞ୍ଚାୟତ ନିର୍ବାଚନ ପାଇଁ ୱାର୍ଡସ୍ତରୀୟ ଭୋଟର ତାଲିକା ପ୍ରକାଶ କରାଯାଇଥିଲା। ଏହି ତାଲିକାରେ ତ୍ରୁଟି ଜଣା ପଡିବା ପରେ ଡେରା ପଞ୍ଚାୟତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୋଟିଏ ଗାଁର ଭୋଟରଙ୍କ ନାଁ ଅନ୍ୟ ଗାଁରେ ରହିଛି। ଉକ୍ତ ପଞ୍ଚାୟତର ୧ ହଜାରରୁ ଅଧିକ ଭୋଟରଙ୍କ ତାଲିକାରେ ଏପରି ତ୍ରୁଟି ରହିଥିବା ଅଭିଯୋଗ ହୋଇଛି। ବୁଧବାର ୨ୟ ଦିନରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳ ଭୋଟର ତାଲିକା କାର୍ଯ୍ୟରେ ପଞ୍ଚାୟତ ଅଫିସକୁ ଆସିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଅଫିସ ଭିତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରହିଥିଲେ। ଖବର ପାଇ ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ଜିପିଇଓ ଧର୍ମେନ୍ଦ୍ର କୁମାର ଦାଶ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ୨୦୧୭ର ୱାର୍ଡ ଅନୁଯାୟୀ ଭୋଟର ତାଲିକାକୁ ଗୁରୁବାର ସୁଦ୍ଧା ପ୍ରକାଶ କରାଯିବ । ଯେଉଁମାନେ ନୂତନ ଭୋଟର ହେବେ, ସେମାନେ ଆବେଦନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତଲୋକେ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଖୋଲିଥିଲେ।


ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଗ୍ରାମବାସୀ ଧାରଣା ଦେଇଛନ୍ତି।

## ଟ୍ରେଲର ଚାପାରେ ମହିଳା ମୃତ, ୨ ଆହତ

ଧର୍ମଶାଳା,୧୭।୧୧(ଡି.ଏନ.ଏ.)

ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଶଙ୍ଖାରିଡ଼ିହଠାରେ ଟ୍ରେଲର ଚାପାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ସ୍ଥାନୀୟ ନାକପୋଲ ବଙ୍ଗାଳିସାହିର ହେମନ୍ତ ଦାସଙ୍କ ସ୍ତ୍ରୀ ମିଲି ଦାସ(୫୨) ବୋଲି ଜଣାପଡ଼ିଛି। ଏହି ଦୁର୍ଘଟଣାରେ ତାଙ୍କ ସ୍ୱାମୀଙ୍କ ସମେତ ଅନ୍ୟ ଜଣେ ଆହତ ହୋଇଛନ୍ତି। ବୁଧବାର ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହିତ ସ୍କୁଟର ଯୋଗେ କେଉଁଆଡ଼େ ଯାଇ ଅପରାହ୍ଣରେ ଘରକୁ ଫେରୁଥିଲେ। ଶଙ୍ଖାରିଡ଼ିହଠାରେ ରାସ୍ତାରେ ଥିବା ଏକ ହମ୍ପସରେ ସେ ସ୍କୁଟରରୁ ଖସିପଡ଼ିଥିଲେ। ଏହି ସମୟରେ ରାସ୍ତା ଦେଇ ଯାଉଥିବା (ଓଆର୍-୦୫-ଡି-୩୧୨୧) ଟ୍ରେଲର ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଚାଳକ ଟ୍ରେଲର ନେଇ ଫେରାର ହୋଇଯାଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ପଠାଇବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ତେବେ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ଚାଲିଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

## ପ୍ରକଳ୍ପକୁ ସ୍ୱାଗତ, ଅତୀତ ଅନୁଭୂତିକୁ ନେଇ ଅସନ୍ତୋଷ

କୁଜଙ୍ଗ,୧୭।୧୧ (ଡି.ଏନ.ଏ.)


ଶିବିରରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ପ୍ରଶାସନିକ ଅଧିକାରୀମାନେ।

### ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ନୂଆଗାଁରେ ଜନମତ ସଂଗ୍ରହ ଶିବିର

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ବୁଧବାର ନୂଆଗାଁସ୍ଥିତ ସିଦ୍ଧ ଗୁମ୍ଫାଠାରେ ପଞ୍ଚାୟତସ୍ତରୀୟ ଜନମତ ସଂଗ୍ରହ ଶିବିର ଅନୁଷ୍ଠିତ ହୋଇଥିଲା। ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀ, ଏସ୍‌ପି ଅଖିଳେଶ ସିଂହ, ତହସିଲଦାର ପ୍ରଜ୍ଞାନନ୍ଦ ଦାସ, ପାରାଦୀପର ଏଏସ୍‌ପି ନିମାଇଁ ଚରଣ ସେଠୀ, ସାଂସଦ ପ୍ରତିନିଧି ପୀତବାସ ଗୋଛାୟତ , ଜିଲାପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ପଞ୍ଚାୟତ ସମିତି ଅଧକ୍ଷ ପ୍ରଣବ ସ୍ୱାଇଁ ଓ ନୂଆଗାଁ ସରପଞ୍ଚ ବିଦ୍ୟାଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜନମତ ଶୁଣିଥିଲେ।

ଆଲୋଚନାରେ ପ୍ରସ୍ତାବିତ ପ୍ରକଳ୍ପକୁ ଜନସାଧାରଣ ସ୍ୱାଗତ କରିଥିଲେ। ହେଲେ ଅତୀତର ପୋସ୍କୋ ଅନୁଭୂତିକୁ ନେଇ ପ୍ରଶାସନ ଉପରେ ଅସନ୍ତୋଷ ଜାହିର କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ୨୦୧୦ ଆରପିଡିଏସି ବୈଠକରେ ପାନ ବରଜ ଶ୍ରମିକ ମାସିକ ୨୨୫୦ଟଙ୍କା ଲେଖାଏ ଭତ୍ତା କାରଖାନା ନିର୍ମାଣ ଶେଷ ହେବା ଓ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ଦେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ପ୍ରଶାସନ ତାହା ପାଳନ କଲାନାହିଁ। ଯଦି ପ୍ରଶାସନ ଆରପିଡିଏସି ଭଳି ସାମ୍ବିଧାନିକ ନିଷ୍ପତ୍ତିକୁ ମାନୁନାହିଁ, ତେବେ ଆମେ କାହିଁକି ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବିଶ୍ୱାସକୁ ନେଇ ମାନିବୁ ବୋଲି ଜନସାଧାରଣ ପ୍ରଶ୍ନ କରିଥିଲେ। ୨୦୧୦ରୁ ଦୀର୍ଘ ୧୧ ବର୍ଷ ହେବ ପାନ ବରଜ, ଜଙ୍ଗଲ ଧ୍ୱଂସ ପରେ ଜୀବନ ଜୀବିକା ହରାଇ ବସିଛୁ। କମ୍ପାନୀ କର୍ତ୍ତୃପକ୍ଷ ପ୍ରଥମେ ୧୦ ବର୍ଷର ଭତ୍ତା ପ୍ରଦାନ ସହ ନିଯୁକ୍ତି ପ୍ରସଙ୍ଗ ଓ ଜୀବନ ଜୀବିକା ଉପରେ ନିଶ୍ଚିତ କରନ୍ତୁ। ସେଥି ନିମନ୍ତେ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ଲୋକଙ୍କ ମଧ୍ୟରେ ଚୁକ୍ତିନାମା ହେଉ। ପରେ ଯାଇ କାରଖାନା ନିର୍ମାଣ କରାଯାଉ। ଆଲୋଚନାରେ ପଞ୍ଚାୟତବାସୀଙ୍କ ପକ୍ଷରୁ ସ୍ମୃତିରଞ୍ଜନ ମନ୍ତ୍ରୀ, ଆଲୋକ ସାହୁ, ସମରେନ୍ଦ୍ର ନାୟକ, କେଶବ ଚରଣ ରାଉତ, ପରିବେଶବିତ୍ ଡ. ତମିଲ ପ୍ରଧାନ, ବାସୁଦେବ ଖଣ୍ଡୁଆଳ, ଆଲୋକ ସାହୁ, ମମତା କରଣ ପ୍ରମୁଖ ଭାଗ ନେଇଥିଲେ। ସେମାନେ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଥିଲେ। ଶେଷରେ ଜିଲାପାଳ ପଟୱାରୀ ଜନସାଧାରଣଙ୍କ ସମ୍ବେଦନଶୀଳ ଦାବି ପ୍ରତି ପ୍ରଶାସନ ଯତ୍ନବାନ ଅଛି। ଲୋକେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସେମାନଙ୍କର ସମସ୍ୟା ବୁଝିବା ପାଇଁ ସୁଯୋଗ ଦିଅନ୍ତୁ ବୋଲି ନିବେଦନ କରିଥିଲେ।

## ଭୋଟରଙ୍କୁ ସଚେତନ ପାଇଁ ବାହାରିଲା ରଥ

ଜଗତ୍‌ସିଂହପୁର ଅଫିସ, ୧୭।୧୧

ଜଗତସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ବୁଧବାର ୨ଟି ଭୋଟର ସଚେତନତା ରଥକୁ ଜିଲାପାଳ ପାରୁଲ ପାଟୱାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ରଥ ଜିଲାର ୮ ବ୍ଲକ ଓ ୨ ପୌରାଞ୍ଚଳ ପରିକ୍ରମା କରି ଭୋଟରମାନଙ୍କୁ ସଚେତନ କରିବ। ୧।୧।୨୨ ସୁଦ୍ଧା ୧୮ ବର୍ଷ କିମ୍ବା ତଦୁର୍ଦ୍ଧ ବୟସର ଯୁବପିଢି କିମ୍ବା ଅନ୍ୟ କେହି ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିପାରିବେ। ଏଥିସହ ସ୍ୱତନ୍ତ୍ର ଅଭିଯାନର ଆୟୋଜନ ହେବ। ପ୍ରତ୍ୟେକ ବୁଥ୍‌ରେ ନଭେମ୍ବର ୭ ଓ ୨୧ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓମାନଙ୍କ ଜରିଆରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ହେଲ୍ପଲାଇନ୍ ଆପ ଜରିଆରେ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିହେବ। ଏହି ଆପର ଡିଜିଟାଲ ଆପ୍ଲିକେଶନ ମାଧ୍ୟମରେ ଅଧିକରୁ ଅଧିକ ନୂତନ ଭୋଟର ପଞ୍ଜୀକରଣ ନିମନ୍ତେ ଗୁରୁତ୍ୱ ଦିଆଯାଇଛି। ଉତ୍ସବରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରମୁଖ ଉପସ୍ଥିତ ଥିଲେ।

## ମୂଳିସିଂ ପଞ୍ଚାୟତବାସୀଙ୍କ ଥାନା ଘେରାଉ

ତିର୍ତ୍ତୋଲ, ୧୭।୧୧ (ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅଧୀନ ମୂଳିସିଂ ପଞ୍ଚାୟତ କାବଳପୁର ଗାଁର ଏକ ପରିବାରର ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣାରେ ବୁଧବାର ପଞ୍ଚାୟତର କେତେଜଣ ଅଧିବାସୀ ଥାନା ଘେରାଉ କରିଥିଲେ। ଏହି ୩ଜଣଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଥିବା ଅଭିଯୋଗ କରି ଘେରାଉ କରାଯାଇଥିଲା। ଆଇଆଇସି ଏମାନଙ୍କ ମଧ୍ୟରୁ ୩ ଜଣ ପ୍ରତିନିଧିଙ୍କୁ ଡକାଇ ଘଟଣା ପ୍ରତି ଗୁରୁତ୍ୱ ଦେବା ସହ ଉପଯୁକ୍ତ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘେରାଉ ହଟିଥିଲା। ଅଭିଯୋଗ ମୁତାବକ ଗ୍ରାମର ସରୋଜ ନାୟକ, ମଧୁସୂଦନ ନାୟକ ଏବଂ ତୃପ୍ତି ନାୟକଙ୍କୁ ଏକ ଗଣ୍ଡଗୋଳ ଘଟଣାରେ ଗତ ୧୫ ତାରିଖରେ ଗିରଫ କରାଯାଇଥିଲା। ଏହି ଗିରଫଦାରିକୁ ବିରୋଧ କରି ପଞ୍ଚାୟତର ଶଶୀକାନ୍ତ ସିଂ, ଶ୍ରୀକାନ୍ତ ବେହେରା, ଅନନ୍ତ କୁମାର ବେହେରା, ଭାସ୍କର ସିଂ, ସୁରେଶ ବେହେରା, ପ୍ରତାପ ନାୟକ, ପ୍ରଶାନ୍ତ ଓଝା, ସୁବାସ ବାରିକ, ସୌମ୍ୟରଞ୍ଜନ ନାୟକ, ଦୀପକ ଦାସ ପ୍ରମୁଖ ଘେରାଉରେ ସାମିଲ ହୋଇଥିଲେ।

## ସମବାୟ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ

ରାଜନଗର,୧୭।୧୧(ଡି.ଏନ.ଏ.)

୫ଦଫା ଦାବି ନେଇ ରାଜନଗରବ୍ଲକର ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଗତ ୧୪ ତାରିଖରୁ ସମବାୟ କର୍ମଚାରୀମାନେ କଲମଛାଡ ଆନ୍ଦୋଳନ କରୁଥିବାରୁ ସମସ୍ତ କାର୍ଯ୍ୟ ବନ୍ଦ ରହିଛି। ମୁଖ୍ୟକାର୍ଯ୍ୟନିର୍ବାହୀ ନିଯୁକ୍ତି ପ୍ରସ୍ତାବକୁ ରଦ୍ଦ କରି କାର୍ଯ୍ୟରତ ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ଭାବେ ମାନ୍ୟତା ପ୍ରଦାନ, ସପ୍ତମ ବେତନ କମିଶନଙ୍କ ସୁପାରିଶ ଆଧାରରେ ସମସ୍ତ ବର୍ଗର କର୍ମଚାରୀଙ୍କୁ ଦରମା ଓ ବର୍ଦ୍ଧିତ ମହଙ୍ଗା ଭତ୍ତା ଲାଗୁ, ସମିତି ଓ ଲ୍ୟାମ୍ପସ ପ୍ରଶାସନିକ ପାଣ୍ଠି କାର୍ଯ୍ୟକାରୀ କରିବା ଓ ଆସନ୍ତା ସମବାୟ ଏବଂ ବାର୍ଷିକ ବଜେଟ୍‌ରେ ସମସ୍ତ କର୍ମଚାରୀଙ୍କ ଦରମା ଓ ଭତ୍ତା ନିମନ୍ତେ ବ୍ୟୟ ଅଟକଳ ମଞ୍ଜୁର, କରୋନା ମହାମାରୀ ସମୟରେ ମୃତ କର୍ମଚାରୀଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଆଦି ଦାବି ନେଇ ରାଜନଗର ବ୍ଲକର ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତିର କର୍ମଚାରୀ ଓ ସମ୍ପାଦକମାନେ କଲମଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜ୍ୟ ସଂଘ ଉପସଭାପତି ଘନଶ୍ୟାମ ଜେନା, ସମବାୟ କର୍ମଚାରୀ ସଂଘ ରାଜନଗର ବ୍ଲକ ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା, ସମବାୟ ସମିତି ସମ୍ପାଦକ ଜ୍ଞାନ ରଞ୍ଜନ ନାୟକ, ଯୋଗେନ୍ଦ୍ର ନାଥ ବାରିକ, ସୁକାନ୍ତ କୁମାର ବେହେରା, ସତ୍ୟନାରାୟଣ ନାୟକ, ଅମର କୁମାର ବଳ, ସୁବ୍ରତ କୁମାର ପ୍ରଧାନ, କ୍ଷେତ୍ରବାସୀ ରାଉତ, ଅନ୍ତର୍ଯ୍ୟାମୀ ରାଉତଙ୍କ ସହିତ ସମସ୍ତ କର୍ମଚାରୀ କଲମଛାଡ ଆନ୍ଦୋଳନରେ ସାମିଲ ହୋଇ ବୁଧବାର ରାଜନଗରସ୍ଥିତ ସେଣ୍ଟ୍ରାଲ କୋ ଅପରେଟିଭ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ।


ସମବାୟ କର୍ମଚାରୀମାନେ ଧାରଣା ଦେଇଛନ୍ତି।

NATIONAL HEALTH MISSION

# ନବଜାତ ଶିଶୁ ଯତ୍ନ ସପ୍ତାହ

୧୫ - ୨୧ ନଭେମ୍ବର ୨୦୨୧

DSPL - 254

ନିରାପତ୍ତା ଓ ଗୁଣବତ୍ତା ଯୁକ୍ତ ଲାଳନପାଳନ- ପ୍ରତ୍ୟେକ ନବଜାତ ଶିଶୁର ଜନ୍ମଗତ ଅଧିକାର



ସଚେତନ ରୁହନ୍ତୁ ଓ ନବଜାତ ଶିଶୁର ଉପଯୁକ୍ତ ଯତ୍ନ ନିଅନ୍ତୁ

- ଶିଶୁକୁ ଧରିବା/ଛୁଇଁବା ପୂର୍ବରୁ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରନ୍ତୁ।
- ଶିଶୁର ନାହି ନାଡରେ କିଛି ଲଗାନ୍ତୁ ନାହିଁ।
- କମ୍ ଓଜନର (୨୫୦୦ ଗ୍ରାମ୍‌ରୁ କମ୍) ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ କଙ୍ଗାରୁ ମା' ଯତ୍ନ ପଦ୍ଧତି ଆପଣାନ୍ତୁ।
- ଶିଶୁକୁ ଉଷୁମ୍ ରଖିବା ପାଇଁ ମୁଣ୍ଡରେ ଟୋପି, ପାଦରେ ମୋଜା ଏବଂ ଦେହରେ ପରିଷ୍କାର କପଡା ଘୋଡାଇ ମା' ସହିତ ରହିବାକୁ ଦିଅନ୍ତୁ।
- ଶିଶୁ ଜନ୍ମ ପରେ ପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରାନ୍ତୁ ।
- ଶିଶୁକୁ ମା'କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ ।
- ବିପଦପୂର୍ଣ୍ଣ ଲକ୍ଷଣ ଥିବା ଶିଶୁକୁ ଚିହ୍ନଟ କରିବା ଓ ଆବଶ୍ୟକ ସ୍ଥଳେ ଯଥାଶୀଘ୍ର ଚିକିତ୍ସା ପାଇଁ ଡାକ୍ତରଖାନା ନେବାପାଇଁ ବ୍ୟବସ୍ଥା କରନ୍ତୁ ।
- କୋଭିଡ୍ -୧୯ରୁ ସୁରକ୍ଷା ପାଇଁ ଶିଶୁର ଯତ୍ନ ଓ ସ୍ତନ୍ୟପାନ ସମୟରେ ନିଜ ହାତ ଧୋଇବା ସହିତ ମୁହଁରେ ମାସ୍କ ନିଶ୍ଚିତ ଲଗାନ୍ତୁ।
- ଜନ୍ମ ପରେ ଶିଶୁର ବି.ସି.ଜି.,ହେପାଟାଇଟିସ୍ - ବି ଏବଂ ଓ.ପି.ଭି ଟୀକାକରଣ ସୁନିଶ୍ଚିତ କରାନ୍ତୁ।

ଶିଶୁମାନଙ୍କର କୌଣସି ଅସୁସ୍ଥତା ଦେଖାଦେଲେ ତୁରନ୍ତ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ କରି ଡାକ୍ତରଖାନା ନିଅନ୍ତୁ।

ଶିଶୁମାନଙ୍କ ଆବଶ୍ୟକୀୟ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାଦେୟରେ ଉପଲବ୍ଧ ।

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

OIPR-10003/13/0087/2122


ଦାୟିତ୍ୱ ଗ୍ରହଣ ପରେ ରଞ୍ଜନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସଂସ୍କୃତି ସଚିବ ଦାୟିତ୍ୱ ନେଲେ ରଞ୍ଜନ ଦାସ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଭାବେ ବୁଧବାର ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ନିକଟରେ ସଂସ୍କୃତି ସଚିବ ଥିବା ଡ. ସୁରେଶ କୁମାର ଦଳେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଭାବେ ବଦଳି ହେବା ପରେ ରଞ୍ଜନ ଦାସଙ୍କୁ ଉକ୍ତ ଦାୟିତ୍ୱ ଦିଆଯାଇଥିଲା। ତେବେ ବୁଧବାର ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ଅତିରିକ୍ତ ସଚିବ ରାମକୃଷ୍ଣ ସାହୁ, ମନସ୍ୱିନୀ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦାସ ହେଉଛନ୍ତି ଜଣେ ଦକ୍ଷ ପ୍ରଶାସକ, ଉଚ୍ଚକୋଟୀର ସ୍ତମ୍ଭକାର, ଗୀତିକାର, ଗାଳ୍ପିକ, ପ୍ରାବନ୍ଧିକ ତଥା ସଂସ୍କୃତିସମ୍ପନ୍ନ ବ୍ୟକ୍ତିତ୍ୱ। ତାଙ୍କ ନେତୃତ୍ୱରେ ବିଭାଗ ଅନେକ ସୃଜନଶୀଳ କାର୍ଯ୍ୟ କରିପାରିବ ବୋଲି ଆଶା କରାଯାଉଛି।

## ୨୪ ଘଣ୍ଟା ଗଞ୍ଜାମ ବେଳାଭୂମି ମନା

**ଛତ୍ରପୁର,୧୭।୧୧(ଡି.ଏନ.ଏ):** ଆସନ୍ତା ୧୯ ତାରିଖ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା। ସାଧାରଣତଃ କାର୍ତ୍ତିକ ପୂର୍ଣ୍ଣିମା ଭୋରରୁ ସମୁଦ୍ରରେ ଲୋକେ ବୋଇତ ବନ୍ଦାଣ କରିଥାନ୍ତି। ଏଥିପାଇଁ ବେଳାଭୂମିରେ ବହୁ ଭିଡ଼ ହୁଏ। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ନ ୨ଟାରୁ ଶୁକ୍ରବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ବେଳାଭୂମି ଯିବା ଉପରେ କଟକଣା ଲଗାଯାଇଛି। ଗୋପାଳପୁର, ଆର୍ଯ୍ୟପଲି, ସୁନାପୁର ସମେତ ସମସ୍ତ ବେଳାଭୂମିକୁ ଜନସାଧାରଣଙ୍କ ଯିବା ବନ୍ଦ ରହିବ । ବୁଧବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ଜନସାଧାରଣ ଏଥିରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

## ୨୧ରୁ ଭୋଟର ତାଲିକା ସଂଶୋଧନ ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ରାଜ୍ୟରେ ଭୋଟର ତାଲିକା ସଂଶୋଧନ ନଭେମ୍ବର ୩୦ ଯାଏ ଚାଲୁ ରହିବ। ଆସନ୍ତା ୨୧ରୁ ଏ ନେଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏହି ସମୟରେ ନାଗରିକମାନେ ନିଜ ନିଜର ଭୋଟର ଆଇଡି ସଂଶୋଧନ ଏବଂ ବାତିଲ ଆଦି କାର୍ଯ୍ୟ ନେଇ ଆବେଦନ କରିପାରିବେ। ପ୍ରାଥମିକତା ଭିତ୍ତିରେ ଏହି ସବୁ ଆବେଦନକୁ ଗ୍ରହଣ କରାଯିବା ସହ ଆବଶ୍ୟକ ପରିବର୍ତ୍ତନ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି। ବୁଧବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଆବେଦନକାରୀ ଫର୍ମ ୬ ଜରିଆରେ ଭୋଟର ତାଲିକାରେ ନୂଆ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ। ଫର୍ମ ୭ ନାମ କାଟିବା , ଫର୍ମ ୮ ଜରିଆରେ ନାମ ସଂଶୋଧନ କରିବା ଏବଂ ଫର୍ମ ୮ (କ) ଜରିଆରେ ସ୍ଥାନାନ୍ତର ହୋଇଥିଲେ ଆବେଦନ କରିପାରିବେ। ବିଏଲ୍ଓମାନଙ୍କ ନିକଟରେ ଆବଶ୍ୟକ ସଂଶୋଧନ କରିପାରିବେ। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ କରିପାରିବେ। ଭୋଟର ହେଲ୍ପ ଲାଇନକୁ ଯାଇ ମଧ୍ୟ ଏହି ସଂଶୋଧନ କରାଯାଇ ପାରିବ। ଭୋଟର ପରିଚୟପତ୍ର ସ୍ପିଡ୍ ପୋଷ୍ଟରେ ଯିବ। ଠିକ୍ ଠିକଣା ଦେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 8373 /P.S.C., Dt.17.11.21
1E-05-2021-22 (DR-III)

**No.D-203:-** It is for information of all concerned that written examination for the post of **Assistant Public Prosecutor**, Group-B shall be held **on 19.12.2021 (Sunday)** as decided by the Commission. The details shall be notified in due course.

The candidates are advised to visit the website of the Commission **http://opsconline.gov.in** from time to time for further information.

OIPR-12002/11/0138/2122 **Sd./- Secretary**

### ଯୁକ୍ତ୨ରେ ତୃତୀୟ ପର୍ଯ୍ୟାୟ ନାମଲେଖା

# ୧୮ରୁ ଆବେଦନ, ୨୪ରେ ମେରିଟ୍ ଲିଷ୍ଟ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

ଯୁକ୍ତ୨ ପ୍ରଥମ ବର୍ଷରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଖାଲି ପଡ଼ିଥିବା ସିଟ୍‌ରେ ଏହି ନାମଲେଖା ହେବ। ଏଥିପାଇଁ ଆସନ୍ତା ୧୮ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବ୍‌ସାଇଟ୍ www.samsodisha.gov.inରେ କମନ୍ ଆପ୍ଲିକେସନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ୨୨ ତାରିଖ ରାତି ୧୧ଟା ୫୫ ସୁଦ୍ଧା ଆବେଦନ କରିବେ। ୨୪ ତାରିଖ ଅପରାହ୍ନ ୩ଟାରେ ମେରିଟ୍ ଓ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୨୫ ତାରିଖ ସକାଳ ୧୦ଟାରୁ ୨୬ ତାରିଖ ଅପରାହ୍ନ ୪ଟା ସୁଦ୍ଧା ନାମ ଲେଖାଇବେ। ୨୬ ତାରିଖ ଅପରାହ୍ନ ୪ଟା ୧୫ରୁ ୨୭ ତାରିଖ ଅପରାହ୍ନ ୨ଟା ମଧ୍ୟରେ ୱେଟିଂ ଲିଷ୍ଟରେ ଥିବା ଛାତ୍ରୀଛାତ୍ରମାନେ ନାମ ପଞ୍ଜୀକରଣ କରିବେ ଓ ସେହିଦିନ ଅପରାହ୍ନ ୪ଟାରେ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ରମାନେ ୨୭ ତାରିଖ ଅପରାହ୍ନ ୪ଟାରୁ ୨୯ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ।

### ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲା

# ହାଜର ହେଲେ ୨ ଜିଲାପାଳ, ଏସ୍‌ପି

**କଟକ ଅଫିସ,୧୭।୧୧**

ଆର୍ଦ୍ରଭୂମି ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ପୁରୀ, କେନ୍ଦ୍ରାପଡା ଜିଲାର ଜିଲାପାଳ ଓ ଏସ୍‌ପି ଭର୍ଚୁଆଲ ମାଧ୍ୟମରେ ବ୍ୟକ୍ତିଗତ ଭାବେ ହାଜର ହୋଇ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ଓ ଯେଉଁମାନଙ୍କ ବିରୋଧରେ ମାମଲା ହୋଇଛି ଜଣାଇବାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ୧୦ ଦିନ ମଧ୍ୟରେ ସ୍ୱତନ୍ତ୍ର ବୈଠକ ଡକାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୨୨ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆଗାମୀ ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ କୃଷି ସଚିବ ଭର୍ଚୁଆଲରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆର୍ଦ୍ରଭୂମି ସୁରକ୍ଷାନେଇ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏଥିସହ ସହ ଚିଲିକା ଓ ଭିତରକନିକା ଅଞ୍ଚଳର ସୁରକ୍ଷା ପାଇଁ ଜିଲା ପ୍ରଶାସନକୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
CAD-1910 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.4815** **Dt.16.11.2021**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for **"Supply and Installation of CCTV at different Market Yards of RMC, Boudh".**

Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/-
**OIPR-14073/11/0054/2122** **MANAGING DIRECTOR**

## ନିଜ ସୁରକ୍ଷା କରିବେ...

୭ଟି ବାତ୍ୟା ଓ ମହାବାତ୍ୟାକୁ ସମ୍ମୁଖୀନ ହୋଇଛି। ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଉପକୂଳ ଓଡ଼ିଶାକୁ ଧ୍ୱଂସବିଧ୍ୱସ୍ତ କରି ଦେଇଥିଲା। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବାବେଳେ ପ୍ରାୟ ୧୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୧୩ରେ ଫାଇଲିନ, ୨୦୧୪ରେ ହୁଡ୍‌ହୁଡ, ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନୀ ଏବଂ ୨୦୨୦ରେ ଅମ୍ପନ ବାତ୍ୟା ଏବଂ ୨୦୨୧ ସେପ୍ଟେମ୍ବରରେ ଗୁଲାବ ରାଜ୍ୟ ପାଇଁ ଅନେକ ବିପତ୍ତି ଆଣି ଦେଇଛି।

## ନବରଙ୍ଗପୁରରେ ବ୍ୟାପୁଛି...

ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ପଚାରିବାରୁ ସିଡିଏମଓଙ୍କଠାରୁ ଏ ସମ୍ପର୍କରେ ଅବଗତ ଅଛି। ଘଟଣା ବିଷୟରେ ସମ୍ପୂର୍ଣ୍ଣ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୂର୍ଣ୍ଣ ତଥ୍ୟ ଆସିବା ପରେ ରୋଗ ଓ ଭୁତାଣୁ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ୧୪ ଫର୍ମିଚର ସଂସ୍ଥା...

୧୩୬ ଅଧିକାରୀଙ୍କୁ ନେଇ ଗଠିତ ୧୨ଟି ଟିମ୍ ଚଢ଼ାଉ ଏବଂ ତଦନ୍ତରେ ସାମିଲ ହୋଇଥିଲେ। ଏହି ଘଟଣା ଉପରେ ସମ୍ପୂର୍ଣ୍ଣ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ରହିଛି। ଉଲ୍ଲେଖଯୋଗ୍ୟ, ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ଏଭଳି ବିଭିନ୍ନ ଟିକସ ଠକେଇ ଘଟଣା ସାମ୍ନାକୁ ଆସୁଛି। ଲୋକମାନେ ପ୍ରକୃତ କାରବାରକୁ ନ ଦେଖାଇ ଟିକସ ଫାଙ୍କିବାରେ ଲିପ୍ତ ରହୁଛନ୍ତି। ଏହାକୁ ଧ୍ୟାନରେ ରଖି ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅକ୍ଟୋବରରେ ମଧ୍ୟ ରାଜ୍ୟ ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ପକ୍ଷରୁ ରାଜ୍ୟର ୧୨ ସହରରେ ଥିବା ୧୮ ଜୁଏଲେରି ଷ୍ଟୋର ଉପରେ ଚଢ଼ାଉ କରାଯାଇଥିଲା। ୧୨୦ ଅଧିକାରୀଙ୍କୁ ନେଇ ଗଠିତ ୨୧ଟି ଟିମ୍ ଏଥିରେ ସାମିଲ ଥିଲେ। ଏହି ସଂସ୍ଥାଗୁଡ଼ିକ ୫ ମାସରେ ୧୨.୬୬ ଲକ୍ଷ ଟଙ୍କାର ଟିକସ କ୍ୟାଶ୍ ଆକାରରେ ଦେଇଥିଲେ, ଯାହା ପ୍ରକୃତ ଟିକସଠାରୁ ବହୁତ କମ୍। ମାତ୍ର କାର୍ଯ୍ୟାନୁଷ୍ଠାନ ପରେ ଟିକସ ଏବଂ ଜରିମାନା ବାବଦକୁ ବିଭାଗ ପକ୍ଷରୁ ୮ କୋଟି ଟଙ୍କା ନଗଦ ଆଦାୟ କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଚଢ଼ାଉ ବେଳେ କୁକୁର...

୨ ବିଦେଶୀ କୁକୁରକୁ ଛାଡ଼ି ଦେଇଥିଲେ। ଫଳରେ ଅବକାରୀ କର୍ମଚାରୀ ଜୟନ୍ତୀ ଆଚାର୍ଯ୍ୟ, ସୁବ୍ରତ ଜେନା ଓ ବସନ୍ତ ମଲିକଙ୍କୁ ୨ କୁକୁର କାମୁଡ଼ି ପକାଇଥିଲେ। ଏହାପରେ ଅବକାରୀ କର୍ମଚାରୀ ନୀଳଗିରି ଥାନାର ସହଯୋଗ ଲୋଡ଼ିଥିଲେ। ନୀଳଗିରି ପୋଲିସ ପହଞ୍ଚି ଅବକାରୀ କର୍ମଚାରୀଙ୍କ ସହାୟତାରେ ନିରଞ୍ଜନଙ୍କୁ କାବୁ କରିବା ସହ ତାଙ୍କ ଘରୁ ୩ବସ୍ତା ଗଞ୍ଜେଇ ଜବତ କରିଛି। ଏହାସହ ପୁରୁଣା ବାଲେଶ୍ୱର ଅଞ୍ଚଳର ଜଣେ ଯୁବକଙ୍କୁ ମଧ୍ୟ ସନ୍ଦେହରେ ଅଟକ ରଖାଯାଇଛି। ଏ ନେଇ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ.୩୮/୨୧) ରୁଜୁ ହୋଇଛି। ବାଲେଶ୍ୱର ମୋବାଇଲ ଇନ୍ସପେକ୍ଟର ଗାଲୁରମା ସୋରେନ୍, ନୀଳଗିରି ରେଞ୍ଜ ଅବକାରୀ ଇନ୍ସପେକ୍ଟର ନାରାୟଣ ବେହେରା, ନୀଳଗିରି ଓଆଇସି ଜୟନ୍ତୀ ଆଚାର୍ଯ୍ୟ, ଏଏସ୍‌ଆଇ ଅଞ୍ଜନ ଜେନା, ଦେବାଶିଷ ମଲିକ, ପିଙ୍କି ମାରାଣ୍ଡି, ବିଦ୍ୟାଧର ବିନ୍ଧାଣୀ, ଧୀରେନ୍ଦ୍ର ସିଂ, ବସନ୍ତ ମଲିକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

## ଜାନୁୟାରୀ ସୁଦ୍ଧା ୬...

ପଲିସି ସମିଟ୍‌ରେ ପାଣ୍ଡେ ମତ ରଖିଥିଲେ। ବିଇଏମ୍ଏଲ୍, ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆ, ପଓ୍ୱନ ହଂସ, ସେଣ୍ଟ୍ରାଲ ଇଲେକ୍ଟ୍ରୋନିକ୍ସ ଏବଂ ନୀଳାଚଳ ଇସ୍ପାତ ନିଗମ ଭଳି କମ୍ପାନୀକୁ ଚଳିତ ବର୍ଷ ଘରୋଇକରଣ କରିବା ଲକ୍ଷ୍ୟ ରଖାଯାଇଛି। ପାଣ୍ଡେ ପୁଣି କହିଛନ୍ତି, ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍)ର ଘରୋଇକରଣ ପ୍ରକ୍ରିୟା ଆଗେଇଛି। ଏହି ତୈଳ ବିପଣନ କମ୍ପାନୀକୁ ଅଧିଗ୍ରହଣ କରିବା ଲାଗି ଅଦ୍ୟାବଧି ୩ ବିଡର ଆଗ୍ରହ ଦେଖାଇଛନ୍ତି। ଫାଇନାନ୍ସିଆଲ ବିଡିଂ କାର୍ଯ୍ୟ ଶେଷ ହେଲେ ଚଳିତ ବର୍ଷ ପ୍ରସ୍ତାବିତ କମ୍ପାନୀଗୁଡ଼ିକର ଘରୋଇକରଣ କାର୍ଯ୍ୟ ଶେଷ ହେବ ବୋଲି ପାଣ୍ଡେ ଆଶାବାଦୀ ଅଛନ୍ତି। ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି ଅଧିକାରୀ ଏବଂ ମନ୍ତ୍ରୀଙ୍କ ସ୍ତରରେ ବିଚାର ବିମର୍ଶ ଜାରି ରହିଛି। ସେହିଭଳି ସବୁ କାମ କିଭଳି ଠିକ୍ ସମୟରେ ସମ୍ପାଦନ ହୋଇପାରିବ ତାକୁ ନେଇ କ୍ୟାବିନେଟ ସଚିବ ନିକଟରେ ଏକ ବୈଠକ ଡାକିଥିଲେ। ଜାନୁୟାରୀ-ମାର୍ଚ୍ଚ ଅବଧିରେ ଲାଇଫ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଲ୍ଆଇସି)ର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଆଣିବା ନେଇ ପ୍ରକ୍ରିୟା ଜାରି ରହିଛି। ଏହା ବଜାର ଲାଗି ଏକ ପ୍ରମୁଖ ଆଇପିଓ ହେବ ବୋଲି ପାଣ୍ଡେ ମତ ରଖିଛନ୍ତି।

**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE SUPERINTENDING ENGINEER**
**RWS&S DIVISION, DHENKANAL**
E-mail- eerwss-dkl@nic.in

**INVITATIONS FOR BIDS THROUGH e-Procurement**
**Bid Identification No – 11/S.E./RWSS/2021-22/ Dhenkanal/Dt. 10.11.2021**

**No. O-954:-** The Superintending Engineer, RWS&S Division, Dhenkanal on behalf of Governor of Odisha invites Percentage bid through e-procurement in Double cover system from contractors having experience as mentioned in DTCN of work for the Projects according to norm of e-Procurement system in on-line mode.

**Nature of Work: -** Execution of Rural Piped Water Supply Schemes in different Blocks under Dhenkanal District.

1. No. of Tenders : 05 Nos.
2. Tender Paper Cost : 10,000/-
3. Value of work : Rs. 303.30 Lakh to Rs.365.55
4. Class of Contractor : A & Special
5. Date & time of availability of bid document in portal : 20.11.2021 at 11.00 A.M to 08.12.2021 up to 5.00 P.M
6. Date & time of seeking tender clarification : 07.12.2021 up to 05.00 P.M
7. Date & time of opening of tender : 09.12.2021 at 11.00 A.M in the office of the Superintending Engineer, RWS&S Division, Dhenkanal.
8. Time of completion : 11 (Eleven) Months
9. The bidders have to participate in online bidding only. Further details can be seen from the website **https://www.tendersorissa.gov.in**.
10. Corrigendum if any shall be published in the above website only.

**Sd./- Superintending Engineer, RWS&S Division, Dhenkanal**
OIPR-25029/11/0003/2122

**OFFICE OF THE** No. C-1299
**ANGUL MUNICIPALITY, ANGUL**
**e-Procurement Notice**
**Bid Identification No. EO/AGLM-19/2021-22**
**e-mail ID: angulmunicipality@gmail.com**
**Tender Call Notice No. 5962 Date: 15.11.2021**

1. Name of the Work : Providing of DEO, Electric Helper, Security Guard, Cesspool Driver, Cesspool Helper & Gym Trainer of Angul Municipality
2. Period of Contract : 02 (Two) years

**Date and Time Schedule:**

| Start | End | Opening |
|---|---|---|
| 10.00 A.M. on 16.11.2021 | 5.00 P.M. on 25.11.2021 | 11.00 A.M. on 26.11.2021 |

Tender details can be seen from the procurement portal: **www.tendersodisha.gov.in**.

**Sd./- G.S. Mallick**
**Executive Officer**
**Angul Municipality**
OIPR-13085/11/0046/2122

**GOVERNMENT OF ODISHA** No. A-631
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**HEAD WORKS DIVISION, SAMAL**
**At/P.O. Samal Barrage Township, Dist.- Angul, Odisha, PIN - 759037**
**Ph.: 06760-266315, Email ID: ee.hwd.samal@gmail.com**
**e-PROCUREMENT NOTICE No. SE/HWD-P1-07/2021-22**

| | | |
|---|---|---|
| 1 | Category or work | Civil Construction Works |
| 2 | Total No. of works | 02 (Two) Nos. |
| 3 | Estimated Cost | Varies from Rs.20.02 lakhs & 8.94 lakhs |
| 4 | Period of Completion | 45 Days & 30 Days |
| 5 | Class of Contractor | "D", "C" & "B" or equivalent grade/ class |
| 6 | Cost of Bid Document/Mode of Payment | Varies Rs.6,000/- & Rs.4,000/- (Non-refundable)/Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 7 | EMD/Bid Security Amount/ Mode of Payment | No Bid Security/Earnest Money Deposit (EMD) has to be deposited and all participating bidder shall submit "Bid Security Declaration" |
| 8 | Other details: | |
| | (i) Procurement Officer | Superintending Engineer, Head Works Division, Samal |
| | (ii) Availability of Bid Documents for Online Bidding | 20.11.2021 from 10.00 hours to 04.12.2021 upto 17.00 hours |
| | (iii) Date, time & venue of Bid Opening (Online) | On 06.12.2021 at 11.00 hours in the O/o. the Superintending Engineer, Head Works Division, Samal |
| | (iv) Date, time & venue of transparent lottery for finalization of bids, if required | On 10.12.2021 at 11.00 hours in the O/o. the Superintending Engineer, Head Works Division, Samal. |

*Further details can be seen from the Government of Odisha website https://tendersodisha.gov.in.

**Sd./- Superintending Engineer**
OIPR-32020/11/0002/2122 **Head Works Division, Samal**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 18073/IND-II-PH-914 ତାରିଖ 16.11.2021
No. CAD-1903

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ପ୍ରେମେକ୍ସ ଓଡ଼ିଶାର ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ତହସିଲ ଅନ୍ତର୍ଗତ ଚଷାଣିମଖଣ୍ଡି ଗ୍ରାମରେ ୧୩.୦୬୭୮ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କଷାଣିମଖଣ୍ଡି ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୨।୧୨।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ **ଗଞ୍ଜାମ ଜିଲ୍ଲା, ଦିଗପହଣ୍ଡି ତହସିଲ ଅନ୍ତର୍ଗତ ଚଷାଣିମଖଣ୍ଡି ଗ୍ରାମରେ ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ବିଲ୍ଡିଂ (ଚଷାଣିମଖଣ୍ଡି ମୌଜାରେ ଖାତା ନଂ. ୧୦୦୬ ଅନ୍ତର୍ଗତ ପ୍ଲଟ୍ ୫୧୨)ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଞ୍ଜାମ, ଛତ୍ରପୁର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଞ୍ଜାମ, ଛତ୍ରପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଞ୍ଜାମ, ଛତ୍ରପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବ୍ରହ୍ମପୁର ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0180/2122 ସ୍ୱା./-ସଦସ୍ୟ ସଚିବ

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୧୭୯୧୪/IND-II-PH-902 ତାରିଖ ୧୫।୧୧।୨୧
No. CAD-1880

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀମତୀ ଦେବରା ଲାଠା ଓଡ଼ିଶାର କୋରାପୁଟ ଜିଲ୍ଲା, ବୈପାରିଗୁଡ଼ା ତହସିଲ ଅନ୍ତର୍ଗତ ଖେମାବେଡ଼ା ଗ୍ରାମରେ ୮.୩୫୩ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଖେମାବେଡ଼ା ଡେକୋରେଟିଭ୍ ପଥର (ଡୋଲେରାଇଟ୍ / କଳା ଗ୍ରାନାଇଟ୍) ଖଣି ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority) ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୨।୧୨।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ **କୋରାପୁଟ ଜିଲ୍ଲା, ବୈପାରିଗୁଡ଼ା ତହସିଲ ଅନ୍ତର୍ଗତ ଖେମାବେଡ଼ା ଗ୍ରାମ (ଖାତା ନଂ. ୨୪୭ ଅନ୍ତର୍ଗତ ପ୍ଲଟ୍ ନଂ. ୯୧୧)ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କୋରାପୁଟ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କୋରାପୁଟ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କୋରାପୁଟ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାୟଗଡ଼ା/ କୋରାପୁଟ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ା/କୋରାପୁଟ ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0170/2122 ସ୍ୱା./-ସଦସ୍ୟ ସଚିବ


ସୋନାକ୍ଷୀ

# ପ୍ରଶଂସା କରିବ ଏମିତି

ସତରେ ସୋନାକ୍ଷୀଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ଦେଖୁନାହାନ୍ତି ସେ କେମିତି ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କର ଭୁରି ଭୁରି ପ୍ରଶଂସା କରିବୁଲୁଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଅକ୍ଷୟଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ ସେ। ଏ ନେଇ ଦବଙ୍ଗ ଗର୍ଲ କହନ୍ତି, 'ଅକ୍ଷୟ ଜଣେ ଅଭିଜ୍ଞ ଅଭିନେତା। ଆକ୍ଟିଂ ବିଷୟରେ ତାଙ୍କଠାରୁ ଅନେକ କିଛି ଶିଖିଛି। ଏବେ ପୁଣି ଥରେ ତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳିଛି। କଥା କ'ଣ କି ୟା ଭିତରେ ମୁଁ ଚିନ୍ତା କରୁଥିଲି ଯେ, ଅକ୍ଷୟଙ୍କ ସହ ଆଉ ଥରେ ସ୍କ୍ରିନ୍ ଶେୟାର କରିବାର ସୁଯୋଗ କ'ଣ ମୋତେ ମିଳିବନି ? ଯାହା ହେଉ ମୋର ଏହି ଆଶା ପୂରଣ ହୋଇଛି।' ଏହି ନୂଆ ସିନେମାର ଟାଇଟଲ ରହିଛି 'ଟୁ ଏକ୍ସଏଲ୍'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଶ୍ୱିନୀ ଭାର୍ଦେ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ମୁଦାସର ଅଜିଜ୍। ଏହି ଚିତ୍ରର ଶୁଟିଂ ଆସନ୍ତା ବର୍ଷ ମାର୍ଚ୍ଚରୁ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାପୂର୍ବରୁ ଅକ୍ଷୟ-ସୋନାକ୍ଷୀ ଯୋଡି 'ରାଉଡି ରାଠୋଡ', 'ମଙ୍ଗଲ ମିଶନ', ଏବଂ 'ହଲିଡେ : ଏ ସୋଲଜର ନେଭର ଅଫ୍ ଡିୟୁଟି' ଆଦି ସିନେମାରେ ଅଭିନୟ କରିସାରିଛନ୍ତି।


ଅନନ୍ୟା

## କ୍ୟାରିୟର ପାଇଁ...

ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ଏବେ ବୁଝି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏ ବିଷୟରେ ସେ କହନ୍ତି, 'ବର୍ତ୍ତମାନ ମୁଁ ନିଜ କ୍ୟାରିୟର ପାଇଁ ଅଧିକ ସିରିୟସ। କାରଣ ଏଣୁତେଣୁ ଗୁଡ଼ାଏ ଫିଲ୍ମରେ ଆକ୍ଟିଂ କରି କିଛି ଲାଭ ନାହିଁ। ଏହା ଅପେକ୍ଷା ବର୍ଷକୁ ଯଦି ୨-୩ଟି ଭଲ ସିନେମାରେ ଅଭିନୟ କରିପାରିଲେ ତାହା ମୋ ପାଇଁ ବଡ଼ କଥା। ତେଣୁ ଏବେ କୌଣସି ଅଫର ମିଳିଲେ ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ଯାହା ନିଷ୍ପତ୍ତି ନେବି। ଏପରି ମାନସିକତା ପାଇଁ ମୋତେ ନିକଟରେ କେତୋଟି ଅଫର ହାତଛଡ଼ା କରିବାକୁ ପଡ଼ିଛି, ହେଲେ ସେଥିପାଇଁ ମୁଁ ମନଦୁଃଖ କରୁନାହିଁ।' ତେବେ ଏପରି କଥାରେ ଅନନ୍ୟା କେତେ ଦୃଢ଼ ରହୁଛନ୍ତି ତାହା ଆଗକୁ ଜଣାପଡିବ।

## ମିଳିଗଲା ଯୋଡ଼ି


ଅଂଶୁମାନ୍


ଜମିଲ

ସତରେ ବେଳେବେଳେ ମନ ଯାହା ଖୋଜୁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ନେଗେଟିଭ ଭୂମିକାରେ ଜଣେ ଭଲ ଯୋଡ଼ି ସନ୍ଧାନରେ ଥିଲେ ଅଂଶୁମାନ ସାମନ୍ତରାୟ। ପ୍ରସନ୍ନ ପୃଷ୍ଟିଙ୍କ ପ୍ରଯୋଜିତ ଆଲବମ୍ 'ତଳ ସାହିର ଝିଅ'ର ଶୁଟିଂ ସମୟରେ ସେ ତାଙ୍କର ନେଗେଟିଭ ପାର୍ଟନର ପାଇଯାଇଛନ୍ତି। ସେ ହେଲେ ଡା. ଜମିଲ୍ ଅଖତର ଖାଁ। ପେସାରେ ସିନା ଡାକ୍ତର (ଡେଣ୍ଟାଲ ସର୍ଜନ), ହେଲେ ଏବେ ଆକ୍ଟିଂ ତାଙ୍କର ନିଶା ପାଲଟି ଯାଇଛି। ଏହି ଆଲବମ୍‌ରେ ଉଭୟ ଅଂଶୁମାନ ଏବଂ ଡା. ଜମିଲ ଅଭିନୟ କରଛନ୍ତି। ଏ ସମ୍ପର୍କରେ ଅଂଶୁମାନ କହନ୍ତି, 'ଜମିଲଙ୍କ ସହ ଭେଟ ହେବା ପରେ ମୁଁ ତାଙ୍କୁ ଆଲବମ୍‌ରେ ଆକ୍ଟିଂ ପାଇଁ ଅଫର ଦେଇଥିଲି। ସେ ମଧ୍ୟ ମୋ କଥାରେ ରାଜି ହୋଇଥିଲେ। ଏବେ ମୋ ହାତରେ ୪-୫ଟି ଓଡ଼ିଆ ସିନେମା ଅଫର ଅଛି। କେବଳ ସେତିକି ନୁହେଁ ଏଗୁଡ଼ିକରେ ମୋ ସହ ସେ ମଧ୍ୟ ଅଭିନୟ କରିବାକୁ ଯାଉଛନ୍ତି। ମୁଁ ସବୁବେଳେ ଆକ୍ସନ ତଥା ଷ୍ଟଣ୍ଟ ଉପରେ ଅଧିକ ଗୁରୁତ୍ୱ ଦିଏ। ତେଣୁ ଜମିଲ ଏବେ ନିଜକୁ ଏ ନେଇ ମଧ୍ୟ ପ୍ରସ୍ତୁତ କରୁଛନ୍ତି।'


ଶୀତଲ-ଜ୍ୟୋତି

### ଶୁଟିଂ ଚାଲିଛି

## ଲଭ୍ ୪୨୦

ପ୍ରଯୋଜକ ବିନ୍ନି ପଟ୍ଟନାୟକ ଏବଂ ସଚିକାନ୍ତ ଜେନା କିଛି ମାସ ପୂର୍ବରୁ ଏକାଥରେ ୧୦ଟି ଓଡ଼ିଆ ସିନେମାର ଟାଇଟଲ ଘୋଷଣା କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ସେଗୁଡ଼ିକ ମଧ୍ୟରୁ ଏବେ 'ତୁ ମୋ ନୀଳ ନୟନା'ର ଶୁଟିଂ ଶେଷ ହୋଇଛି। ନିକଟରେ ଏହି ଯୋଡ଼ି ଦ୍ୱାରା ପ୍ରଯୋଜିତ ଆଉ ଏକ ସିନେମା 'ଲଭ୍ ୪୨୦'ର ଶୁଟିଂ ଆରମ୍ଭ ହୋଇଛି। ମୁନ୍ ଟିଭି ମୁଭିଜ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଫିଲ୍ମର ମୁଖ୍ୟ ଭୂମିକାରେ ଜ୍ୟୋତି ଅଭିନୟ କରୁଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ଶୀତଲ। ଚିତ୍ରଟିର ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏହାର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ହେବ ଏବଂ ଗୀତଗୁଡ଼ିକ ପାଇଁ କଲିକତା ଏବଂ ହାଇଦ୍ରାବାଦ ଲୋକେଶନ ଚୟନ କରାଯାଇଛି। ଜ୍ୟୋତି-ଶୀତଲ ବ୍ୟତୀତ ଉକ୍ତ ସିନେମାରେ ବବି ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ନବାଗତା ଏଲିସା, ସୁନୀତା, ହରି, ହାଡୁ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


ସୁଜୟ – ସାହିଲ(ଗୁଡି)

### ରିଲିଜ ଅପେକ୍ଷାରେ

## ବିଶ୍ୱାସ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ସୁଧନ୍ୟା କ୍ରିଏଟିଭ୍ସ ବ୍ୟାନରରେ ତଥା ଡ. ବିବେକାନନ୍ଦ ପାଣିଗ୍ରାହୀଙ୍କ ପ୍ରଯୋଜନାରେ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବିଶ୍ୱାସ-ଦ ଲାଇଟ୍ ଓଭର ଡାର୍କନେସ'। ଏହାର କାହାଣୀ ସହ ସଂଳାପ ଏବଂ ଗୀତ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ଆଧୁନିକ ସମାଜ ବିଦ୍ୟା, ବୁଦ୍ଧି ଓ ବିଜ୍ଞାନ ବଳରେ ଆଗକୁ ବଢୁଛି, ହେଲେ କେତେକ ମଣିଷ ଅନ୍ଧବିଶ୍ୱାସର ଅନ୍ଧଗଳିରେ ଦିଗହରା ହୋଇଯାଉଛନ୍ତି । ଏଭଳି ଏକ ଜଘନ୍ୟ ମାନସିକ ବ୍ୟାଧିରୁ ସମାଜକୁ ମୁକୁଳେଇବା ଲାଗି ଉପାୟକୁ ଆଧାର କରି ଏହାର କାହାଣୀ ଗତିଶୀଳ। ଏହି ଚଳଚ୍ଚିତ୍ରର ଶୁଟିଂ ଓଡ଼ିଶାର ମୟୂରଭଞ୍ଜ, ପୁରୀ ଏବଂ ଭୁବନେଶ୍ୱରରେ କରାଯାଇଛି । ଶାନ୍ତନୁ ଶତପଥୀଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ପଣ୍ଡିତ ଶିବ ରଥ, ଇରା ମହାନ୍ତି ଏବଂ ବିଷ୍ଣୁ ମୋହନ କବି। ଚଳଚ୍ଚିତ୍ରର କ୍ରିଏଟିଭ ହେଡ଼ ଦାୟିତ୍ୱ ତୁଲାଇଛନ୍ତି ବିଭୁଦତ୍ତ ପାଣିଗ୍ରାହୀ। କାହାଣୀର ମୁଖ୍ୟ ଚରିତ୍ରରେ ନବାଗତା ସାହିଲ ମିଶ୍ର (ଗୁଡି)ଙ୍କ ବ୍ୟତୀତ ନବାଗତ ସୁଜୟ ମହାନ୍ତି, ଅରୁଣ ମହାନ୍ତ, ଡ. ବିଶ୍ୱଜିତ ଦାସ, ତାପସ ପଣ୍ଡା, ସୁଧୀର ମହାନ୍ତି, ଗୋକୁଳ ଚନ୍ଦ୍ର ଦାସ, ସଂଗ୍ରାମ ଭଞ୍ଜଦେଓଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

# ବାଳୀର ପ୍ରେମ କାହାଣୀ


ସୂର୍ଯ୍ୟକାନ୍ତ-ମାମା

ବାଳୀ ଜଣେ ସାଧାରଣ ଯୁବକ। ଅନ୍ୟମାନଙ୍କ ଦୁଃଖ ସୁଖରେ ଠିଆହୁଏ। ଏକ ବସ୍ତିରେ ରହୁଥିବା ଲୋକଙ୍କ ପାଇଁ ସେ ଢାଲ ସଦୃଶ ଛିଡ଼ା ହୋଇଛି। ଆଉ ସେତିକି ବେଳେ ଜଣେ ସୁନ୍ଦରୀ ସହ ତାହାର ଭେଟ ହେଉଛି। ଏପଟେ ପ୍ରେମ ଆଉ ସେପଟେ ନିଜର କର୍ତ୍ତବ୍ୟକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଇଛି। ହେଲେ ନିଜ ପ୍ରେମରେ ବାଳୀ ସଫଳ ହେଉଛି ତ ? ଏପରି କାହାଣୀକୁ ନେଇ ନିର୍ମିତ 'ବାଳୀ-ଦ ସେଭିୟର' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ। ଏହାର ଟାଇଟଲ ଭୂମିକାରେ ଅଭିନୟ କରିବା ସହ ପ୍ରଯୋଜନା କରିଛନ୍ତି ସୂର୍ଯ୍ୟକାନ୍ତ ସାମଲ ଏବଂ ତାଙ୍କର ନାୟିକା ସାଜିଛନ୍ତି ନବାଗତା ମାମା। ଏ ନେଇ ମାମା କହନ୍ତି, 'ଏହି ଫିଲ୍ମରେ ମୁଁ ଜଣେ ଜର୍ନାଲିଷ୍ଟ ଭୂମିକାରେ ଅଭିନୟ କରିଛି। ଫିଲ୍ମର କାହାଣୀ ଅନୁସାରେ ମନ ପରି ମନଟିଏ ପାଇବା ପରେ ନିଜ ପ୍ରେମକୁ ସଫଳ କରିବାକୁ ଅଣ୍ଟା ଭିଡ଼ିଛି ବାଳୀ। ତା'ସହ ନିଜର ଆଉ ଏକ ଲକ୍ଷ୍ୟ ରହିଛି। ସେହି ଲକ୍ଷ୍ୟ କ'ଣ ଏବଂ ସେ କିପରି ନିଜ ପ୍ରେମକୁ ସଫଳ କରୁଛି ତାହା ଫିଲ୍ମ ଦେଖିଲେ ହିଁ ଜାଣିପାରିବେ।' ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୩୦ ସୁଦ୍ଧା ଇ-ସର୍ଭିସ୍‌ବୁକ୍ ଅପ୍‌ଡେଟ୍ କର

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ଆସନ୍ତା ନଭେମ୍ବର ୩୦ସୁଦ୍ଧା ସମସ୍ତ ସରକାରୀ କର୍ମଚାରୀଙ୍କ ଇ-ସର୍ଭିସ୍‌ବୁକ୍‌ର ଅପ୍‌ଡେଟ୍ ଶେଷ କରିବାକୁ ସମସ୍ତ ବିଭାଗ ଏବଂ ଜିଲାପାଳଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ମୁଖ୍ୟ ଶାସନ ସଚିବ କହିଲେ, '୫-ଟି' ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହିସାବରେ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ହେବ। ଇ-ସର୍ଭିସ୍‌ବୁକ୍ ସରକାରୀ କର୍ମଚାରୀଙ୍କୁ ବିଶେଷ ସହାୟକ ହେବ। ଅବସର ନେଉଥିବା କର୍ମଚାରୀଙ୍କ ପେନସନ୍ ସମ୍ବନ୍ଧିତ ଦେୟ ପ୍ରଦାନକୁ ଅଧିକ ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ କରିବ। ଏହାଦ୍ୱାରା ଉଭୟ କର୍ମଚାରୀ ଏବଂ ସରକାରୀ ବ୍ୟବସ୍ଥା ଅଧିକ କ୍ରିୟାଶୀଳ ହେବ। ନଭେମ୍ବର ୩୦ ସୁଦ୍ଧା ଇ-ସର୍ଭିସ୍‌ବୁକ୍ ଅପ୍‌ଡେଟ୍ ନ ହେଲେ ଡିସେମ୍ବରଠାରୁ ସମ୍ପୃକ୍ତ କର୍ମଚାରୀ ଏବଂ ବିଭାଗୀୟ ନୋଡାଲ ଅଧିକାରୀଙ୍କ ଦରମା ମିଳିବାରେ ବାଧା ସୃଷ୍ଟି ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ କହିଛନ୍ତି।

ସମୀକ୍ଷାରୁ ମିଳିଥିବା ସୂଚନା ଅନୁଯାୟୀ, ଅଦ୍ୟାବଧି କୃଷି, ସମବାୟ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଅବକାରୀ, ଶିଳ୍ପ, ପର୍ଯ୍ୟଟନ, ଗୃହ, ଜଙ୍ଗଲ ଓ ପରିବେଶ, ଇସ୍ପାତ୍ ଓ ଖଣି, ନଗର ଓ ଗୃହ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ, ଶ୍ରମ ଓ ନିୟୋଜନ ଆଦି ବିଭାଗର ପ୍ରାୟ ୯୫% କର୍ମଚାରୀଙ୍କ ଇ-ସର୍ଭିସ୍‌ବୁକ୍ ଅପ୍‌ଡେଟ୍ କରାଯାଇଛି। ବାଲେଶ୍ୱର, ବରଗଡ଼, ଭଦ୍ରକ, ଝାରସୁଗୁଡ଼ା, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର, ରାୟଗଡ଼ା ଏବଂ ସୁବର୍ଣ୍ଣପୁର ଆଦି ଜିଲାରେ ପ୍ରାୟ ୯୨% କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ବିଭାଗ ଏବଂ ଜିଲାଗୁଡ଼ିକ ହାରାହାରି ୭୦ ପ୍ରତିଶତ କାର୍ଯ୍ୟ ଶେଷ କରିଛନ୍ତି। ବୈଠକରେ ଇ-ସର୍ଭିସ୍‌ବୁକ୍ ସଫ୍ଟଓ୍ୱାର କାର୍ଯ୍ୟକାରିତା, ତଥ୍ୟ ସନ୍ନିବେଶ କରିବା, ଡାଟା ଏଣ୍ଟ୍ରି କାର୍ଯ୍ୟ ଆଦି ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ ଜିଲା ଏବଂ ବିଭାଗର ନୋଡାଲ ଅଧିକାରୀମାନେ ନିଜର ଅଭିଜ୍ଞତା ଓ ସମସ୍ୟା ବିଷୟ ଜଣାଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ସେସବୁର ଆଶୁ ସମାଦାନ କରିଥିଲେ।

# ମିସେସ୍ ଇଣ୍ଡିଆ ୱାର୍ଲ୍ଡ ୱାଇଡ୍ ରନର୍ସ ଅପ୍ ହେଲେ ସାଇପ୍ରସନ୍ନା

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)



## ମିସେସ୍ ମ୍ୟାଗ୍ନିଫିସେଣ୍ଟ ଟାଇଟଲ ବି ପାଇଲେ

ମିସେସ୍ ଇଣ୍ଡିଆ ୱାର୍ଲ୍ଡ ୱାଇଡ୍ ୨୦୨୧ରେ ପ୍ରଥମ ରନର୍ସ ଅପ୍ ସହ ମିସେସ୍ ମ୍ୟାଗ୍ନିଫିସେଣ୍ଟ ଟାଇଟଲ ହାସଲ କରିଛନ୍ତି ଓଡ଼ିଶାର ଡା. ସାଇପ୍ରସନ୍ନା ବେହେରା। ଏହି ପ୍ରତିଯୋଗିତାର ଭୁବନେଶ୍ୱର ଅଡିଶନ୍ ରାଉଣ୍ଡରେ ଓଡ଼ିଶାରୁ ତାଙ୍କ ସହ ୫ଜଣ ମନୋନୀତ ହୋଇଥିଲେ। ତେବେ ଦୁବାଇରେ ହୋଇଥିବା ଫାଇନାଲ ପ୍ରତିଯୋଗିତାରେ ରାଉରକେଲା ନିବାସୀ ତଥା ଭୁବନେଶ୍ୱରର ବୋହୂ ଡା. ସାଇପ୍ରସନ୍ନା ଓଡ଼ିଶାର ଏକମାତ୍ର ତଥା ପ୍ରଥମ ମହିଳା ଭାବେ ଦୁଇଟି ଟାଇଟଲ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ପେସାରେ ସେ ହେଉଛନ୍ତି ଫାର୍ମାକୋଲୋଜିଷ୍ଟ ଓ ଜଣେ ସଫଳ ଉଦ୍ୟୋଗୀ। ଜଣେ ସୁଗୃହିଣୀ ଭାବେ ଦାୟିତ୍ୱ ସମ୍ପନ୍ନ କରିବା ସହ ନିଜ କର୍ମକୁ ମଧ୍ୟ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି। ଏହାସହ କିଛି ସମୟ ନିଜ ସ୍ୱାସ୍ଥ୍ୟ ପାଇଁ ସମୟ ଦେଇଥାନ୍ତି। ମହିଳାମାନେ ନିଜକୁ କେବଳ ହୋମ୍ ଓରିଏଣ୍ଟେଡ୍ କିମ୍ବା କ୍ୟାରିଅର ଓରିଏଣ୍ଟେଡ୍ କରି ରଖିବା ଉଚିତ ନୁହେଁ। ଆଜିର ସମୟରେ ମହିଳାମାନେ ସମସ୍ତ ଦାୟିତ୍ୱ ନିର୍ବାହ କରିବା ସହ ନିଜ ପାଇଁ ସମୟ କାଢ଼ି ପ୍ରତିଭା ତଥା ଦକ୍ଷତାକୁ ବିକଶିତ କରିବା ଅତ୍ୟାବଶ୍ୟକ। ବୈଷୟିକ କ୍ଷେତ୍ର ହେଉ କିମ୍ବା ରାଜନୈତିକ କ୍ଷେତ୍ର ସମସ୍ତ ସ୍ତରରେ ନାରୀ ସଫଳତାର ସହ ନିଜର ଦାୟିତ୍ୱ ସମ୍ପନ୍ନ କରିଛି। ମହିଳା ଚାହିଁଲେ ସମାଜକୁ ପରିବର୍ତ୍ତନ କରିପାରିବେ ଓ ଠିକ୍ ଢଙ୍ଗରେ ନିଜର ପରାକାଷ୍ଠାକୁ ବିଶ୍ୱ ଦରବାରରେ ପରିପ୍ରକାଶ କରିପାରିବେ ବୋଲି ଡା. ସାଇପ୍ରସନ୍ନା କହିଛନ୍ତି।

# ଚିକିତ୍ସା ଅଭାବରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ଅନୁଗୋଳ ଅଫିସ, ୧୭।୧୧

ଆବଶ୍ୟକ ଚିକିତ୍ସା ଅଭାବରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଅଞ୍ଚଳର ଜୟକୃଷ୍ଣ ସାହୁ(୫୫) ସନ୍ଧ୍ୟାରେ ଘର ନିକଟରେ ତାସ ଖେଳୁଥିବା ବେଳେ ପଡ଼ିଯାଇଥିଲେ। ପରିବାର ଲୋକମାନେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କର ହୃଦ୍‌ଘାତ ହୋଇଥିବା ଡ୍ୟୁଟିରେ ଥିବା ଡାକ୍ତର କହିଥିଲେ ହେଁ ଚିକିତ୍ସା ବ୍ୟବସ୍ଥା ନ କରି କଟକ ନେଇଯିବାକୁ ପରାମର୍ଶ ଦେଇଥିଲେ। ଏପରି କି ରକ୍ତଚାପ ମଧ୍ୟ ମାପି ନ ଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଡାକ୍ତର କିମ୍ବା ପାରାମେଡିକାଲ କର୍ମଚାରୀ ଦେଖିବାକୁ ଆସି ନ ଥିଲେ। ଫଳରେ ଜୟକୃଷ୍ଣଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯିବ।

# ବିଶ୍ୱଭୂଷଣ ହରିଚନ୍ଦନଙ୍କୁ କରୋନା, ହସ୍ପିଟାଲରେ ଭର୍ତ୍ତି

## ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ (୮୭) କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ଦୁଇଦିନ ତଳେ ଦିଲ୍ଲୀରୁ ଫେରିଥିଲେ। ଥଣ୍ଡା ଓ କାଶରେ ପୀଡ଼ିତ ହେବା ସହ ଅସୁସ୍ଥ ଅନୁଭବ କରିବାରୁ ବୁଧବାର ସକାଳେ ତାଙ୍କୁ ବିଜୟୱାଡ଼ାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ହାଇଦ୍ରାବାଦକୁ ଏୟାରଲିଫ୍ଟ କରାଯାଇଥିଲା। ଏହାପରେ ତାଙ୍କୁ ଗଞ୍ଚିବୋଉଲିର ଏଆଇଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ କୋଭିଡ୍ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଗୁରୁତର ରହିଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଥିବାବେଳେ ଡାକ୍ତରଖାନାରେ ତାଙ୍କ ସହ ପରିବାର ସଦସ୍ୟ ଥିବା ସୂଚନା ମିଳିଛି। ବିଶ୍ୱଭୂଷଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଲେଖିଛନ୍ତି, ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ତଥା ବରିଷ୍ଠ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ୍‌ରେ ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନେଇ ଅବଗତ ହେଲି। ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି। ସୂଚନାଯୋଗ୍ୟ, ଓଡ଼ିଶାର ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ୨୦୧୯ ଜୁଲାଇ ୨୪ରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

# ହସିଦେବାରୁ ଯୁବକଙ୍କୁ ଚାପୁଡ଼ା

ଢେଙ୍କାନାଳ ଅଫିସ୍/ପରଜଙ୍ଗ (ଡି.ଏନ୍.ଏ.), ୧୭।୧୧

ପୋଲିସକୁ ଦେଖି ହସିଦେବାରୁ ଢେଙ୍କାନାଳ ଜିଲା ପରଜଙ୍ଗ ଆଇଆଇସି ନମିତା ନାୟକ ଜଣେ ଯୁବକଙ୍କୁ ସର୍ବସମ୍ମୁଖରେ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଥାନାଧିକାରୀ ଯୁବକଙ୍କୁ ତାଗିଦ୍ କରୁଥିବାର ଭିଡିଓ ସୋସିଆଲ ମଡିଆରେ ଭାଇରାଲ ହୋଇଛି। ପୋଲିସର ଏଭଳି କାର୍ଯ୍ୟକଳାପ ପ୍ରତିବାଦରେ ଗୁରୁବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଥାନା ଘେରାଉ କରିବା ସହ ବଜାର ବନ୍ଦ ଡାକରା ଦିଆଯାଇଛି। ଅନ୍ୟପଟେ ଅଭିଯୋଗକୁ ଥାନାଧିକାରୀ ଖଣ୍ଡନ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପରଜଙ୍ଗ ବଜାରରେ ବୁଧବାର ରାତି ସାଢ଼େ ୯.୩୦ରେ କେତେଜଣ ବ୍ୟବସାୟୀ ଏବଂ ସେମାନଙ୍କ ବନ୍ଧୁ ଛିଡ଼ା ହୋଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଥାନାଧିକାରୀ ପୋଲିସ ଗାଡ଼ିରେ ପହଞ୍ଚି କାହିଁକି ଛିଡ଼ା ହୋଇଛ ବୋଲି ପଚାରିଥିଲେ। ଜଣେ ଦୋକାନୀ ଦୋକାନ ବନ୍ଦ କରି ଘରକୁ ଯାଉଛି ବୋଲି କହିଥିଲେ। ସମ୍ପୃକ୍ତ ବ୍ୟବସାୟୀଙ୍କ ବାଇକ୍ ଷ୍ଟାର୍ଟରେ ଥିଲା। ସାଙ୍ଗମାନଙ୍କ ସହ କଥା ହୋଇ ରହିଯାଇଥିବା ସେ ଥାନାଧିକାରୀଙ୍କୁ କହିଥିଲେ। ଏହି ସମୟରେ ତାଙ୍କ ସହ ଥିବା ଜଣେ ବନ୍ଧୁ ହସିଦେବାରୁ ଥାନାଧିକାରୀ ଉତ୍ତ୍ୟକ୍ତ ହୋଇ ଚାପୁଡ଼ା ମାରିଥିଲେ। ତାଙ୍କ ସାମ୍ନାରେ ହସିଲେ ବାଡ଼େଇବି ବୋଲି କହିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଜନସାଧାରଣଙ୍କୁ ପୋଲିସ ମାଡ଼ ମାରିବା ଅଗଣତାନ୍ତ୍ରିକ। ଥାନାଧିକାରୀଙ୍କୁ ଜିଲାରୁ ଅନ୍ୟତ୍ର ବଦଳି ଏବଂ କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନକୁ ବ୍ୟାପକ କରାଯିବ। ଗୁରୁବାର ପରଜଙ୍ଗ ଥାନା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଯୁବମୋର୍ଚ୍ଚା ସଭାପତି ମହଦୀପ ଯଶୋବନ୍ତ ମହିମା ସୂଚନା ନେଇଛନ୍ତି। ଏ ନେଇ ବୁଧବାର ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଯାଇଛି।

ତେବେ ଚାପୁଡ଼ା ମାରିଥିବା ଅଭିଯୋଗକୁ ଥାନାଧିକାରୀ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଦୋକାନୀମାନେ ବଜାରରେ ଛିଡ଼ାହୋଇଥିବାରୁ ସେ ସେଠାକୁ ଯାଇଥିଲେ। କାହିଁକି ଛିଡ଼ା ହୋଇଛ ବୋଲି ପଚାରିଥିଲେ। ଜଣେ ବ୍ୟକ୍ତି ତାଙ୍କୁ ଦେଖି ହସିଥିଲେ। ସେ କ'ଣ ଜୋକର ପରି ଦେଖାଯାଉଛି ଯେ ତାଙ୍କୁ ଦେଖି ହସିବେ ବୋଲି ଥାନାଧିକାରୀ ପ୍ରତିକ୍ରିୟାରେ କହିଛନ୍ତି।



ଜିଲା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପିଙ୍କୁ ଲିଖିତ ଅଭିଯୋଗପତ୍ର ଦିଆଯାଉଛି।

- ■ ବିବାଦରେ ପରଜଙ୍ଗ ଆଇଆଇସି
- ■ ଆଜି ଭାଜପାର ଥାନା ଘେରାଉ

# ସ୍କୁଲରେ ପଶି ମାଡ଼ ଅଭିଯୋଗ

ବଇଣ୍ଡା,୧୭।୧୧(ଡି.ଏନ.ଏ.)

ଠାକୁରଗଡ ଥାନା ଆମ୍ବସରମୁଣ୍ଡା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସରେ ମଙ୍ଗଳବାର ରାତିରେ ପଥରଗୁମ୍ଫା ଗ୍ରାମର ପ୍ରଶାନ୍ତ ନାୟକ ପଶି କର୍ମଚାରୀ ଲଳିତା ନାୟକଙ୍କୁ ମାଡ଼ ମାରିଥିବା ବୁଧବାର ଅଭିଯୋଗ ହୋଇଛି। ପୋଲିସ ନଂ. ୨୯୫/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଲଳିତା ଓ ପ୍ରଶାନ୍ତଙ୍କ ମଧ୍ୟରେ ପାରିବାରିକ ସମସ୍ୟା ଲାଗି ରହିଥିବାବେଳେ ମଙ୍ଗଳବାର ରାତିରେ ଲଳିତା ଛାତ୍ରୀ ନିବାସରେ ଥିବାବେଳେ ପ୍ରଶାନ୍ତ ପଶି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# ନାଇଜେରିଆନ୍ ଗ୍ୟାଙ୍ଗ୍ କରିଥିଲେ ହ୍ୟାକ୍

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

## ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରି ୭ଲକ୍ଷ ଠକେଇ ଘଟଣା

■ ମାଷ୍ଟର ମାଇଣ୍ଡଙ୍କୁ ପୂର୍ବରୁ ଦିଲ୍ଲୀ ପୋଲିସ ଗିରଫ କରିଛି

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ସିଇଓ ତଥା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରିବା ଏବଂ ୫ଜଣ ସମ୍ପର୍କୀୟଙ୍କୁ ମେସେଜ୍ କରି ୭ ଲକ୍ଷ ଟଙ୍କା ନେଇଯାଇଥିବା ଘଟଣାରେ ନାଇଜେରିଆ ଗ୍ୟାଙ୍ଗର ହାତ ଥିବା ସ୍ପଷ୍ଟ ହୋଇଛି। ଏନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ବୁଧବାର ସୂଚନା ଦେଇଛନ୍ତି। କ୍ରାଇମ୍‌ବ୍ରାଞ୍ଚର ସାଇବର୍ ଥାନା ଅଧିକ ତଦନ୍ତ କରି ସମ୍ପୃକ୍ତ ରାକେଟର ସଦସ୍ୟଙ୍କୁ ଧରିବାକୁ ତଦନ୍ତ ଜାରି ରଖିଛି। ତଦନ୍ତରୁ ଜଣାପଡ଼ିଛି, ଏହି ରାକେଟ୍‌ର ସଦସ୍ୟମାନେ ହ୍ୱାଟ୍ସଆପ୍‌କୁ ଏକ ଲିଙ୍କ୍ ପଠାଇ ଆପ୍‌କୁ ନିଜ ନିୟନ୍ତ୍ରଣକୁ ନେଇ ଯାଉଛନ୍ତି। ସେମାନେ ଉକ୍ତ ହ୍ୱାଟ୍ସଆପ୍‌ର ସମସ୍ତ ସମ୍ପର୍କୀୟଙ୍କୁ ସାହାଯ୍ୟ ମାଗି ଲକ୍ଷ ଲକ୍ଷ ଟଙ୍କା ନେଇଯାଉଛନ୍ତି। ତେବେ ନଭେମ୍ବର ୧ରେ ଏଭଳି ଠକେଇ ମାମଲାରେ ଦିଲ୍ଲୀ ପୋଲିସ ଉକ୍ତ ନାଇଜେରିଆ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଚିମେଲିନ୍ ଇମାନୁଏଲ୍ ଆନିଏତାଲୁଙ୍କୁ ଗିରଫ କରିଥିଲା। ତେବେ ଉକ୍ତ ଗ୍ୟାଙ୍ଗର ଅନ୍ୟ ଜଣେ ସଦସ୍ୟ ବାଙ୍ଗାଲୋରରେ ରହି ଏହି ଠକେଇ କରିଛନ୍ତି। ସେ ବି ଦିଲ୍ଲୀ ପୋଲିସର ୱାଣ୍ଟେଡ୍ ଲିଷ୍ଟରେ ଅଛନ୍ତି। ସେ ଫେରାର ଥିବାରୁ କ୍ରାଇମ୍‌ବ୍ରାଞ୍ଚ ତାଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

ଏଡିଜି ସଞ୍ଜୀବ ପଣ୍ଡାଙ୍କ କହିବା ଅନୁଯାୟୀ, କ୍ରାଇମ୍‌ବ୍ରାଞ୍ଚ ଦିଲ୍ଲୀ ପୋଲିସ ସହ ଯୋଗାଯୋଗରେ ଅଛି। ଦିଲ୍ଲୀ ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚର ମିଳିତ ଉଦ୍ୟମରେ ସମ୍ପୃକ୍ତ ହ୍ୟାକରଙ୍କୁ ଗିରଫ କରିବାକୁ ଚେଷ୍ଟା କରାଯାଉଛି। ଠକେଇରୁ ବର୍ତ୍ତିବା ପାଇଁ ହ୍ୱାଟ୍ସଆପ୍‌କୁ ଆସୁଥିବା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ। ଏଥିସହ ହ୍ୱାଟ୍ସଆପ୍‌ରେ ଥିବା ଟୁ ଷ୍ଟେପ୍ ଭେରିଫିକେଶନକୁ ଅନୁସରଣ କରିବା ସହ କୌଣସି ଲୋକଙ୍କୁ ଟଙ୍କା ପଠାଇବା ପୂର୍ବରୁ ତାଙ୍କ ସହ କଥାବାର୍ତ୍ତା ହେବା ପାଇଁ ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଏକ ଅଜଣା ନମ୍ବରରୁ ମନୋଜଙ୍କ ଫୋନ୍‌କୁ ଏକ କଲ୍ ଆସିଥିଲା। ହେଲେ ୩୦ ସେକେଣ୍ଡ ଧରି କେହି କିଛି ନ କହିବାରୁ ସେ ଉକ୍ତ କଲ୍‌କୁ କାଟି ଦେଇଥିଲେ। ପରେ ଜଣେ ସମ୍ପର୍କୀୟ ମନୋଜଙ୍କୁ ଫୋନ୍ କରି ତାଙ୍କ ନାମରେ କେହି ଜଣେ ଟଙ୍କା ମାଗୁଥିବା ଜଣାଇଥିଲେ। ହ୍ୱାଟ୍ସଆପ୍ କଲ୍ କରୁଥିବା ବ୍ୟକ୍ତିଜଣକ ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଖରାପ ରହିଥିବା ଜଣାଇ ଆର୍ଥିକ ସହାୟତା ଚାହିଁବାରୁ ସେ କିଛି ଟଙ୍କା ଦେଇଥିବା ଜଣାଇଥିଲେ। ପରେ ଆଉ କେତେଜଣ ସମ୍ପର୍କୀୟ ଫୋନ୍ କରି ଠକଙ୍କୁ ଟଙ୍କା ଦେଇଥିବା ମନୋଜଙ୍କୁ କହିବାରୁ ତାଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରାଯାଇଥିବା ସେ ଜାଣିବାକୁ ପାଇଥିଲେ। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। କ୍ରାଇମ୍‌ବ୍ରାଞ୍ଚ ନିଜ ଆଡୁ ମାମଲା (ନଂ.୨୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## ସଂକ୍ଷେପରେ

### ରଘୁନାଥଜୀଉଙ୍କ କୃଷ୍ଣ ବଳରାମ ବେଶ



**ଓଡ଼ଗାଁ,୧୭।୧୧(ସ୍ୱ.ପ୍ର.):** ବୁଧବାର କାର୍ତ୍ତିକ ପଞ୍ଚୁକ ଅବସରରେ ଓଡ଼ଗାଁର ଶ୍ରୀରଘୁନାଥଜୀଉ ବୁଧବାର କୃଷ୍ଣ ବଳରାମ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ସନ୍ଧ୍ୟା ଆଳତୀ ପୂର୍ବରୁ ଶ୍ରୀଜୀଉଙ୍କୁ ଏହି କମନୀୟ ବେଶରେ ପାଳିଆ ପଣ୍ଡା ଓ ପୂଜକ ପରିଷଦ ସଜ୍ଜିତ କରିଥିଲେ । ସନ୍ଧ୍ୟା ଆଳତୀ ଅବସରରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଦର୍ଶନ ନିମନ୍ତେ ଅପେକ୍ଷାରେ ରହିଥିଲେ । ମନ୍ଦିର ପୂଜକ ପରିଷଦ ସଦସ୍ୟ ଓ ମନ୍ଦିର ପରିଚାଳକ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିଥିଲେ ।

### କାହ୍ନାଙ୍କ ଚିକିତ୍ସା ପାଇଁ ସହାୟତା

**ନୟାଗଡ଼ ଅଫିସ,୧୭।୧୧:** ନୟାଗଡ଼ ଜିଲା ଭାପୁର ବ୍ଲକ ଜାମୁସାହି ଭାପୁର ରାସ୍ତାରେ ଟ୍ରକ ଧକ୍କାରେ ବାମ ଘୋଡ ହରାଇଥିବା ଆହତ କାହ୍ନା ମହାନ୍ତି (୧୦)କୁ ନୟାଗଡର ଅନନ୍ୟା ଫାଉଣ୍ଡେସନ ୭ ହଜାର ଟଙ୍କା ସହାୟତା ଦେଇଛି । କାହ୍ନାର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଉଦ୍ଦେଶ୍ୟରେ ନିବେଦନ କରିଛନ୍ତି ଆହତଙ୍କ ବାପା ଓ ମା' । କାହ୍ନାଙ୍କ ଚିକିତ୍ସା ପାଇଁ ୮ ଲକ୍ଷ ଟଙ୍କା ଦରକାର ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ ମାଲିକ ୧ ଲକ୍ଷ ଦେଇଛନ୍ତି । ପ୍ରକାଶ ଯେ ଫତେଗଡ ଥାନା ଜାମୁସାହି ନିକଟରେ ଗତ ଗୁରୁବାର ପୂର୍ବାହ୍ନରେ ମାଲବୋଝେଇ ଟିପ୍ପର ଧକ୍କାରେ ଜାମୁସାହିର ୪ ର୍ଥ ଶ୍ରେଣୀ ଛାତ୍ର କାହ୍ନା ଆହତ ହୋଇଥିଲେ । କାହ୍ନା ଏବେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି ।

### କାର୍ଯ୍ୟରେ ଯୋଗ ଦେଲେ ୨ ଆଇଆଇସି

**ନୟାଗଡ ଅଫିସ,୧୭।୧୧:** ନୟାଗଡ ଜିଲା ଓଡଗାଁ ଆଦର୍ଶ ଥାନାରେ ପୂର୍ଣ୍ଣଚନ୍ଦ୍ର ପଟାୟତ ଆଇଆଇସି ଭାବେ ବୁଧବାର ଦାୟିତ୍ୱ ନେଇଛନ୍ତି । ମଙ୍ଗଳବାର ଶରଣକୁଳ ଥାନାରେ ଜୟଦୀପ ମହାନ୍ତି କାର୍ଯ୍ୟରେ ଯୋଗ ଦେଇଥିଲେ । ଜୟଦୀପ ନୟାଗଡ ଟାଉନ ଥାନା ରୁ ବଦଳି ହୋଇଥିବାବେଳେ ଶରଣକୁଳ ଥାନାରୁ ଓଡଗାଁକୁ ପୂର୍ଣ୍ଣଚନ୍ଦ୍ର ବଦଳି ହୋଇଛନ୍ତି । ଉଭୟ ଆଇଆଇସି କହିଛନ୍ତି ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଗୁରୁତ୍ୱ ଦେବେ ।

### ସମ୍ପର୍କ ଯୋଡ଼ିବା ପାଇଁ ବନ୍ଧୁତା ସପ୍ତାହ

**ନୟାଗଡ଼ ଅଫିସ,୧୭।୧୧:** ସମ୍ପର୍କ ଯୋଡିବା ପାଇଁ ନୟାଗଡ଼ ଚାଇଲ୍ଡ ଲାଇନ ପକ୍ଷରୁ ବନ୍ଧୁତା ସ୍ଥାପନ କାର୍ଯ୍ୟକ୍ରମ ବୁଧବାର ନୟାଗଡ଼ ଜିଲାରେ ଆରମ୍ଭ ହୋଇଛି । ବୁଧବାର ଇଟାମାଟି ଥାନା ଓ ଏସପିଙ୍କ କାର୍ଯ୍ୟାଳୟରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ଥାନା କର୍ମଚାରୀଙ୍କୁ ଶିଶୁମାନେ ହାତରେ ସୁରକ୍ଷା ବନ୍ଧନ ବାନ୍ଧିଥିଲେ । ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ରୋକିବା, ଅସୁବିଧାରେ ପଡିଥିବା ଶିଶୁଙ୍କ ଖବର ଶୀଘ୍ର ଜାଣିବା ଓ ଶିଶୁଙ୍କୁ ଉଦ୍ଧାର ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଚାଇଲ୍ଡ ଲାଇନ ସଂଯୋଜିକା ରାଜସ୍ମିତା କର, ସଦସ୍ୟ ଚନ୍ଦ୍ର ଶେଖର ବେହେରା, ସୁଜାତା ବେହେରା, ଅଳକା ପାହାଡସିଂହ, ସଞ୍ଜୟ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

# ବଢୁଛି ଶୋଷଣ, ଅସୁରକ୍ଷିତ ଶ୍ରମିକ

**ନୟାଗଡ଼ ଅଫିସ,୧୭।୧୧**

ଶ୍ରମିକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଶୋଷଣ କରାଯାଉଛି । ଶିକ୍ଷାର ଅଭାବ ତଥା ଅଭିଯୋଗ କରିବାର ସାହାସ ନ ଥିବାରୁ ନିରୀହ ଶ୍ରମିକ ଶୋଷଣର ଶୀକାର ହୋଇ ଚାଲିଛନ୍ତି । କେଉଁଠି ଶାରୀରିକ ନିର୍ଯାତନା ଦିଆଯାଉଛି ତ ଆଉ କେଉଁଠି ବିନା ପାରିଶ୍ରମିକରେ ଗୋଟି ଖଟା ଯାଉଛି। ଶ୍ରମିକଙ୍କୁ ସେମାନଙ୍କ ଉଚିତ୍ ପ୍ରାପ୍ୟ ଦେବା ଓ ଶୋଷଣରୁ ମୁକ୍ତ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ ବାଟବଣା ହୋଇ ଯାଇଛି । ଶ୍ରମିକ ନିର୍ଯାତନା ବଢୁଛି ସିନା ହ୍ରାସ ପାଇବାର କୌଣସି ସଙ୍କେତ ମିଳୁ ନାହିଁ । ସରକାରୀ ଯୋଜନା ଅପହଞ୍ଚ ହେଉଥିବାରୁ ଶ୍ରମିକ ଅସୁରକ୍ଷିତ ହୋଇ ପଡୁଥିବା ଅଭିଯୋଗ ରହିଛି ।

ଜିଲାର ବିଭିନ୍ନ ଦୋକାନ, ଗୋଦାମ, ନର୍ସିଂହୋମ, ସୋରୁମ୍ ଆଦି ବାଣିଜ୍ୟିକ ପ୍ରତିଷ୍ଠାନରେ ନିୟୋଜିତ ଶ୍ରମିକମାନେ ସର୍ବନିମ୍ନ ମଜୁରୀ ଆଇନ ଅନୁଯାୟୀ ପାଉ ନାହାନ୍ତି । ଅଣକୁଶଳୀ ଶ୍ରମିକ ୩୧୫, ଅର୍ଦ୍ଧକୁଶଳୀ ଶ୍ରମିକ ୩୫୫, କୁଶଳୀ ଶ୍ରମିକ ୪୦୫, ଅତିକୁଶଳୀ ଶ୍ରମିକ ୪୬୫ ଟଙ୍କା ପାଇବା ପାଇଁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ଅକ୍ଟୋବର ୧ରୁ ରାଜ୍ୟ ସରକାର ଏହି ସର୍ବନିମ୍ନ ମଜୁରୀ ଘୋଷଣା ହୋଇଥିବା ଜିଲା ଶ୍ରମ ଅଧିକାରୀ କାର୍ଯ୍ୟାଳୟରୁ ଜଣାପଡଛି । ତେବେ ଏହି ମଜୁରୀ ଶ୍ରମିକମାନେ ପାଉ ନ ଥିବା ଅଭିଯୋଗ ରହିଛି । ଅନ୍ୟପକ୍ଷେ ମାସକୁ ୪ଟି ସାପ୍ତାହିକ ଛୁଟି ଓ ବର୍ଷକୁ ଅଗଷ୍ଟ ୧୫, ଜାନୁୟାରୀ ୨୬, ଶ୍ରମିକ ଦିବସ ଓ ଗାନ୍ଧୀ ଜୟନ୍ତୀ ପରି ୪ଟି ଜାତୀୟ ଛୁଟି ବି ଦିଆଯାଉନି । ଦୈନିକ ୮ଘଣ୍ଟା କାର୍ଯ୍ୟ କରିବାର ନିୟମ ଥିବାବେଳେ ୧୦ରୁ ୧୨ ଘଣ୍ଟା ଖଟିବାକୁ ବାଧ୍ୟ କରାଯାଉଛି । ଓଭର ଟାଇମ ମଜୁରୀର ୨ ଗୁଣା ପାଇବାକୁ ନିୟମ ଥିବାବେଳେ ସେହି ଘୋଷଣା ଶୀତଳଭଣ୍ଡାରରେ ପଡିଛି । ଜଣେ ଶ୍ରମିକ, କର୍ମଚାରୀ ବର୍ଷକୁ ଅତି କମ୍‌ରେ ୮.୩୩ ପ୍ରତିଶତ ବୋନସ ପାଇବାର ନିୟମ ରହିଛି। ଦଶହରା,ଦୀପାବଳି ସମୟରେ କର୍ମଚାରୀଙ୍କୁ ବୋନସ ଦେବାର ନିୟମ ଥିବାବେଳେ ମାଲିକମାନେ ସେହି ନିୟମକୁ ଫୁ କରି ଉଡାଇ ଦେଉଛନ୍ତି। ପ୍ରତିବାଦ କଲେ ଚାକିରୀ ଛାଡି ଦିଅ ବୋଲି ଧମକ ମିଳୁଛି। ଏପରିକି କେତେଜଣଙ୍କୁ ଚାକିରୀରୁ ଛଟେଇ କରି ଦିଆଯାଉଛି । ସେଥିପାଇଁ କେତେଜଣ ଶ୍ରମିକ,କର୍ମଚାରୀ ବାଧ ହୋଇ ଚାକିରୀ ଛାଡୁଛନ୍ତି । ଅନ୍ୟପକ୍ଷେ ନୟାଗଡ଼ ଜିଲାର ଶ୍ରମିକମାନଙ୍କ ନାମକୁ ଭବିଷ୍ୟନିଧି ପାଣ୍ଠିରେ ପଞ୍ଜିକୃତ କରାଯାଉନି । ଫଳରେ ଶ୍ରମିକମାନେ ବାର୍ଦ୍ଧକ୍ୟ ସମୟରେ ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି। ଭବିଷ୍ୟନିଧି ପାଣ୍ଠିର ବିଭାଗୀୟ ନିରୀକ୍ଷକଙ୍କ ଅଣଦେଖା ଯୋଗୁ ନୟାଗଡ଼ର ଶ୍ରମିକଭାବେ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଲାଭରେ ମାଲିକ ଅଥବା ପରିଚାଳନା ଗତ ସଂସ୍ଥା ରହୁଛନ୍ତି । ଭବିଷ୍ୟନିଧି ପାଣ୍ଠି କାର୍ଯ୍ୟାଳୟ ପକ୍ଷରୁ ଯଦି ଏହାର ଯାଞ୍ଚ କରାଯାଆନ୍ତା ତେବେ ଅନେକ ଶ୍ରମିକ ଲାଭବାନ ହୁଅନ୍ତେ ବୋଲି ମତ ପ୍ରକାଶ ପାଇଛି ।

- ୧୦ରୁ ୧୨ଘଣ୍ଟା ଖଟିବାକୁ ବାଧ୍ୟ କରାଯାଉଛି
- ସରକାରଙ୍କ ଘୋଷିତ ମଜୁରି ମିଳୁନାହିଁ

### ବିନା ବୀମାରେ ଚାଲିଛି କାମ

ଅଧିକାଂଶ ଶ୍ରମିକ ବିପଦସଙ୍କୁଳ ସ୍ଥାନରେ କାମ କରୁଛନ୍ତି । ହେଲେ ସେମାନଙ୍କୁ ବୀମା ଭୁକ୍ତ କରାଯାଉନି । ଫଳରେ କୌଣସି ଦୁର୍ଘଟଣ ଘଟିଲେ ସେମାନଙ୍କ ପରିବାର ବୀମାରାଶି ପାଇ ପାରୁ ନାହାନ୍ତି । ଆହତ ହେଲେ ବୀମା ବାବଦକୁ ଚିକିତ୍ସା ସହାୟତା ମିଳୁନି । ଏପରିକି ସେହି ଶ୍ରମିକ କାମ କରୁ ନ ଥିବା ସଫେଇ ଦିଆଯାଉଛି । ବୀମା ସୁବିଧାରୁ ଶ୍ରମିକମାନଙ୍କୁ ବଞ୍ଚିତ କରାଯାଉଥିଲେ ମଧ୍ୟ ଜିଲା ଶ୍ରମ ଦପ୍ତର ଏ ଦିଗରେ ପଦକ୍ଷେପ ନେଉନାହିଁ। ମାଲିକ ଅଥବା ପରିଚାଳନା ଗତ ସଂସ୍ଥା ଉପରେ ଶ୍ରମ ବିଭାଗର କାର୍ଯ୍ୟାନୁଷ୍ଠାନ ଜାରି ରହିଲେ ଶ୍ରମିକମାନେ ଉପେକ୍ଷିତ ହୁଅନ୍ତେ ନାହିଁ ବୋଲି ବହୁ ଶ୍ରମିକ କହିଛନ୍ତି ।

### ଦାଦନ ରୋକି ପାରୁନି ଯୋଜନା

ବର୍ଷ ତମାମ ନୟାଗଡ଼ ଜିଲାରୁ ଶ୍ରମିକ ରାଜ୍ୟ ଓ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି । ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାମ କରୁଥିଲେ ହେଁ ଦାଦନ ସମସ୍ୟାକୁ ରୋକାଯାଇ ପାରୁନାହିଁ । ଜିଲାର ବିଭିନ୍ନ ସଂସ୍ଥାରେ ନିୟୋଜିତ କର୍ମଚାରୀ ଓ ଶ୍ରମିକମାନେ ନିର୍ଯାତିତ ହେବା ପରେ ଅଧିକ ପାରିଶ୍ରମିକ ଆଶାରେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲି ଯାଉଛନ୍ତି । ହେଲେ ନୟାଗଡ଼ ଜିଲାରୁ କେତେଜଣ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି ତାର ହିସାବ ଶ୍ରମ ବିଭାଗ ପାଖରେ ନାହିଁ । ଜିଲା ଶ୍ରମ ବିଭାଗକୁ ଯୋଗାଯୋଗ କଲେ ଉତ୍ତର ମିଳୁଛି ଆମ ପାଖରେ କେହି ନିଜର ନାମ ପଞ୍ଜିକୃତ କରି ଦାଦନ ଖଟିବାକୁ ଯାଉ ନାହାନ୍ତି । ଏଣୁ ସେମାନଙ୍କ ତଥ୍ୟ ଆମ ପାଖରେ ଉପଲବ୍ଧ ହେଉ ନାହିଁ ।

## ବେଆଇନ ପାଣି ଫ୍ୟାକ୍ଟ୍ରି ଉପରେ ଚଢ଼ାଉ

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ ଫୁଡ୍ ସେଫ୍ଟି ଅଫିସର ବୁଧବାର ଘଡୁଆଳର ଏକ ବେଆଇନ ପାଣି ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରି ୫ହଜାର ଫାଇନ ଆଦାୟ କରିଛନ୍ତି। ଏଠାରେ ଚାଲିଥିବା ପାଣି ଫ୍ୟାକ୍ଟ୍ରି ଉପରେ ଫୁଡ୍ ସେଫ୍ଟି ଅଫିସର ଗତ କିଛି ଦିନ ତଳେ ଚଢ଼ାଉ କରି ୫ ହଜାର ଜରିମାନା ଆଦାୟ କରିବା ସହ ନୋଟିସ୍ କରିଥିଲେ । ତେବେ ଫ୍ୟାକ୍ଟ୍ରିଟି ବନ୍ଦ ନ ହୋଇ ଚାଲୁ ରହିଛି । ଆଗକୁ ଫ୍ୟାକ୍ଟ୍ରି ବନ୍ଦ ନ ହେଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି । ସେହିପରି ଇଟାମାଟି ବଜାରରୁ ପାଣି ସାମ୍ପୁଲ ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପରୀକ୍ଷାଗାରକୁ ପଠାଯାଇଛି ।

## ହିରଣ୍ୟ ବିଦାରଣ ବେଶ

**ନୟାଗଡ଼ ଅଫିସ,୧୭।୧୧**

ଓଡିଶାର ପ୍ରସିଦ୍ଧ ଶୈବପୀଠ ନୟାଗଡ଼ ଜିଲା ଶରଣକୂଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କର ପଞ୍ଚୁକ ବେଶ ଅବସରରେ ଭିଡ ଲାଗି ରହିଛି । ଭକ୍ତମାନେ ମାସ୍କ ପରିଧାନ କରି କରୋନା କଟକଣାରେ ଠାକୁରଙ୍କର ବେଶ ଦର୍ଶନ କରୁଛନ୍ତି । ବୁଧବାର ଶ୍ରୀଜୀଉ ହିରଣ୍ୟ ବିଦାରଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସୁନୀଲ ବଡପଣ୍ଡା, ଭଗବାନ ବଡପଣ୍ଡା, ଗୋଲକ ବିହାରୀ ବଡପଣ୍ଡା, ପ୍ରଫୁଲ୍ଲ ବଡପଣ୍ଡା, ଲୋକନାଥ ପୁଷ୍ପାଳକ, ପବି ମହାପାତ୍ର ପ୍ରମୁଖ ମହାପ୍ରଭୁଙ୍କର ବେଶ କରାଇଥିବା ମନ୍ଦିର ପରିଚାଳକ ସୁବାସ ବରାଡ କହିଛନ୍ତି ।

# ନୀଳମାଧବ ଜୀଉଙ୍କ କାଞ୍ଚି ଅଭିଯାନ ବେଶ

**ଖଣ୍ଡପଡ଼ା,୧୭।୧୧(ସ୍ୱ.ପ୍ର.)**



କାଞ୍ଚି ଅଭିଯାନ ବେଶରେ ଶ୍ରୀନୀଳମାଧବ ।



ଶ୍ରୀଜଗନ୍ନାଥଙ୍କ ନଟବର ବେଶ ।

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଶ୍ରୀନୀଳମାଧବ ଜୀଉଙ୍କ ବୁଧବାର କାଞ୍ଚି ଅଭିଯାନ ବେଶ ଅନୁଷ୍ଠିତ ହୋଇଛି । କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନରେ ଠାକୁରଙ୍କ ୧୦ଟି ବେଶ ହୋଇଥାଏ । ଆଜି ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ନଟବର ବେଶରେ ସଜ୍ଜିତ କରାଯାଇଥିଲା । ସନ୍ଧ୍ୟାରେ ଠାକୁରଙ୍କୁ କାଞ୍ଚି ଅଭିଯାନ ବେଶରେ ସଜ୍ଜିତ କରାଯାଇଥିଲା ।

ପବିତ୍ର କାର୍ତ୍ତିକ ବ୍ରତ ଅବସରରେ ଶ୍ରୀ ନୀଳମାଧବଙ୍କୁ ଏହି ଆକର୍ଷଣୀୟ ବେଶରେ ଦର୍ଶନ କରିବାକୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ଭକ୍ତମାନେ ଏହି ବେଶ ଦେଖି ଆତ୍ମ ତୃପ୍ତି ଲାଭ କରିଥିଲେ। ସେହିପରି ପବିତ୍ର ପଞ୍ଚକ ଅବସରରେ ବଡ଼ଓଷା ତିଥିରେ ଖଣ୍ଡପଡ଼ା ଶ୍ରୀ ଜଗନ୍ନାଥ ଜୀଉଙ୍କ ନଟବର ବେଶ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ମଦ ବେପାରୀ ଜେଲ ଗଲେ

**ନୂଆଗାଁ,୧୭।୧୧(ଡି.ଏନ.ଏ.)**

ନୟାଗଡ଼ ନୂଆଗାଁ ଥାନା ପୋଲିସ ବୁଧବାର ବାଇକ୍ ସହ ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ମଦ ବେପାରୀ ଦେବରାଜ ନାୟକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ସୋରଡା ଗ୍ରାମର ମଦ ବେପାରୀ ଦେବରାଜ ଏକ ବାଇକ୍‌ରେ ୨୪ ଲିଟର ଦେଶୀ ମଦ ନେଇ ଯାଉଥିବା ସମୟରେ ନୂଆଗାଁ ପୋଲିସ ହାବୁଡରେ ପଡିଥିଲେ । ଏ ନେଇ ନୂଆଗାଁ ଥାନାରେ ଏକ ମାମଲା (ନଂ.୧୪୯/୨୧) ରୁଜୁ ହୋଇଛି।

## ବାଘ ଆକ୍ରମଣରେ ଗାଈଆଳ ଆହତ

**ନୟାଗଡ଼ ଅଫିସ/ଦଶପଲ୍ଲା/ଗଣିଆ, ୧୭।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ବ୍ଲକ ବାଇଶିପଲ୍ଲୀ ଅଭୟାରଣ୍ୟ ଶଗଡଭଙ୍ଗା ଅଞ୍ଚଳରେ ଜଣେ ଗାଈଆଳ କଲରାପତରିଆ ବାଘ ଆକ୍ରମଣରେ ଆହତ ହୋଇଛନ୍ତି । ଆହତ ହେଲେ ସୋମନାଥ ମଲ୍ଲିକ(୪୦)। ଘର ଶଗଡଭଙ୍ଗାରେ । ତେବେ ଗାଈ ଗୋଠ ଯୋଗୁ ସୋମନାଥ ବର୍ତ୍ତି ଯିବାରେ ସକ୍ଷମ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଶଗଡଭଙ୍ଗା ଗାଁର ସୋମନାଥ ମଲ୍ଲିକ ବାଇଶିପଲ୍ଲୀ ଅଭୟାରଣ୍ୟ ଭିତରେ ମଙ୍ଗଳବାର ଗାଈ ଗୋଠକୁ ନେଇ ଚରାଉଥିଲେ । ନିକଟରେ ଗାଈ ଚରୁଥିବାବେଳେ ସେ ଏକସ୍ଥାନରେ ବସିଥିଲେ । ଏଭଳିସ୍ଥଳେ ପଛ ପାଖରୁ ଏକ କଲରାପତରିଆ ବାଘ ଆକ୍ରମଣ କରିଥିଲା। ସୋମନାଥ ଗାଈ ଗୋଠ ଭିତରକୁ ଚାଲିଯିବା ପରେ ବାଘଟି ପଳାଇ ଯାଇଥିଲା । ପରେ ଗାଈ ଗୋଠ ଆଣି ଘଟଣା ସମ୍ପର୍କରେ ପରିବାର ଓ ଗାଁ ଲୋକଙ୍କୁ ଅବଗତ କରାଇଥିଲେ। ପରିବାର ଲୋକମାନେ ପ୍ରଥମେ ସୋମନାଥଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ବୁଧବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

## ଗୋଡ଼ିପଡ଼ାରେ କୃଷକ ସମାବେଶ

**ନୟାଗଡ଼ ଅଫିସ,୧୭।୧୧**

ଗୋଡିପଡ଼ା ତଳସାହିରେ କୃଷକ ସମାବେଶ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶା କୃଷକ ସଭାର ଓଡଗାଁ ବ୍ଲକ ସଭାପତି ପବିତ୍ର ଇନ୍ଦ୍ରଜିତ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୩ କୃଷି ଆଇନ କିପରି ପ୍ରତ୍ୟାହାର ହେବ ଦେସ ନେଇ ଆଲୋଚନା ହୋଇଥିଲା । ସେହିପରି ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ଧାନ ଫସଲ ଓ ପନିପରିବା କ୍ଷତି ଭରଣା କରିବାକୁ ପ୍ରଶାସନକୁ ଅବଗତ କରିବାକୁ ନିଷ୍ପତ୍ତି ହୋଇଛି । ଆଲୋଚନାରେ ଚାଷୀ କପିଳ ସାହୁ, ଲକ୍ଷ୍ମୀଧର ସାହୁ, କୁବେର ମହାରଣା ପ୍ରମୁଖ ଯୋଗ ଦେଇ ଚାଷୀଙ୍କ ସମସ୍ୟା ଉପସ୍ଥାପନ କରିଥିଲେ ।

# ନୟାଗଡ଼ ଜିଲାପାଳଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

**ଖଣ୍ଡପଡ଼ା,୧୭।୧୧(ସ୍ୱ.ପ୍ର.)**

ଖଣ୍ଡପଡା ସହରର ଉପକଣ୍ଠରେ ନୂତନ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ପଡୁଥିବା ୧୫ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜାଗା ଯୋଗାଇ ଦେବାରେ ନୟାଗଡ଼ ଜିଲା ପ୍ରଶାସନ ଅବହେଳା ପ୍ରଦର୍ଶନ କରି ଆସୁଛି । ଫଳରେ ୫୭ କୋଟି ଟଙ୍କା ମଞ୍ଜୁର ପରେ ବି ଆବଶ୍ୟକ ଜାଗା ଚିହ୍ନଟ ହୋଇ ନ ପାରିବାରୁ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠାରେ ବାଧକ ସାଜିଥିଲା । ଏ ନେଇ ଭାରତୀୟ ବିକାଶ ପରିଷଦର ଖଣ୍ଡପଡା ବ୍ଲକ ସଭାପତି ନିରଞ୍ଜନ ଦାସ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ଉଚ୍ଚ ନ୍ୟାୟାଳୟ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ଓପିଟିସିଏଲ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକୀୟ ଜାଗା ଯୋଗାଇ ଦେବାକୁ ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ନୟାଗଡ଼ ଜିଲାପାଳ ଡ.ପୋମା ଟୁଡୁ ନିର୍ଦ୍ଧାରିତ ସମୟର ବିଦ୍ୟୁତ୍ ଗ୍ରୀଡ ସ୍ଥାପନ ଲାଗି ଜାଗା ଯୋଗାଇ ଦେବା ତ ଦୂରର କଥା ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନ ଥିବା ନେଇ ଜଣା ପଡିବା ପରେ ଜିଲାପାଳଙ୍କ ବିରୋଧରେ ଅଦାଲତ ଆଦେଶ ଅବମାନନା ମାମଲା (ନଂଡବ୍ଲୁପିସି ନଂ- ୬୮୫୯/୨୧) ରୁଜୁ ହୋଇଥିବା ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ପରିତ୍ୟକ୍ତ ଘରେ ବୃଦ୍ଧାଙ୍କ ଅଭିଶପ୍ତ ଜୀବନ

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ ବ୍ଲକ ଘଡୁଆଳ ଗାଁରେ ଏକ ପରିତ୍ୟକ୍ତ ଘରେ ସୁଲେଇ ପାତ୍ର(୮୫) ଅଭିଶପ୍ତ ଜୀବନଯାପନ କରୁଛନ୍ତି । ସୁଲେଇଙ୍କର ୩ ପୁଅ ଥିଲେ ମଧ୍ୟ ସେମାନେ ମାଙ୍କୁ ପର କରି ଦେଇଛନ୍ତି । ପୁଣି ତାଙ୍କ ସ୍ୱାମୀ ୧୫ ବର୍ଷ ତଳେ ପ୍ରାଣ ହରାଇଥିଲେ । ବୃଦ୍ଧ ଅବସ୍ଥାରେ ପୁଅଙ୍କ ସହଯୋଗ ନପାଇ ଗାଁଲୋକଙ୍କ ସହାୟତାରେ କଷ୍ଟରେ ବଞ୍ଚି ରହିଛନ୍ତି ସୁଲେଇ। ଏନେଇ ଖବର ପାଇବା ପରେ ନୟାଗଡର ଅନନ୍ୟା ଫାଉଣ୍ଡେସନ ପହଞ୍ଚି ରନ୍ଧା ଖାଦ୍ୟ ଯୋଗାଇଛି । ଆଗାମୀ ଦିନରେ ରନ୍ଧା ଖାଦ୍ୟ ଜାରି ରହିବ ବୋଲି କୁହାଯାଇଛି ।

## ମହାପ୍ରୟାଣ ଦିବସ

**ନୟାଗଡ଼ ଅଫିସ,୧୭।୧୧**

ନୟାଗଡ଼ର ବୃନ୍ଦାଶ୍ରମ ସମର୍ପଣରେ ୫ମ ମୂଳ ଜଗଦଗୁରୁ ୧୦୦୮ ସ୍ୱାମୀ ଶ୍ରୀ କୃପାଳିଜୀମହାରାଜଙ୍କ ୮ମ ମହାପ୍ରାୟାଣ ଦିବସ ପାଳନ କରାଯାଇଛି । ଏ ଅବସରରେ ଭଜନ କୀର୍ତ୍ତନ କରାଯାଇ ଅନ୍ତେବାସୀମାନଙ୍କୁ ମାଗଣା ବସ୍ତ୍ର ବଣ୍ଟନ ସହ ଅନ୍ନ ଖାଇବାକୁ ଦିଆଯାଇଛି । ବଜ୍ର ଗୋପିକା ସେବା ମିଶନ ପକ୍ଷରୁ ଆୟୋଜିତ ଉତ୍ସବରେ ସମର୍ପଣ ପରିଚାଳନା କମିଟିର ସଭାପତି ପ୍ରମୋଦ ପଟ୍ଟନାୟକ ଓ ଅତିରିକ୍ତ ଏସପି ଉମାକାନ୍ତ ମଲ୍ଲିକ ଯୋଗ ଦେଇଥିଲେ ।

ନବଜାତ ଶିଶୁ ଯତ୍ନ ସପ୍ତାହ
୧୫ - ୨୧ ନଭେମ୍ବର ୨୦୨୧
NATIONAL HEALTH MISSION
DSPL - 254



ନିରାପତ୍ତା ଓ ଗୁଣବତ୍ତା ଯୁକ୍ତ ଲାଳନପାଳନ- ପ୍ରତ୍ୟେକ ନବଜାତ ଶିଶୁର ଜନ୍ମଗତ ଅଧିକାର

ସଚେତନ ରୁହନ୍ତୁ ଓ ନବଜାତ ଶିଶୁର ଉପଯୁକ୍ତ ଯତ୍ନ ନିଅନ୍ତୁ

- ଶିଶୁକୁ ଧରିବା/ଛୁଇଁବା ପୂର୍ବରୁ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରନ୍ତୁ ।
- ଶିଶୁର ନାହି ନାଡରେ କିଛି ଲଗାନ୍ତୁ ନାହିଁ ।
- କମ୍ ଓଜନର (୨୫୦୦ ଗ୍ରାମ୍‌ରୁ କମ୍) ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ କଙ୍ଗାରୁ ମା' ଯତ୍ନ ପଦ୍ଧତି ଆପଣାନ୍ତୁ ।
- ଶିଶୁକୁ ଉଷୁମ୍ ରଖିବା ପାଇଁ ମୁଣ୍ଡରେ ଟୋପି, ପାଦରେ ମୋଜା ଏବଂ ଦେହରେ ପରିଷ୍କାର କପଡା ଘୋଡାଇ ମା' ସହିତ ରହିବାକୁ ଦିଅନ୍ତୁ ।
- ଶିଶୁ ଜନ୍ମ ପରେ ପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରାନ୍ତୁ ।
- ଶିଶୁକୁ ମା'କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ ।
- ବିପଦପୂର୍ଣ୍ଣ ଲକ୍ଷଣ ଥିବା ଶିଶୁକୁ ଚିହ୍ନଟ କରିବା ଓ ଆବଶ୍ୟକ ସ୍ଥଳେ ଯଥାଶୀଘ୍ର ଚିକିତ୍ସା ପାଇଁ ଡାକ୍ତରଖାନା ନେବାପାଇଁ ବ୍ୟବସ୍ଥା କରନ୍ତୁ ।
- କୋଭିଡ୍ -୧୯ରୁ ସୁରକ୍ଷା ପାଇଁ ଶିଶୁର ଯତ୍ନ ଓ ସ୍ତନ୍ୟପାନ ସମୟରେ ନିଜ ହାତ ଧୋଇବା ସହିତ ମୁହଁରେ ମାସ୍କ ନିଶ୍ଚିତ ଲଗାନ୍ତୁ ।
- ଜନ୍ମ ପରେ ଶିଶୁର ବି.ସି.ଜି.,ହେପାଟାଇଟିସ୍ - ବି ଏବଂ ଓ.ପି.ଭି ଟୀକାକରଣ ସୁନିଶ୍ଚିତ କରାନ୍ତୁ ।

ଶିଶୁମାନଙ୍କର କୌଣସି ଅସୁସ୍ଥତା ଦେଖାଦେଲେ ତୁରନ୍ତ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ କରି ଡାକ୍ତରଖାନା ନିଅନ୍ତୁ ।

ଶିଶୁମାନଙ୍କ ଆବଶ୍ୟକୀୟ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାଦେୟରେ ଉପଲବ୍ଧ ।

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

OIPR-10003/13/0087/2122

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

# ଖବରଦାତାଙ୍କୁ ଗିରଫର ପ୍ରତିବାଦ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଖବରଦାତାମାନେ ।

**ନୟାଗଡ ଅଫିସ,୧୭।୧୧**

ଜଳେଶ୍ୱରର ଖବରଦାତାଙ୍କୁ ଗିରଫର ପ୍ରତିବାଦ ଓ ଜଳେଶ୍ୱର ଥାନାର ଆଇଆଇସିଙ୍କ ନିଲମ୍ବନ ଦାବିରେ ନୟାଗଡ଼ରେ ଖବରଦାତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ବୁଧବାର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁସାରେ ନକଲି ବ୍ରାଉନ ସୁଗାର କାରବାରର ଖବର ଛାପିଥିବା ଖବରଦାତା ରାଜେଶ ପ୍ରଧାନ ଆଇଆଇସିଙ୍କ ରୋଷର ଶିକାର ହୋଇଛନ୍ତି । ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇଥିବା ଅଭିଯୋଗ ରହିଛି । ଏନେଇ ନୟାଗଡ଼ର ଖବରଦାତାମାନେ ସାମ୍ବାଦିକ ଭବନରେ ଏକ ବୈଠକ କରିଥିଲେ । ପରେ ଏକ ଶୋଭାଯାତ୍ରାରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

### ଆଇଆଇସିଙ୍କ ନିଲମ୍ବନ ଦାବିରେ ସ୍ମାରକପତ୍ର

